

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୩ ସେପ୍ଟେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY SEPTEMBER 2020

Vol.No. 30 ■ No. 222 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College

Dibyasingpur, Udala,





Dist: Mayurbhanj

2nd Admission is going on

SUMMER COURSE:- 2nd Batch Admission

Starts from: Dt.19.03.2020 and Class Starts From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା, ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।

*For better development of students are taught by highly and well experienced faculties.*

Contact No: 9437294587, 9438232419, 9437443950,


# ଐତିହ୍ୟ କ୍ୟାବିନେଟ୍‌ରେ ୭ଟି ପ୍ରସ୍ତାବକୁ ମଂଜୁରୀ

## ♦ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ପାଇଁ କେନ୍ଦ୍ରକୁ ଦିଆଯିବ ପ୍ରସ୍ତାବ
## ♦ଏକଡେମୀ ପୁରସ୍କାର ରାଶି ବୃଦ୍ଧି



ଭୁବନେଶ୍ୱର ,୨।୯ (ନି.ପ୍ର): ଦ୍ୱିତୀୟ ଐତିହ୍ୟ କ୍ୟାବିନେଟ ବୈଠକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ରାଜ୍ୟ ସରକାର ଏହି ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ ବୈଠକରେ ୭ଟି ପ୍ରସ୍ତାବକୁ ମଂଜୁରୀ ଦେଇଛନ୍ତି । କ୍ୟାବିନେଟ୍ ନିଷ୍ପତି ସମ୍ପର୍କରେ ରାଜ୍ୟ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି ଯେ ଭାରତ ସରକାର ୧୯୬୪ ମସିହାରେ ଓଡ଼ିଶୀ ନୃତ୍ୟକୁ ଶାସ୍ତ୍ରୀୟ ନୃତ୍ୟ ଓ ୨୦୧୪ ମସିହାରେ ଓଡ଼ିଆ ଭାଷାକୁ ୬ଷ୍ଠତମ ଶାସ୍ତ୍ରୀୟ ଭାଷାର ମାନ୍ୟତା ଦେଇଛନ୍ତି । ଓଡିଶା ସରକାର୨୦୦୮ ମସିହାରେ ଓଡ଼ିଶୀ ସଂଗୀତକୁ ଶାସ୍ତ୍ରୀୟ ମାନ୍ୟତା ଦେଇଛନ୍ତି । ତେଣୁ ଓଡ଼ିଶୀ ସଂଗୀତ ସଂଗୀତକୁ ଶାସ୍ତ୍ରୀୟ ମାନ୍ୟତା ପାଇଁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ପ୍ରେରଣକୁ କ୍ୟାବିନେଟ୍ ବୈଠକରେ ଅନୁମୋଦନ କରାଯାଇଛି । ଅନ୍ୟଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତିରେ ସଂସ୍କୃତି ବିଭାଗ ଦ୍ୱାରା ପରିଚାଳିତ ବିଭିନ୍ନ ଏକାଡେମୀ ପୁରସ୍କାର ରାଶି ବୃଦ୍ଧି କରାଯିବା ପ୍ରସ୍ତାବକୁ ଅନୁମୋଦନ ମିଳିଛି । ଅତିବଡ଼ୀ, କବି ସମ୍ରାଟ, ଧର୍ମପଦ, ବ୍ୟାସକବି ପୁରସ୍କାର ବାବଦକୁ ଏଣିକି ୫ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ । ପୂର୍ବରୁ ଏହି ପୁରସ୍କାର ବାବଦକୁ ୧ ଲକ୍ଷ ଟଙ୍କା ଦିଆଯାଉଥିଲା । ସେହିପରି ଏକାଡେମୀ ପୁରସ୍କାର ରାଶି ୫୦ ହଜାରରୁ ୨ ଲକ୍ଷ ଟଙ୍କା ଏବଂ ଏକାଡେମୀ ସମ୍ବର୍ଦ୍ଧନା ପୁରସ୍କାର ରାଶି ୧ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି । ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ଜନ୍ମସ୍ଥାନ ସୁଆଣ୍ଡୋର ବିକାଶ କରାଯିବ । ଏଥି ପାଇଁ ୧୧ କୋଟି ଟଙ୍କା ଖର୍ଚ୍ଚ କରାଯିବାକୁ ନିଷ୍ପତି ହୋଇଛି । ଏହା ବ୍ୟତୀତ ରାଜ୍ୟର ସଂଗ୍ରହାଳୟ ଗୁଡ଼ିକରେ ଥିବା ପୋଥିଗୁଡ଼ିକର ଡିଜିଟାଇଜେସନ୍ ପାଇଁ କାମ ଚାଲିଛି । ରାଜ୍ୟ ସଂଗ୍ରହାଳୟ ଅଧିନରେ କଟକର ଆନନ୍ଦ ଭବନ, କେନ୍ଦୁବିଲ୍ୱ ଠାରେ ଥିବା ଜୟଦେବ ସଂଗ୍ରହାଳୟ ପାଇଁ ଏକ ସ୍ୱତନ୍ତ୍ର ନିର୍ଦ୍ଦେଶକ ପଦ ସୃଷ୍ଟି ପ୍ରସ୍ତାବ ଅନୁମୋଦନ ହୋଇଛି । ରାଜ୍ୟ ସଂଗ୍ରହାଳୟ ପାଇଁ ନିର୍ଦ୍ଦେଶାଳୟ ଏବଂ ନିର୍ଦ୍ଦେଶକ ପ୍ରସ୍ତାବ ମଂଜୁରୀ ହୋଇଛି । ରାଜ୍ୟ ସଂଗ୍ରହାଳୟ ଏବଂ ଆନନ୍ଦ ଭବନକୁ ଭର୍ଚୁଆଲ କରାଯିବା ପାଇଁ ପଦକ୍ଷେପ ନିଆଯାଇଛି । ସେହିପରି ଓଡ଼ିଶାର ଐତିହ୍ୟ, କୀର୍ତିରାଜି, ମନ୍ଦିର, ସ୍ତୁପ, ଭାସ୍କର୍ଯ୍ୟର ରକ୍ଷଣାବେକ୍ଷଣ, ଓଡ଼ିଆ ଭାଷା, ସାହିତ୍ୟ ସଂସ୍କୃତି କାର୍ଯ୍ୟାବଳୀ ସଂସ୍କୃତି ବିଭାଗର ଜଣେ ନିର୍ଦ୍ଦେଶକଙ୍କ ପରିଚାଳନାରେ ସଂପାଦିତ ହେଉଥିବାରୁ ଅସୁବିଧା ହେଉଛି । ତେଣୁ ଏହାର ସୁପରିଚାଳନା ପାଇଁ ଏକ ସ୍ୱତନ୍ତ୍ର ନିର୍ଦ୍ଦେଶାଳୟ ପାଇଁ ପ୍ରସ୍ତାବ ଅନୁମୋଦନ କରାଯାଇଛି ।

# ଶୁକ୍ରବାର୍ ଯାଏଁ ବର୍ଷା ସମ୍ଭାବନା: ୨୧ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ



ଭୁବନେଶ୍ୱର ,୨।୯ (ନି.ପ୍ର): ପଶ୍ଚିମବଙ୍ଗର ବଙ୍ଗୋପସାଗର ଏବଂ ଉପକୂଳ ଆନ୍ଧ୍ରପ୍ରଦେଶ ଓ ଉତରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ଏହାର ପ୍ରଭାବରେ ରାଜ୍ୟର ଅଧିକାଂଶ ଜିଲ୍ଲାରେ ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ମଧ୍ୟମରୁ ପ୍ରବଳ ବର୍ଷା ସହ ବଜ୍ରପାତର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ବରଗଡ଼, ସୁନ୍ଦରଗଡ଼, ଝାରସୁଗୁଡା, ନୂଆପଡା, ନବରଙ୍ଗପୁର, ବଲାଙ୍ଗୀର, କଳାହାଣ୍ଡି, ରାୟଗଡା, ମାଲକାନଗିରି, କୋରାପୁଟ, ସୋନପୁର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସେହିପରି ଗଜପତି, କନ୍ଧମାଳ, ବୌଦ୍ଧ, ଅନୁଗୁଳ, ଢ଼େଙ୍କାନାଳ, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବଜ୍ରପାତ ହେବାର ସମ୍ଭାବନା ରହିଛି । ଏଥିସହ ଏହି ସମସ୍ତ ଜିଲ୍ଲା ମାନଙ୍କୁ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଅନ୍ୟପକ୍ଷରେ ଶୁକ୍ରବାର ଅପରାହ୍ନ ସୁଦ୍ଧା ରାଜ୍ୟର କିଛି ଜିଲ୍ଲାରେ ହାଲୁକାରୁ ମଧ୍ୟମ ବର୍ଷା କିମ୍ବା ଘଡଘଡି ସହିତ ବର୍ଷା ହେବାର ସମ୍ଭାବନା ରହିଛି । ଏହି ସମୟ ମଧ୍ୟରେ ଗଜପତି, ରାୟଗଡା, କନ୍ଧମାଳ, ସୁନ୍ଦରଗଡ, ଦେବଗଡ, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୁଳ ଏବଂ ଢ଼େଙ୍କାନାଳ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବଜ୍ରପାତ ହେବାର ସମ୍ଭାବନା ରହିଥିବାରୁ ଏହି ସମସ୍ତ ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ ।

# ୟୁଜି ଓ ପିଜି ପରୀକ୍ଷା ପାଇଁ ଅଧିକ ସମୟ ମାଗିଲା ରାଜ୍ୟ

ଭୁବନେଶ୍ୱର ,୨।୯ (ନି.ପ୍ର): ୟୁଜି ଓ ପିଜି ଶେଷ ସେମିଷ୍ଟର ପରୀକ୍ଷା ପାଇଁ ଅଧିକ ସମୟ ମାଗିଛନ୍ତି ରାଜ୍ୟ ସରକାର । ବୁଧବାର ଦିନ ଉଚ୍ଚଶିକ୍ଷା ବିଭାଗ ସଚିବ ଶାଶ୍ୱତ ମିଶ୍ର ୟୁଜିସି ସଚିବଙ୍କୁ ଚିଠି ଲେଖି ୟୁଜି ଓ ପିଜି ପରୀକ୍ଷା ଲାଗି ଅଧିକ ସମୟ ଦେବାକୁ ଅନୁରୋଧ କରିଛନ୍ତି । ରାଜ୍ୟରେ କରୋନା ସ୍ଥିତିକୁ ଦୃଷ୍ଟିରେ ରଖି ସପ୍ଟେମ୍ବର ୩୦ ପରିବର୍ତେ ଅକ୍ଟୋବର ୧୦ ତାରିଖ ପର୍ଯ୍ୟନ୍ତ ସମୟ ଦେବାକୁ ଚିଠିରେ ଉଲ୍ଲେଖ କରାଯାଇଛି । କୋଭିଡ୍-୧୯ ସ୍ଥିତିରେ ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ମାର୍ଗଦର୍ଶିକାର ଅନୁପାଳନ ଓ ସାମାଜିକ ଦୂରତ୍ୱ ବଜାୟ ରଖି ୟୁଜିସି ଦ୍ୱାରା ଧାର୍ଯ୍ୟ ସମୟସୀମା ସେପ୍ଟେମ୍ବର ୩୦ ତାରିଖ ମଧ୍ୟରେ ସମସ୍ତ ପରୀକ୍ଷା ଶେଷ କରିବା କଷ୍ଟକର ବୋଲି ଅଗଷ୍ଟ ୩୧ ତାରିଖରେ ଅନୁଷ୍ଠିତ ବୈଠକରେ ବିଶ୍ୱବିଦ୍ୟାଳୟର କୁଳପତି ଏବଂ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷମାନେ ମତ ଦେଇଥିଲେ । ପରୀକ୍ଷା ପରିଚାଳନା ପ୍ରସ୍ତୁତି ନିମନ୍ତେ ଅନ୍ତତଃ ପକ୍ଷେ ୨୦ ଦିନ ଆବଶ୍ୟକ ହୋଇଥାଏ ।

▶▶ପୃଷ୍ଠା ୭

# ଗୋଆର ମୁଖ୍ୟମନ୍ତ୍ରୀ କରୋନା ଆକ୍ରାନ୍ତ

ପାଣଜୀ,୨।୯ (ନି.ପ୍ର): ଗୋଆର ମୁଖ୍ୟମନ୍ତ୍ରୀ ଡା ପ୍ରମୋଦ ସାବନ୍ତ କରୋନା ସଂକ୍ରମିତ ହୋଇଛନ୍ତି । ସେ ନିଜେ ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ ସେ କରୋନା ସଂକ୍ରମିତ ହୋଇଛନ୍ତି । ତାଙ୍କ ନିକଟରେ କୌଣସି ଲକ୍ଷଣ ନ ଥିବା କାରଣରୁ ସେ ଘରେ ଏକାନ୍ତବାସରେ ଅଛନ୍ତି । ସେ ଘରୁ କାମ କରି ତାଙ୍କର ଦାୟିତ୍ୱ ନିର୍ବାହ କରିବେ । ତାଙ୍କ ସହ ସମ୍ପର୍କରେ ଆସିଥିବା ଲୋକ ମାନେ ଆବଶ୍ୟକୀୟ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଛନ୍ତି ।

# ବନ୍ୟା ଦୁର୍ଗତଙ୍କ ପାଇଁ କଂଗ୍ରେସର ୯ ଜଣିଆ ଟିମ୍

ଭୁବନେଶ୍ୱର ,୨।୯ (ନି.ପ୍ର): ରାଜ୍ୟରେ ବନ୍ୟା ପରିସ୍ଥିତି ସମୀକ୍ଷା କରିବା ପାଇଁ ଏଆଇସିସି ପକ୍ଷରୁ ବରିଷ୍ଠ ନେତା ତଥା ବିଧାୟକ ନରସିଂହ ମିଶ୍ରଙ୍କ ନେତୃତ୍ୱରେ ଏକ ୯ ଜଣିଆ କମିଟି ଗଠନ କରଯାଇଛି । ଏହି କମିଟିରେ ଦଳର ବରିଷ୍ଠ ନେତା ଭକ୍ତ ଦାସ, କାର୍ଯ୍ୟକାରୀ ସଭାପତି ପ୍ରଦିପ ମାଝୀ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ଶରତ ପଟ୍ଟନାୟକ, ବିଧାୟକ ସୁରେଶ କୁମାର ରାଉତରାୟ, ମହମ୍ମଦ ମୋକିମ ଓ ତାରା ବହିନିପତି ରହିଛନ୍ତି । ଏହି କମିଟି ଆସନ୍ତା ୭ ଦିନ ମଧ୍ୟରେ ସମୀକ୍ଷା କରି ପିସିସି ସଭାପତି ଏବଂ ଏଆଇସିସିର ଓଡିଶା ବ୍ୟାପାର ମୁଖ୍ୟଙ୍କୁ ରିପୋର୍ଟ ପ୍ରଦାନ କରିବେ ।

# ଏଣିକି ସବୁ ବିଶ୍ୱ ବିଦ୍ୟାଳୟ ପାଇଁ ଗୋଟିଏ ଆଇନ୍

## ■କୁଳପତିଙ୍କ କାର୍ଯ୍ୟକାଳ, ଅବସର ବୟସ ବୃଦ୍ଧି
## ■ୟୁନିଭର୍ସିଟି ସିନେଟ୍ ଉଚ୍ଛେଦ



ଭୁବନେଶ୍ୱର ,୨।୯ (ନି.ପ୍ର): ଓଡ଼ିଶା ୟୁନିଭର୍ସିଟି ଆକ୍ଟ-୧୯୮୯ରେ ବ୍ୟାପକ ପରିବର୍ତନକୁ ଅନୁମୋଦନ କରିଛନ୍ତି ରାଜ୍ୟ କ୍ୟାବିନେଟ । ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗର ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ମୋହର ଲଗାଯାଇଛି । କ୍ୟାବିନେଟର ନିଷ୍ପତି ସମ୍ପର୍କରେ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀକହିଛନ୍ତି ପୂର୍ବରୁ ରାଜ୍ୟର ବିଶ୍ୱବିଦ୍ୟାଳୟଗୁଡ଼ିକ ଭିନ୍ନ ଭିନ୍ନ ଆଇନ ଦ୍ୱାରା ପରିଚାଳିତ ହେଉଥିଲା । କିନ୍ତୁ ବର୍ତମାନ ଗୋଟିଏ ଆଇନ ଅନୁସାରେ ପରିଚାଳିତ ହେବ । ଏଥିଲାଗି ରେଭେନ୍ସା ୟୁନିଭର୍ସିଟି ଆକ୍ଟ-୨୦୦୫କୁ ଉଚ୍ଛେଦ କରାଯାଇଛି ଏବଂ ଓଡ଼ିଶା ୟୁନିଭର୍ସିଟି ଆକ୍ଟ-୧୯୮୯ରେ ବ୍ୟାପକ ପରିବର୍ତନ ଅଣାଯାଇଛି । ଏଣିକି ଏହି ଆଇନ ଅନୁସାରେ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ ପରିଚାଳିତ ହେବ । ବିଶ୍ୱବିଦ୍ୟାଳୟ ପରିଚାଳନାରେ ସିନେଟ୍‌ର ବିଶେଷ କିଛି ସକ୍ରିୟ ଭୂମିକା ରହୁ ନ ଥିବାରୁ ଏହାକୁ ଉଚ୍ଛେଦ କରାଯାଇଛି । ଏଥିସହ ସିଣ୍ଡିକେଟକୁ ଅଧିକ ଶକ୍ତିଶାଳୀ କରାଯିବା ଲାଗି ନିଷ୍ପତି ହୋଇଛି । ଅନ୍ୟପକ୍ଷରେ ବିଶ୍ୱବିଦ୍ୟାଳୟ ଗୁଡ଼ିକର କୁଳପତିଙ୍କ କାର୍ଯ୍ୟକାଳକୁ ୩ବର୍ଷରୁ ୪ବର୍ଷକୁ ବଢ଼ାଇ ଦିଆଯାଇଛି ଏବଂ ଅବସର ବୟସସୀମା ୬୭କୁ ବୃଦ୍ଧି କରାଯାଇଛି । ଏହାଦ୍ୱାରା ଜଣେ କୁଳପତି କାର୍ଯ୍ୟ କରିବାକୁ ଅଧିକ ସୁଯୋଗ ପାଇବେ । ସେହିପରି କୁଳପତି ଚୟନ ଲାଗି ରହିଥିବା ସର୍ଚ୍ଚ କମିଟିରେ ରାଜ୍ୟ ସରକାରଙ୍କ ପ୍ରତିନିଧି ଭାବେ ଜଣେ ଜଣାଶୁଣା ଶିକ୍ଷାବିତ ନିଯୁକ୍ତ ହେବେ । ବିଶ୍ୱବିଦ୍ୟାଳୟର ଅଧ୍ୟାପକମାନେ ଓଡ଼ିଶା ପବ୍ଲିକ୍ କମିସନ୍ ଦ୍ୱାରା ଚୟନିତ ହେବେ । ଏହା ବ୍ୟତୀତ ରାଜ୍ୟରେ ବିଶ୍ୱବିଦ୍ୟାଳୟ ସଂଖ୍ୟା ବୃଦ୍ଧି ପାଇଥିବାରୁ

▶▶ପୃଷ୍ଠା ୭

# ରାଜ୍ୟରେ ଆଉ ୧୧ ଜଣଙ୍କର କରୋନାରେ ମୃତ୍ୟୁ: ମୃତ୍ୟୁ ସଂଖ୍ୟା ୫୧୪ ହେଲା

ଭୁବନେଶ୍ୱର,୨।୯ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧୧ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୫୧୪ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ଗଂଜାମ ଜିଲ୍ଲାର ତିନି ଜଣ ଥିବା ବେଳେ ଖୋର୍ଦ୍ଧା ଜିଲ୍ଲାର ୨ ଜଣ ଅଛନ୍ତି । ବାଲେଶ୍ୱର, ଭଦ୍ରକ, ଜଗତସିଂହପୁର, ପୁରୀ, ରାୟଗଡା ଓ ସମ୍ବଲପୁରର ଜଣେ ଜଣେ ମୃତ୍ୟୁବରଣ କରିଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲାର ଜଣେ ୫୭ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷ ମୃତ୍ୟୁବରଣ କରିଛନ୍ତି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପ ରୋଗରେ ପୀଡିତ ଥିଲେ। ଭଦ୍ରକ ଜିଲ୍ଲା ଜଣେ ୫୭ ବର୍ଷୀୟ କରୋନା ସଂକ୍ରମିତ ପୁରୁଷଙ୍କର ମୃତ୍ୟୁ ଘଟିଛି । । ସେ ମଧୁମେହ ଓ

▶▶ପୃଷ୍ଠା ୭

# ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଋଷ ଗସ୍ତରେ



ନୂଆଦିଲ୍ଲୀ,୨।୯ (ନି.ପ୍ର): ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଜି ଋଷ ଗସ୍ତରେ ଯାଇଛନ୍ତି । ସେ ତାଙ୍କର ଏହି ତିନି ଦିନିଆ ଯାତ୍ରାରେ ସେଠାରେ ଅନୁଷ୍ଠିତ ହେବାକୁ ଥିବା ସେ ସାଂଘାଇ କ ପେ ର୍ । ରେ ସ ନ ଅର୍ଗାନାଇଜେସନର ପ୍ରତିରକ୍ଷା ମନ୍ତ୍ରୀ ମାନଙ୍କର ସମ୍ମିଳନୀରେ ଯୋଗ ଦେବେ । ଏ ସମ୍ପର୍କରେ ସେ ଟ୍ୱିଟ କରି କହିଛନ୍ତି ଯେ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ବିଜୟର ୭୫ ବର୍ଷ ଉପଲକ୍ଷେ ସାଂଘାଇ ସହଯୋଗ ସଂଗଠନ, ସାମୁହିକ ସୁରକ୍ଷା ସନ୍ଧି ସଂଗଠନ ଓ ସିଆଇଏସ ସଦସ୍ୟ ମାନଙ୍କର ପ୍ରତିରକ୍ଷା ମନ୍ତ୍ରୀ ମାନଙ୍କର ମିଳିତ ବୈଠକରେ ଭାଗ ନେବାକୁ ଯାଉଛି । ଦ୍ୱିପାକ୍ଷିକ ସହଯୋଗ ଓ ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ବିଷୟ ଉପରେ ଆଲୋଚନା କରିବା ପାଇଁ ଋଷର ପ୍ରତିରକ୍ଷା ମନ୍ତ୍ରୀଙ୍କ ସହ ମଧ୍ୟ ଆଲୋଚନା କରିବି ।

# ପୁରୀ ବେଳାଭୂମି ବ୍ଲୁ ଫ୍ଲାଗ୍’ ମାନ୍ୟତା ପାଇଥିବାରୁ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ପରିବେଶ ମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ଧର୍ମେନ୍ଦ୍ର



ନୂଆଦିଲ୍ଲୀ/ଭୁବନେଶ୍ୱର,୨।୯ (ନି.ପ୍ର): ଆଗାମୀ ପର୍ଯ୍ୟଟନ ଋତୁରେ ବେଳାଭୂମି ପରିବେଶ ଏବଂ ସୌନ୍ଦର୍ଯ୍ୟ ପରିଚାଳନା ସେବା (ବିମ୍ସ) କାର୍ଯ୍ୟକ୍ରମ ଅଧୀନରେ ‘ବ୍ଲୁ ଫ୍ଲାଗ୍’ ମାନ୍ୟତା ପାଇବା ପାଇଁ ଅନ୍ତର୍ଜାତୀୟ ଜୁରି (ଡେନମାର୍କ)କୁ ସୁପାରିଶ କରାଯାଇଥିବା ଦେଶର ୮ଟି ଭାରତୀୟ ବେଳାଭୂମି ମଧ୍ୟରେ ସ୍ୱର୍ଣ୍ଣିମ ବେଳାଭୂମି ପୁରୀକୁ ମନୋନୀତ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ପରିବେଶ ମନ୍ତ୍ରୀ ପ୍ରକାଶ ଜାଭଡେକରଙ୍କୁ ଧନ୍ୟବାଦ ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଟ୍ୱିଟ୍ କରି କହିଛନ୍ତି ଏହି ଅଂଚଳକୁ ସୋସାଇଟି ଅଫ୍ ଇଂଟିଗ୍ରେଟେଡ୍ କୋଷ୍ଟାଲ୍ ମ୍ୟାନେଜମେଂଟ(ସିସକମ୍) ଏବଂ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତନ ମନ୍ତ୍ରଣାଳୟ ଦ୍ୱାରା ପାଇଲଟ୍ ବ୍ଲୁ ଫ୍ଲାଗ୍ ବିଚ୍ ଭାବେ ଚିହ୍ନଟ କରାଯାଇଛି । ବିମ୍ସ ପରିବେଶ ସୁରକ୍ଷା ଏବଂ ପ୍ରାକୃତିକ ସମ୍ପଦର ସଂରକ୍ଷଣର ଆବଶ୍ୟକତା ଭିତିରେ ଉପକୂଳବର୍ତୀ ଅଂଚଳର ବିକାଶ ପାଇଁ ନିରନ୍ତର କାର୍ଯ୍ୟ କରୁଅଛି । ସ୍ୱର୍ଣ୍ଣିମ ବେଳାଭୂମି ପୁରୀରେ ପର୍ଯ୍ୟଟକ ମାନଙ୍କୁ ସମସ୍ତ ସୁବିଧା ଦେବା ଏବଂ ସ୍ଥାୟୀ ପରିବେଶ ସୃଷ୍ଟି କରିବା ନେଇ ବିମ୍ସ ଅଧୀନରେ ସିସକମ୍ ବିଗତ ଅଢ଼େଇ ବର୍ଷରେ ୮.୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିଛି । ପୁରୀ ବେଳାଭୂମିରେ ସ୍ୱଚ୍ଛତା, ସବୁଜିମା, ବସିବା ପାଇଁ ଛତ୍ରୀ, ବାଥ୍ ଜୋନ, ଅତ୍ୟାଧୁନିକ ଶୌଚାଳୟର ସୁବିଧା, ପାନୀୟ ଜଳ, ପାର୍କିଂ ଓ ଆନୁଷାଙ୍ଗିକ ବ୍ୟବସ୍ଥା କରାଯାଇଛି । ସେହିପରି ପର୍ଯ୍ୟଟନ ମନୋରଞ୍ଜନ ସୁବିଧା ଗୁଡ଼ିକରେ ବାଉଁଶର ବ୍ୟାପକ ବ୍ୟବହାର,

▶▶ପୃଷ୍ଠା ୭

# ଚାଷୀଙ୍କୁ ଯୋଗାଇ ଦିଆଯିବ ପର୍ଯ୍ୟାପ୍ତ ୟୁରିଆ ସାର

## ଋଣ ଆବଶ୍ୟକ କରୁଥିବା ଚାଷୀଙ୍କୁ ଋଣ ଯୋଗାଇଦିଆଯିବ : କୃଷି ସଚିବ

ଭୁବନେଶ୍ୱର,୨।୯ (ନି.ପ୍ର): ରାଜ୍ୟରେ ଚାଷୀମାନଙ୍କୁ ପର୍ଯ୍ୟାପ୍ତ ପରିମାଣରେ ୟୁରିଆ ସାର ଯୋଗାଇ ଦେବାକୁ ନିଷ୍ପତି ହୋଇଛି । ଏପର୍ଯ୍ୟନ୍ତ ୬.୧୫ ମେଟ୍ରିକ୍ ଟନ୍ ୟୁରିଆ ଆସିଛି ବୋଲି କୃଷି ସଚିବ ସୌରଭ ଗର୍ଗ ବୁଧବାର ଅନୁଷ୍ଠିତ ଷଷ୍ଠ କୃଷି କ୍ୟାବିନେଟ୍ କମିଟି ବୈଠକର ନିଷ୍ପତି ସମ୍ପର୍କରେ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇ କହିଛନ୍ତି । ସେ କହିଛନ୍ତି ଯେ, ଖରିଫ ଋତୁରେ କ’ଣ ସ୍ଥିତି ରହିଛି ଆଜି କ୍ୟାବିନେଟ ବୈଠକରେ ଆଲୋଚନା ହୋଇଛି । ୬୧ ଲକ୍ଷ ହେକ୍ଟର ଫସଲ ଲକ୍ଷ୍ୟ ରଖାଯାଇଛି । ଏବେ ୫୫ ଲକ୍ଷ ହେକ୍ଟରରେ ଫସଲ ହୋଇସାରିଛି । ଗତ ବର୍ଷ ତୁଳନାରେ ଫସଲ ଏଥର ଭଲ ହେବ ବୋଲି ଆଶା କରାଯାଉଛି ।

▶▶ପୃଷ୍ଠା ୭

# ୨୪ ଘଂଟାରେ ଆଉ ୩,୩୦୩ ଆକ୍ରାନ୍ତ ସୁସ୍ଥ

ଭୁବନେଶ୍ୱର,୨।୯ (ନି.ପ୍ର): ରାଜ୍ୟର ୨୯ ଜିଲ୍ଲାରୁ ବୁଧବାର ଆଉ ୩ ହଜାର ୩୦୩ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଏଥି ସହିତ ରାଜ୍ୟରେ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୮୪,୦୭୩ରେ ପହଂଚିଛି । ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ଟୁଇଟ୍ ଜରିଆରେ ଏହି ସୂଚନା ଦିଆଯାଇଛି । ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଆଜି କଟକ ଜିଲ୍ଲାରେ ସର୍ବାଧିକ ୬୫୦ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ସେହିପରି ଖୋର୍ଦ୍ଧା ଜିଲ୍ଲାରୁ ଆଜି ଦ୍ୱିତୀୟ ସର୍ବାଧିକ

▶▶ପୃଷ୍ଠା ୭

# ଆୟ ବହିର୍ଭୁତ ସମ୍ପତି ଠୁଳ ଅଭିଯୋଗରେ ଚଢାଉ

ଭୁବନେଶ୍ୱର ,୨।୯ (ନି.ପ୍ର): ଭିଜିଲାନ୍ସ ପକ୍ଷରୁ ଆୟ ବହିର୍ଭୁତ ସମ୍ପତି ଠୁଳ ଅଭିଯୋଗରେ ଢେଙ୍କାନାଳ କୋପରେଟିଭ ସୋସାଇଟିର ସହକାରୀ ରେଜିଷ୍ଟ୍ରାର ବିଦ୍ୟାଧର ବେହେରାଙ୍କ ଘରେ ଆଜି ଆଜି ଚଢଉ କରା ଯାଇଛି । ଭିଜିଲାନ୍ସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଏକ କାଳୀନ ଭାବେ ତାଙ୍କର ଢେଙ୍କାନାଳ ଅଫିସ, ଭୁବନେଶ୍ୱର ଓ ଭଦ୍ରକ ଘରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢଉ କରାଯାଇଛି ।

# ଦୟାନଦୀ ଫୁଲୁଛି ଲୋକଙ୍କ ଦୁର୍ଦ୍ଦଶା ବଢୁଛି

କଣାସ,୨।୯ (ନି.ପ୍ର): ପୁରୀ ଜିଲ୍ଲା ଅନ୍ତର୍ଗତ କଣାସ ବ୍ଲକରେ ପ୍ରବାହିତ ହେଉଥିବା ଦୟାନଦୀ ଓ ତାର ଶାଖାନଦୀ ରାଜୁଆ, ମକରା, କାଣିଆ, ଲୁଣା ନଦୀରେ ଜଳପତନ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି । କଣାସ ଠାରେ ଦୟାନଦୀର ବିପଦ ସଂଙ୍କେତ ୩.୯୯ମି. ଥିବାବେଳେ ଆଜି ଅପରାହ୍ନରେ ୫.୩୩ମି. ଜଳ ପ୍ରବାହିତ ହେଉଥିବା ଜଣାପଡିଛି । ଦୟାନଦୀର ଗଡମାଟିଆପଡା ଏବଂ ତିରିମଲ୍ଲ ନିକଟରେ ହୋଇଥିବା ଘାଇ ଯୋଗୁଁ ଦୁର୍ଦ୍ଦଶା ବଢିବାରେ ଲାଗିଛି । ମାଟିଆପଡା ଠାରେ ଦୟାନଦୀରେ ହୋଇଥିବା ଘାଇ ଯୋଗୁଁ ବିଶେଷ ଭାବେ ପାଣ୍ଡିଆକେରା ପଚାଂୟତର ନୂଆସାହି, ଗଡମାଟିଆପଡା, ବଗିପଡା, ଘରଛିଆ, ପାଣ୍ଡିଆକେରା, ଶିମିଳିପାଟଣା, ବ୍ୟାପକ କ୍ଷତିଗ୍ର ସହୋଇଥିବା ବେଳେ ଗଡବଡପୁଟ ପଚାଂୟତର ଗଡବଡପୁଟର ବୀରକେଶରପୁର, ବାରଦା, ବାଦଲପୁର, ତିଗିରିଆ, ଡେଲାଙ୍ଗଚାରିପଡା, ଜୋରକଣି, ପାଣ୍ଡିଆବିରୀ ଗ୍ରାମ ବୁଡିରହିଛି । ପ୍ରତ୍ୟେକ ଗ୍ରାମ ଦାଣ୍ଡରେ ୫ ଫୁଟ୍‌ରୁ ଉର୍ଦ୍ଧ୍ୱ ଜଳ ସ୍ରୋତ ଛୁଟିଥିବା ବେଳେ ପ୍ରତ୍ୟେକ ବାସଗୃହରେ ୩ରୁ ୪ଫୁଟ୍ ପାଣି ଘେରରେ ରହିଛି। ୩ ଦିନ ହେଲା ବନ୍ୟାକ୍ଲିଷ୍ଟ ଲୋକମାନେ ନାହିଁ ନଥିବା ଦୁର୍ଦ୍ଦଶା ଭୋଗ କରୁଛନ୍ତି । ବନ୍ୟାକ୍ଲିଷ୍ଟ ଲୋକମାନଙ୍କ ଘରେ ୩ ଦିନ ହେଲା ଚୁଲି ଜଳୁନାହିଁ । ପ୍ରଶାସନ ପକ୍ଷରୁ ଚୂଡା, ଗୁଡ, ପାଣିବୋଲ ଯୋଗାଇଦିଆଯାଇଥିବା ବେଳେ ତାହା ସମୁଦ୍ରକୁ ଶଙ୍ଖେ ବୋଲି ବନ୍ୟାକ୍ଲିଷ୍ଟ ଲୋକମାନେ ଅଭିଯୋଗ କରିଛନ୍ତି । ବିଶେଷ କରି ମାଟିଆପଡାଠାରେ ହୋଇଥିବା ଘାଇଯୋଗୁ ନୂଆସାହି, ଗଡମାଟିଆପଡା, ଘରଛିଆ ଗ୍ରାମର ଲୋକମାନେ ଘରୁ କୁଟାଖିଅଟିଏ ମଧ ଉଦ୍ଧାର କରିପାରିନାହାନ୍ତି । ଧାନ, ଚାଉଳ, ବାସନ-କୁସନ, ଲୁଗାପଟା ଏପରିକି ଘରେ ଥିବା ମୋଟରସାକେଲ୍ ମଧ ଘାଇ ସୁଅରେ ଭାସିଯାଇଛି । ବନ୍ୟାପାଣି ବଢୁଥିବାରୁ ଲୋକଙ୍କ ଦୁର୍ଦ୍ଦଶା ବଢି ଚାଲିଛି । ତ୍ରିଲୋଚନପୁରଠାରୁ ଖୋର୍ଦ୍ଧାକୁ ସଂଯୋଗ କରୁଥିବା ପ୍ରଧାନମନ୍ତ୍ର ରାସ୍ତା ଗଡବଡପୁଟ ନିକଟରେ ରାସ୍ତା ଉପରେ ୪ ଫୁଟ୍ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି ।

## କଂଟି ଓ ମାଧିପୁର କାଜରୁ ବନ୍ୟାଜଳ ନିର୍ଗତ ହୋଇ ଡେଲାଙ୍ଗ : କଣାସ ଅଂଚଳ ଯୋଗାଯୋଗ ବିଚ୍ଛିନ୍ନ

କଣାସ,୨।୯ (ନି.ପ୍ର): ଦୟାନଦୀରେ ବନ୍ୟାଜଳ ବିପଦ ସଂକେତର ବହୁ ଉପରେ ପ୍ରବାହିତ ହେଉଥିବାରୁ କଂଟି ଓ ମାଧିପୁର ନିକଟରେ ୨ଫୁଟ୍‌ରୁ ଉର୍ଦ୍ଧ୍ୱ ବନ୍ୟାଜଳ ୪ ଦିନ ହେଲା ନିର୍ଗତ ହେଉଥିବାରୁ ଡେଲାଙ୍ଗ ବ୍ଲକର ୮ଟି ପଚାଂୟତକୁ ବୁଡାଇ ଆଜି ଡେଲାଙ୍ଗ – କଣାସ ରାସ୍ତାର ବେଳୁପଡାଠାରୁ ମୁନିଦା ପର୍ଯ୍ୟନ୍ତ ୨ ଫୁଟ୍‌ରୁ ୩ ଫୁଟ୍ ବନ୍ୟାଜଳ ରାସ୍ତା ଉପରେ ପ୍ରବାହିତ ହେଉଥିବାରୁ କଣାସ – ଡେଲାଙ୍ଗ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି । ଏହି ଜଳ ଦୟା ଓ ଲୁଣାନଦୀର ମଧବର୍ତ୍ତୀ ଅଂଚଳ କଣାସ ବ୍ଲକର ତ୍ରିଲୋଚନପୁର, କଣାସ, ସିରେଇ, ବିଜିପୁର, ଅଣ୍ଡାଳସିଂହ, ବିନ୍ଧଣ, ଗଡସାହି, ଖଣ୍ଡହତା, ଆଳିବାଡ, ଯାମଳଗୋଦା, ଗଡିଶାଗୋଦା ଗ୍ରାମପଚାଂୟତର ପ୍ରତ୍ୟେକ ଗ୍ରାମକୁ ବୁଡାଇ ଚିଲିକାରେ ପହଂଚିବ । ନଦୀଜଳ ବୃଦ୍ଧିପାଉଥିବାରୁ ଏହି ଜଳ ନିଷ୍କାସନ ପାଇଁ ମାସ ମାସ ସମୟ ଲାଗିବାକୁ ଥିବାରୁ ଉକ୍ତ ଅଂଚଳର ଲୋକମାନଙ୍କ ଦୁର୍ଦ୍ଦଶା ବଢିବା ନେଇ ଆଶା କରାଯାଉଛି ।

# ରାଜ୍ୟକୁ ବାତ୍ୟା ନିରୋଧୀ ବିଦ୍ୟୁତ ଭିତ୍ତିଭୂମିର ଆବଶ୍ୟକତା ରହିଛି : ଶକ୍ତିମନ୍ତ୍ରୀ

ଭୁବନେଶ୍ୱର,୨।୯ (ନି.ପ୍ର): ଓଡ଼ିଶା ଭଳି ବନ୍ୟା, ବାତ୍ୟାପ୍ରବଣ ରାଜ୍ୟ ପାଇଁ ବାତ୍ୟା ନିରୋଧୀ ବିଦ୍ୟୁତ ଭିତିଭୂମିର ଆବଶ୍ୟକତା ରହିଛି ବୋଲି ଶକ୍ତି, ଶିକ୍ଷ, ଏମ୍ଏସ୍ଏମ୍ଇ ଓ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପ୍ଟେନ୍ ଦିବ୍ୟଶଙ୍କର ମିଶ୍ର କହିଛନ୍ତି । ଆଜି ଇଣ୍ଡିଆନ୍ ଚାମ୍ବର୍ସ ଅଫ୍ କମର୍ସ ଆନୁକୂଲ୍ୟରେ ଆୟୋଜିତ ଜାତୀୟ ଏନର୍ଜି-କନ୍‌କ୍ଲେଭ୍‌ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ ଏହା ପ୍ରକାଶ କରିଛନ୍ତି। ଏଥି ସହିତ ପ୍ରାକୃତିକ, ସ୍ୱଚ୍ଛ ଏବଂ ଗ୍ରୀନ୍ ଏନର୍ଜି ଭଳି ଅକ୍ଷୟ ଶକ୍ତି ଉତ୍ପାଦନ ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରିବାକୁ ସେ ଶକ୍ତି ଉତ୍ପାଦନ ସଂସ୍ଥାଗୁଡ଼ିକୁ ଆହ୍ୱାନ ଦେଇଥିଲେ । ଏହି କନ୍‌କ୍ଲେଭ ରେ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ନିକୁଞ୍ଜ ବିହାରୀ ଧଳ ମହାମାରୀ ସମୟରେ ସ୍ମାର୍ଟ ମିଟରିଂର ବହୁ ଉପାଦେୟ ହୋଇପାରିବ କିନ୍ତୁ ଏଥିପାଇଁ ଅତିରିକ୍ତ ବ୍ୟୟର ମଧ ଆବଶ୍ୟକତା ରହିଛି ବୋଲି କହିଥିଲେ । ତା'ସହିତ ଯଦି ସବୁକିଛି ସ୍ୱାଭାବିକ ଭାବେ କାର୍ଯ୍ୟ କରେ ତେବେ ଆଗାମୀ ଡିସେମ୍ବର ୨୦୨୦ ସୁଦ୍ଧା ତିନିଗୋଟି ବିଦ୍ୟୁତ ବିତରଣ କମ୍ପାନୀକୁ ଘରୋଇକରଣ କରାଯିବ ବୋଲି ସେ କହିଥିଲେ । କରୋନା ଲକ୍‌ଡାଉନ୍ ଯୋଗୁଁ ବିଦ୍ୟୁତ ରାଜସ୍ୱ ଆଦାୟ ବହୁଳ ଭାବେ ବାଧାପ୍ରାପ୍ତ ହୋଇଥିବା ଦର୍ଶାଇ କ୍ଷତିର ପରିମାଣ ୨୦%ରୁ ୩୦%କୁ ବୃଦ୍ଧି ପାଇଛି । ସେହିପରି ଟାଟା ପାୱାର ସେଂଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିଃର କ୍ଷତିର ପରିମାଣ ୪୬% ହୋଇଛି ବୋଲି ସେ କହିଥିଲେ । ଆଗାମୀ ଦିନରେ କ୍ଷୁଦ୍ର ଗ୍ରୀଡ୍ ବ୍ୟବସ୍ଥା ଏ କ୍ଷେତ୍ରରେ ବିଶେଷ ଭୂମିକା ଗ୍ରହଣ କରିପାରିବ ବୋଲି ବିଶେଷଜ୍ଞମାନେ ସମ୍ମିଳନୀରେ ମତବ୍ୟକ୍ତ କରିଥିଲେ। ଆଜିର ଏହି କନ୍ କ୍ଲେଭ୍‌ରେ ଟାଟା ପାୱାରର ମୁଖ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ସେନ୍‌ବାଗମ୍ ମନ୍ଥିରାମ କହିଥିଲେ ଯେ, ବିଦ୍ୟୁତ ବିତରଣ ଏବଂ ବ୍ୟବହାର ପରିଚାଳନାକୁ ସୁବ୍ୟବସ୍ଥିତ କରିବା ପାଇଁ ଖୁଚୁରା ବିତରଣ ବୈଷୟିକ ଜ୍ଞାନକୌଶଳ ହିଁ ଭବିଷ୍ୟତରେ ଏକମାତ୍ର ସଫଳ ଉପାୟ ବୋଲି କହିଥିଲେ । ଫ୍ଲୁଏଂଟ ଗ୍ରୀଡ୍ ଲିମିଟେଡ୍ ର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ଶ୍ରୀ ମୁରଲୀ କ୍ରିଷ୍ଣା ବିଦ୍ୟୁତ ସେବା କ୍ଷେତ୍ରରେ ସ୍ମାର୍ଟ ଗ୍ରୀଡ୍ ବ୍ୟବସ୍ଥା କିପରି କାର୍ଯ୍ୟ କରିବ ଏବଂ ଏହା ହିଁ ବିଦ୍ୟୁତ ସେବାର ଭବିଷ୍ୟତ ବୋଲି ସେ ପ୍ରାଞ୍ଜଳ ଭାବେ ବୁଝାଇଥିଲେ । ସେ ସ୍ମାର୍ଟ ମନିଟରିଂ କିପରି କ୍ଷୁଦ୍ର ଏବଂ ବୃହତ୍ ବିଦ୍ୟୁତ ବ୍ୟବହାର କ୍ଷେତ୍ରରେ ସୁବିଧାଜନକ ତାହା ଦର୍ଶାଇଥିଲେ । ଏହି ଅବସରରେ ଗୁପ୍ତା ପାୱାର ଇନ୍ ?ଫ୍ରାଷ୍ଟ୍ରକଚର ଲିଃର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଏମ୍.କେ. ଗୁପ୍ତା, ପାଟନର ଏବଂ ରାଷ୍ଟ୍ରୀୟ ମୁଖ୍ୟ ଶକ୍ତି ଏବଂ ପ୍ରାକୃତିକ ସମ୍ବଳ ଶ୍ରୀ ଅନୀଶ ଦେ ଏବଂ ସମ୍ମିଳନୀର ସଂଚାଳକ ଶ୍ରୀ ଜେ.ବି. ପାଣି ପ୍ରମୁଖ କୋଭିଡ୍ ପରବର୍ତ୍ତୀ ସମୟରେ ଶକ୍ତି କ୍ଷେତ୍ରକୁ କିପରି ସୁଧୁରାଯାଇ ସ୍ୱାଭାବିକ ଅବସ୍ଥାକୁ ଅଣାଯାଇ ପାରିବ ସେ ନେଇ କେତେକ ଉପାୟ ଉପରେ ଆଲୋଚନା କରିଥିଲେ ।

# ପ୍ରଣବ ମୁଖାର୍ଜୀଙ୍କ ମୃତ୍ୟୁରେ ଭଦ୍ରକ ଓକିଲସଂଘ ପକ୍ଷରୁ ଶୋକସଭା

ଭଦ୍ରକ, ୨/୯ (ହି.ସ.) - ଭାରତର ପୂର୍ବତନ ରାଷ୍ଟ୍ରପତି ତଥା ବିଶିଷ୍ଟ ରାଷ୍ଟ୍ର ନାୟକ ପ୍ରଣବ ମୁଖାର୍ଜୀଙ୍କ ମୃତ୍ୟୁରେ ଭଦ୍ରକ ଓକିଲ ସଂଘ ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଅଛି । ଓକିଲସଂଘର ସଭାଗୃହ ପରିସରରେ ବରିଷ୍ଠ ଆଇନ୍‌ଜୀବୀ ନିରାକାର ଜେନାଙ୍କ ସଭାପତିତ୍ୱରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା । ଭାରତର ପୂର୍ବତନ ରାଷ୍ଟ୍ରପତି, ଭାରତରତ୍ନ ତଥା ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଣବ ମୁଖାର୍ଜୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ଏହି ଶୋକସଭାରେ ସ୍ୱର୍ଗତ ମୁଖାର୍ଜୀ ତାଙ୍କର ରାଷ୍ଟ୍ରପତି ଜୀବନରେ ବହୁ ଯୁଗାନ୍ତକାରୀ ପଦକ୍ଷେପ ନେଇଥିଲେ । ଅବଜଲ ଗୁରୁଙ୍କ ଠାରୁ ଆରମ୍ଭ କରି ବହୁ ଆତତାୟୀଙ୍କୁ ରାଜକ୍ଷମା ଦେଇନଥିଲେ । ରାଷ୍ଟ୍ରପତି ଭବନରେ ସେ ପ୍ରାୟ ୧୮ଘ । ଦୈନିକ କାର୍ଯ୍ୟ କରୁଥିଲେ । ସେ ସାଧାରଣ ନାଗରିକଙ୍କୁ ରାଷ୍ଟ୍ରପତି ଭବନରେ ସାକ୍ଷାତ କରିବାର ସୁଯୋଗ ଦେଉଥିଲେ । ସେହିପରି ଜଣେ ରାଜନେତା, ଜନନାୟକଙ୍କର ଦେହାନ୍ତ ଆମ ଦେଶ ପାଇଁ ଏକ ଅପୂରଣୀୟ କ୍ଷତି ହୋଇଛି ବୋଲି ଉପସ୍ଥିତ ଶତାଧିକ ଆଇନ୍‌ଜୀବୀଙ୍କ ପକ୍ଷରୁ ମତପ୍ରକାଶ ପାଇଥିଲା । ଏଥିରେ ଆଇନ୍ ଜୀବୀ ଦିବ୍ୟସିଂହ ନାୟକ, ସନ୍ତୋଷ ଆଚାର୍ଯ୍ୟ, ପୂର୍ଣ୍ଣ ମହାନ୍ତି, ବିନୟ ସ୍ୱାଇଁ, ଅଶୋକ ନାୟକ, ତୁଷାର ଦାସ, ଗିରିଧାରି ସାହୁ, ଜିତେନ୍ଦ୍ର ପଣ୍ଡା, ବିଜନ ଜେନା, ମହମ୍ମଦ ଅକ୍ତର, କୂଳମଣୀ ବେହେରା, ହେମନ୍ତ ନାୟକ, ପ୍ରଦୀପ ଲେଙ୍କା, ମାନସ ମହାପାତ୍ର, ଦାମୋଦର ପଣ୍ଡା, ସୁରଜୀତ୍ ମହାପାତ୍ର, ହୃଷିକେଶ ବାରିକ, ବସନ୍ତ କୁମାର ମହାନ୍ତି, ରାଜୀବ୍ ବାରିକ୍, ହରିହର ଧଳ, କଲ୍ୟାଣ ଦାସ, ସଞ୍ଜିବ୍ ମହାପାତ୍ର, ସଞ୍ଜୟ କୁମାର ନାୟକ, ରାଖାଲ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ବହୁ ଆଇନଜୀବୀମାନେ ଉପସ୍ଥିତ ଥିଲେ । ଓକିଲ ସଂଘ ତରଫରୁ ଏକ ଶୋକବା । ସ୍ୱର୍ଗତ ମୁଖାର୍ଜୀଙ୍କ ପରିବାରବର୍ଗଙ୍କ ନିକଟକୁ ପଠାଯାଇଛି ।

# ଅସ୍ଥାୟୀ ଜାତୀୟ ରାଜପଥ ଏବେ ମରଣ ଯନ୍ତା : ଧୂଳି ଧୂଆଁରେ ସଢୁଛନ୍ତି ସହରବାସୀ

ଭଦ୍ରକ, ୨/୯ (ହି.ସ.) - ଭଦ୍ରକ ସହରକୁ ଦୁଇ ଭାଗ କରିଛି ୧୬ ନମ୍ବର ଜାତୀୟ ରାଜପଥ । ୬ ଲେନ ରାସ୍ତା ପାଇଁ ଜାତୀୟ ରାଜପଥର ସଂପ୍ରସାରଣ କାର୍ଯ୍ୟ ଏବେ ଚାଲିଛି । ପୂର୍ବ ଯୋଜନା ଅନୁଯାୟୀ ସହର ମଧରେ ଚିହ୍ନଟ ହୋଇଥିବା ବ୍ଲାକ ସ୍ପଟ ଓ ଗୁରୁତ୍ୱପୂର୍ଣ୍ଣ ଛକ ଉପରେ ଏବେ ଫ୍ଲାଏ ଓଭର ବ୍ରିଜ, ଗଳାପୋଲ ଓ ଭେଇକୁଲାର ଅଣ୍ଡର ପାସ କାର୍ଯ୍ୟ ଚାଲିଛି । ଏହି କାର୍ଯ୍ୟର ଠିକା ନେଇଛି ଦିଲ୍ଲିପ ବିଲ୍ଡକନ୍ ଲିମିଟେଡ ନାମକ ଏକ କମ୍ପାନୀ । ତେବେ ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ସହିତ ମୋଟେଲ ଛକ ଠାରେ ଏକ ଗଳାପୋଲ ଓ ଚରମ୍ପା ଠାରେ ଏକ ଫ୍ଲାଏ ଓଭରବ୍ରିଜର କାର୍ଯ୍ୟ ଜାରୀ ରହିଛି । କିନ୍ତୁ ଏହି ନିର୍ମାଣ କାର୍ଯ୍ୟ ସମୟରେ ସଂପୃକ୍ତ ଠିକା କମ୍ପାନୀ ସହରବାସୀଙ୍କ ସର୍ବନିମ୍ନ ସ୍ୱାର୍ଥକୁ ଭୁଲି ଯାଇଛି । ଫଳରେ ମୋଟଲ ଛକ ଓ ଚରମ୍ପା ବଜାର ଅ ଳର ରାଜପଥ ଏବେ ମରଣଯନ୍ତା ପାଲଟିଛି । ତେବେ ଉକ୍ତ ଦୁଇ ପୋଲ କାର୍ଯ୍ୟ ପାଇଁ ଜାତୀୟ ରାଜପଥକୁ ଅସ୍ଥାୟୀ ଭାବେ କର୍ତ୍ତୃପକ୍ଷ ବନ୍ଦ କରି ଲୋକାଲ ରୋଡକୁ ବ୍ୟବହାର କରୁଛନ୍ତି । ଫଳରେ ଏହି ଲୋକାଲ ରୋଡ ଗତ ୬ମାସ ହେଲା ଅସ୍ଥାୟୀ ଜାତୀୟ ରାଜପଥରେ ପରିଣତ ହୋଇଛି । ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ହଜାର ହଜାର ଭାରିଯାନ ଜଳାଚଳ କରୁଛି । ଏପରିସ୍ଥଳରେ ସଂପୃକ୍ତ ଠିକା କମ୍ପାନୀ ଉକ୍ତ ଲୋକାଲ ରୋଡର ରକ୍ଷଣାବେକ୍ଷଣ ଦିଗରେ ଆଦୌ ଧାନ ଦେଉନଥିବାର ଅଭିଯୋଗ ହୋଇଛି । ମୋଟେଲ ଛକ ଓ ଚରମ୍ପା ଠାରେ ଏହି ଅସ୍ଥାୟୀ ରାଜପଥର ଲମ୍ବ ୨କିଲୋମିଟରରୁ ଉର୍ଦ୍ଧ୍ୱ ହୋଇଥିବାବେଳେ, ଏହି ରାସ୍ତା ଏବେ ମରଣଯନ୍ତାରେ ପରିଣତ ହୋଇଛି । ଉକ୍ତ ଦୁଇ ରାସ୍ତାର ଅଧିକାଂଶ ସ୍ଥାନରୁ ପିଚୁ ଉଠିଯାଇଛି । ରାସ୍ତ ଖାଲ ଖମାରେ ଭର୍ତ୍ତି । ରାସ୍ତାରେ ପାଣି ନିୟମିତ ପଡୁ ନଥିବାରୁ ସେଠାରେ ପ୍ରବଳ ଧୂଳି ଉଡୁଛି । ଯାହାକି ପଥାରୋହୀ ଓ ରାସ୍ତା ପାର୍ଶ୍ୱରେ ଥିବା ଘର ଗୁଡ଼ିକ ପାଇଁ ଶ୍ୱାସରୋଗ ଜନୀତ ସମସ୍ୟା ସୃଷ୍ଟି କରିଚାଲିଛି । ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ ପରେ ଉକ୍ତ ଠିକା କମ୍ପାନୀ ପକ୍ଷରୁ କେତେବେଳେ କେମିତି ପାଣି ସି ନର ବ୍ୟବସ୍ଥା ହେଉଛି । ଏହି ରାସ୍ତାର ଦୂରାବସ୍ଥା ସମ୍ପର୍କରେ ଜିଲ୍ଲା ପ୍ରଶାସନ ଅବଗତ ଥାଇ ମଧ ନୀରବ ରହୁଛି । କଛପ ଗତିରେ କାର୍ଯ୍ୟ ଚାଲିଥିବାରୁ ଏହି ଦୁଇ ପୋଲର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାକୁ ଅତି କମରେ ୨ବର୍ଷ ଲାଗିବ । ସେତେ ଦିନ ପର୍ଯ୍ୟନ୍ତ ଏହି ସମସ୍ୟା ଲାଗି ରହିବା ଏକପ୍ରକାର ନିର୍ଶ୍ଚିତ । ତେଣୁ ଉକ୍ତ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ଅସ୍ଥାୟୀ ଜାତୀୟ ରାଜପଥ ପାଲଟିଥିବା ଚରମ୍ପା ଓ ମୋଟେଲ ଛକ ଅ ଳର ୨କିମିରୁ ଉର୍ଦ୍ଧ୍ୱ ରାସ୍ତାର ରକ୍ଷଣାବେକ୍ଷଣ ଦିଗରେ ଯେପରି ସଂପୃକ୍ତ ଠିକା କମ୍ପାନୀ ଧାନ ଦିଏ ସେଥି ପ୍ରତି ଜିଲ୍ଲା ପ୍ରଶାସନ ଯତ୍ନବାନ ହେବାକୁ ସାଧାରଣରେ ଦାବି ହେଉଛି । ନଚେତ ଉକ୍ତ ଦୁଇ ସ୍ଥାନରେ ଜାତୀୟ ରାଜପଥ ଅବରୋଧ କରି–ଦିଲ୍ଲିପ ବିଲ୍ଡକନ ଠିକା କମ୍ପାନୀ ବିରୋଧରେ ପ୍ରତିବାଦ କରିବାକୁ ସ୍ଥାନୀୟ ଲୋକେ ପ୍ରସ୍ତୁତ ହେଉଥିବା ଜାଣିବାକୁ ମିଳିଛି ।

# ଗୋଟିଏ ଜାଗାରେ ୨ଟି ଟ୍ରକ ଦୁର୍ଘଟଣା ଜଣେ ଡ୍ରାଇଭର ମୃତ, ଜଣେ ଗୁରୁତ୍ୱର

କନ୍ଧମାଳ,୨।୯ (ନି.ପ୍ର): କନ୍ଧମାଳ ଜିଲ୍ଲା ସୁଡ୍ରୁକୁମ୍ପା ଫାଣ୍ଡି ଏବଂ ଫୁଲବାଣୀ ସଦର ଥାନା ଅଂଚଳରେ ଥିବା ରାଣୀପଥର ଘାଟିରେ ଗୋଟିଏ ଜାଗାରେ ଦୁଇଦୁଇଟି ଟ୍ରକ ଦୁର୍ଘଟଣା ଘଟିଛି । ଏଥିରେ ଘଟଣା ସ୍ଥଳରେ ଜଣେ ଡ୍ରାଇଭରର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଏକ ଟ୍ରକର ଆଉଜଣେ ଡ୍ରାଇଭର ଗୁରୁତ୍ୱର ହୋଇଥିବା ଜଣାପଡିଛି । । ସେମାନଙ୍କ କୌଣସି ଠିକଣା କିମ୍ବା ନାମ ମିଳିପାରିନାହିଁ । ଖବର ନେବାରୁ ଜଣାପଡିଛି ଯେ ରବିବାର ଦିନ କନ୍ଧମାଳ ଜିଲ୍ଲା ପଟରୁ ବୌଦ୍ଧ ଜିଲ୍ଲା ଅଭିମୁଖେ ଏକ ଲମ୍ବା ୧୮ଚକିଆ ସିମେଣ୍ଟ ବୋଝେଇ ଟ୍ରକ (ଏଚଆର-୫୬-ବି-୪୭୯୬) ଯାଉଥିବା ବେଳେ ଘାଟିର ପ୍ରଥମ ବୁଲାଣିରେ ଭାରସାମ୍ୟ ହରାଇ ଡାହାଣ ପଟ ଖାଲ ଭିତରକୁ ପଶି ଯାଇଥିଲା ।ଏହି ଟ୍ରକର ଡ୍ରାଇଭର କିମ୍ବା ହେଲପର ଖୋଜ ଖବର ମିଳିପାରିନଥିବା ବେଳେ ପୁଣି ସୋମବାର ଦିନ ଅପରାହ୍ନରେ ସେହି ଜାଗାରେ ଆଉ ଏକ ଲମ୍ବା ସିମେଣ୍ଟ ବୋଝେଇ ଟ୍ରକ ନଂ ଟିଏନ -୫୨-ଡି-୯୯୫୨ଟ୍ରକ କନ୍ଧମାଳ ଜିଲ୍ଲା ପଟରୁ ବୌଦ୍ଧ ଜିଲ୍ଲା ଅଭିମୁଖେ ଯାଉଥିବା ବେଳେ ଭାରସାମ୍ୟ ହରାଇ ବୁଲାଣିରେ ପାହାଡରେ ପିଟି ହୋଇଯାଇଛି । ଘଟଣା ସ୍ଥଳରେ ଡ୍ରାଇଭର ଚାପି ହୋଇ ମୃତ୍ୟୁ ହୋଇଯାଇଛି । ଖବର ପାଇ ଫୁଲବାଣୀ ସଦରଥାନା ପୋଲିସ ସେଠାରେ ପହଂଚି ଶବକୁ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ପଠାଇ ଏକ ଅପମୃତ୍ୟୁ ମାମଲା ୮୩/୨୦ ରୁଜୁ କରି ଘଟନାର ତଦନ୍ତ ଚଳାଇଥିବା ନେଇ ସଦରଥାନା ଅଧିକାରୀ ଆଦିତ୍ୟ ସେଠୀ ସୁଚନା ଦେଇଛନ୍ତି । ତେବେ ଏହି ଟ୍ରକ୍ କର୍ଣ୍ଣାଟକର ବୋଲି ଜଣାପଡିଛି । ହେଲେ ମୃତ ଡ୍ରାଇଭରର ନାମ ଓ ଠିକଣା ବାବଦରେ କୌଣସି ସୁଚନା ପୋଲିସ ନିକଟରୁ ମିଳିପାରିନାହିଁ ।

## ଗଞ୍ଜାମ ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟକୁ ଜନସାଧାରଣଙ୍କୁ ଯିବାକୁ ଅନୁମତି ମିଳିଲା

ଗଞ୍ଜାମ,୨।୯ (ନି.ପ୍ର): ପ୍ରଶାସନିକ ନିର୍ଦ୍ଦେଶ ପ୍ରକାରେ ସେପ୍ଟେମ୍ବର ପହିଲାରୁ ଅର୍ଥାତ୍ ଆଜିଠୁ ଗଞ୍ଜାମ ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟକୁ ଜନସାଧାରଣଙ୍କୁ ଯିବା ପାଇଁ ଅନୁମତି ମିଳିଛି । ଫଳରେ ଜନସାଧାରଣ ନିଜ ନିଜର କାର୍ଯ୍ୟ ସମ୍ପାଦନ ପାଇଁ ବିଭିନ୍ନ କାର୍ଯ୍ୟାଳୟକୁ ଯାଉଥିବା ଦେଖିବାକୁ ମିଳିଛି । ତେବେ କାର୍ଯ୍ୟାଳୟକୁ ଯିବା ପୂର୍ବରୁ ମୁହଁରେ ମାସ୍କ ପରିଧାନ, ସାନିଟାସେନ ଓ ସାମାଜିକ ଦୂରତା ରକ୍ଷା ନିମନ୍ତେ ବାଧ୍ୟତାମୂଳକ କରାଯାଇଛି । ପ୍ରକାଶ ଥାଉ କି, କରୋନା କଟକଣାକୁ ନେଇ ଗତ ପ୍ରାୟ ଏକ ମାସେ ହେଲା ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟକୁ ଜନସାଧାରଣଙ୍କ ଯିବା ଆସିବା ସମ୍ପୂର୍ଣ୍ଣ ନିଷେଧ ରହିଥିଲା ।

## ନବବିବାହିତ ଭଉଣୀଙ୍କୁ ହତ୍ୟା, ଅଭିଯୋଗ କଲା ଭାଇ : ସ୍ୱାମୀ ଗିରଫ

ଭଦ୍ରକ, ୨/୯ (ହି.ସ.) - ବନ୍ତ ଥାନା ନିଳୋକ ପ ।ୟତ ଅଧିନ ଘରପଦା ଗ୍ରାମର ନବବିବାହିତ ଭଉଣୀଙ୍କୁ ହତ୍ୟା କରାଯାଇଛି ବୋଲି ତାର ଭାଇ ଥାନାରେ ଅଭିଯୋଗ କରିଛି । ଉକ୍ତ ଘଟଣାରେ ପୋଲିସ ସ୍ୱାମୀକୁ ଗିରଫ କରିଥିବା ଜଣାଯାଇଛି । ଅଭିଯୋଗରୁ ପ୍ରକାଶ ଯେ, ଗତ ତା-୧୨-୭-୨୦ ରିଖରେ ବନ୍ତ ଥାନା ଅଧିନ ଘରପଦା ଗ୍ରାମର ସ୍ୱର୍ଗତ ବାବାଜି ଦାସଙ୍କ ପୁଅ ମଧୁସୂଦନ(୩୩)ଙ୍କ ସହିତ ହାସିନପୁର(ଗଣିଜାଙ୍ଗ) ଗ୍ରାମର ରବିନ୍ଦ୍ର କୁମାର ପରିଡାଙ୍କ ଝିଅ ପଦ୍ମିନୀ(୨୫)ଙ୍କର ବୈଦିକ ରୀତିରେ ବିବାହ ହୋଇଥିଲା । ବିବାହ ବେଳେ ବାଟଖର୍ଚ୍ଚ ବାବଦ ନଗଦ ୫୦ ହଜାର ଟଙ୍କା, କ୍ୱାଇଁକୁ ଏକ ଭରି ଓଜନର ସୁନାଚେନ୍, ମୁଦି, ଝିଅକୁ କାନଫୁଲ, ଶାଂଖି, ମଙ୍ଗଳସୂତ୍ର, ପାଉଁଞ୍ଜି ଆଦି ସୁନାରୂପା ଅଳଙ୍କାର ସମେତ ସମସ୍ତ ଘରକରଣା ସାମଗ୍ରୀ ଦିଆଯାଇଥିଲା । ବିବାହର ୧୦/୧୫ ଦିନ ପରେ ସ୍ୱାମୀ, ଦେଢଶୁର, ଯାଆ ମିଶି ଭଉଣୀଙ୍କୁ ମାନସିକ ଓ ଶାରିରୀକ ନିର୍ଯ୍ୟାତନା ଦେଉଥିଲେ । ଗତ ୨୮ ତାରିଖରେ ଖବର ପାଇ ଜଣେ ପଡୋଶୀଙ୍କୁ ସାଙ୍ଗରେ ଧରି ଭଉଣୀ ଘରେ ପହ୍ ଘଟଣା ସମ୍ପର୍କରେ ପଚାରି ବୁଝିବା ସହ ସ୍ଥାନୀୟ ସରପ ଙ୍କୁ ଅବଗତ କରାଇଥିଲେ । ଆଜି ଘଟଣା ସମ୍ପର୍କରେ ପ ।ୟତ ଅଫିସରେ ଆଲୋଚନା ହେବାର ଥିଲା । ମାତ୍ର ଅପରାହ୍ନ ୨ଟା ସମୟରେ ଭଉଣୀର ମୃତ୍ୟୁ ଖବର ମିଳିଥିଲା । ଭଉଣୀଙ୍କୁ ତି ଚିପି ହତ୍ୟା କରାଯାଇଥିବା ନେଇ ଭାଇ ଅନନ୍ତ କିଶୋର ପରିଡା ଥାନାରେ ଅଭିଯୋଗ କରିଛନ୍ତି । ଅପରପକ୍ଷେ ପୋଲିସ ଓ ଗ୍ରାମବାସୀଙ୍କ ଠାରୁ ଜାଣିବାକୁ ମିଳିଛି ଯେ, ପଦ୍ମିନୀଙ୍କ ମୃତ ଦେହ ନିଜ ଶୋଇବା ଘର ଫ୍ୟାନ୍‌ରେ ଝୁଲୁଥିବା ବେଳେ ତାଙ୍କୁ ଉଦ୍ଧାର କରାଯାଇଥିଲା । ଘଟଣା ସ୍ଥଳରେ ପୋଲିସ ପହ୍ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଏନେଇ ଥାନାରେ ମାମଲା ରୁଜୁ ହୋଇଥିବା ବେଳେ ସ୍ୱାମୀକୁ ଗିରଫ କରାଯାଇଛି ।

# ମୟୂରଭଞ୍ଜ ଜିଲ୍ଲାରେ ୟେଲୋ ବିପଦ ସଙ୍କେତ ଜାରି

ବାରିପଦା,୨।୯ (ନି.ପ୍ର): ବାରିପଦା, ୦୧ ସେପ୍ଟେମ୍ବର (ହି.ସ.) ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବ ମୟୂରଭଞ୍ଜ ଜିଲ୍ଲାରେ ସେପ୍ଟେମ୍ବର ୧ରୁ ୩ ପର୍ଯ୍ୟନ୍ତ ଅନୁଭୁତ ହେବ । ଏହି ସମୟରେ ଜିଲ୍ଲାର ଗୋଟାଏ କିମ୍ବା ୨ଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି ଏବଂ ଜିଲ୍ଲା ପ୍ରତି ୟେଲୋ ବିପଦ ସଙ୍କେତ ଜାରି କରାଇଛନ୍ତି । ଏଥି ସହିତ ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନକୁ ପତ୍ର ସଂଖ୍ୟା ୫୦୩୬/୩୧.୦୮.୨୦୨୦ରେ ସତର୍କ କରାଇ ଦିଆଯାଇଛି । ଫଳରେ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ସହ ସମସ୍ତ ଉପଜିଲ୍ଲାପାଳ, ବିଡ଼ିଓ, ତହସିଲଦାରମାନଙ୍କୁ ସତର୍କ କରାଇ ଦିଆଯାଇଥିବାର ଜଣାପଡ଼ିଛି ।

# କେନ୍ଦ୍ରାପଡ଼ାର ବନ୍ୟାପ୍ଲାବିତ ଅଂଚଳରେ ରିଲିଫ୍ ବଂଟନ ଓ ଉଦ୍ଧାର କାର୍ଯ୍ୟ ତଦାରଖ କଲେ ଗୃହ ରାଷ୍ଟ୍ରମନ୍ତ୍ରୀ

ଭୁବନେଶ୍ୱର,୨।୯ (ନି.ପ୍ର): ଶକ୍ତି, ଶିକ୍ଷ, ଏମ୍ଏସ୍ଏମ୍ଇ, ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପ୍ଟେନ୍ ଦିବ୍ୟଶଙ୍କର ମିଶ୍ର ଗତକାଲି ପଟ୍ଟାମୁଣ୍ଡାଇ ବ୍ଲକର ବିଭିନ୍ନ ଅଂଚଳ ବୁଲି ବନ୍ୟା ପରିସ୍ଥିତି ଓ ତଦ୍‌ଜନିତ କ୍ଷୟକ୍ଷତିର ଅନୁଧ୍ୟାନ କରିଛନ୍ତି । ସେ ତାଙ୍କ ଗସ୍ତ ବେଳେ ଓଡ଼ିଶା ଫାୟାର ସର୍ଭିସ୍‌ର ଜବାନ୍‌ମାନେ ସ୍ଥାନୀୟ ପ୍ରଶାସନକୁ ରିଲିଫ୍ ଯୋଗାଣ କାର୍ଯ୍ୟରେ ସହଯୋଗ କରୁଥିବା ସେ ତଦାରଖ କରିଥିଲେ । ସେ ପେଣ୍ଠପାଳ ଗ୍ରାମ ପଂଚାୟତର କୋଳଥିଆ ଓ କୃଷ୍ଣଦାସପୁର ଗ୍ରାମକୁ ଡଙ୍ଗରେ ଯାଇ ସ୍ଥିତି ପରଖିଥିଲେ । ସେଠାରେ ଅଗ୍ନିଶମ ବାହିନୀର କାର୍ଯ୍ୟ ଦେଖି ସେ ତାଙ୍କୁ ପ୍ରଶଂସା କରିବା ସହ କେନ୍ଦ୍ରାପଡ଼ା ଜିଲ୍ଲାର ବନ୍ୟା ପ୍ରଭାବିତ ଅଂଚଳରେ ମୁତୟନ ହୋଇଥିବା ଫାୟାର ସର୍ଭିସ ଟିମ୍‌ଗୁଡ଼ିକର ପ୍ରସ୍ତୁତି ଏବଂ ଉଦ୍ଧାର କାର୍ଯ୍ୟର ସମୀକ୍ଷା କରିଥିଲେ । ତାଙ୍କର ଏହି ଗସ୍ତ ସମୟରେ କେନ୍ଦ୍ରାପଡ଼ାର ବିଧାୟକ ଶଶୀଭୂଷ ବେହେରା ମନ୍ତ୍ରୀଙ୍କ ସହିତ ବନ୍ୟା ଅଂଚଳ ବୁଲି ଦେଖିଥିଲେ ।

# ବନ୍ୟା ଅଂଚଳରେ ଓଡିଶା କୃଷକ ସଭା ତରଫରୁ ରିଲିଫ୍ ବଣ୍ଟନ

କେନ୍ଦ୍ରାପଡା, ୧ ସେପ୍ଟେମ୍ବର (ହି.ସ.)- ଓଡିଶା କୃଷକ ସଭା କେନ୍ଦ୍ରାପଡା ଜିଲ୍ଲା କମିଟି ପକ୍ଷରୁ ଚଳିତ ବନ୍ୟାରେ ଜିଲ୍ଲାର ସର୍ବାଧିକ କ୍ଷତିଗ୍ରସ୍ତ ଡେରାବିଶ ବ୍ଲକ ଅନ୍ତର୍ଗତ ବେଣୀପୁର ଗ୍ରାମରେ ରିଲିଫ୍ ବଣ୍ଟନ କରାଯାଇଛି । ସଂଗଠନର ଜିଲ୍ଲା ସଂପାଦକ ଗୟାଧର ଧଳଙ୍କ ନେତୃତ୍ୱରେ ପ୍ରଶାନ୍ତ କୁମାର ରାଉତ, ଅମିୟ କୁମାର ପ୍ରଧାନ, ଅଲେଖ ନାୟକ, ସଂଜୟ ବାଗ୍, ସେକ୍ ନଫିସୁଦ୍ଦିନ୍, ସେକ୍ ମେହେବୁବ୍, ସନ୍ଦୀପ ସେଠୀ ପ୍ରମୁଖ ଶୁଖିଲା ଖାଦ୍ୟ ଚୁଡା, ଗୁଡ, ବିସ୍କୁଟ, ପାଣି ବୋତଲ, ମଶା ଧୂପ, ଦିଆସିଲି ପ୍ରଭୃତି ପିଡିତ ପରିବାରକୁ ବଣ୍ଟନ କରିଥିଲେ । ସଂଗଠନର କର୍ମୀମାନେ ସରକାରୀ ରେସକ୍ୟୁ ବୋଟ ଯୋଗେ ପ୍ରତି ଘର ଘର ବୁଲି ରିଲିଫ୍ ପ୍ୟାକେଟ୍ ବଣ୍ଟନ କରିଥିଲେ । ବେଣୀପୁର ରେ ୯୦ ଭାଗ ଘର ମଥାନ ପର୍ଯ୍ୟନ୍ତ ପାଣିରେ ଏବେବି ବୁଡି ରହିଛି । ବାହ୍ୟ ଜଗତ ଠାରୁ ସଂପୂର୍ଣ୍ଣ ବିଚ୍ଛିନ୍ନ ହୋଇ ପଡିଥିବା ଗ୍ରାମରେ ବହୁ ଲୋକ ସ୍ୱସ୍ଥ୍ୟ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି । ତୁରନ୍ତ ସରକାରୀ ଡାକ୍ତର ଟିମ୍ ଗାଁରେ କ୍ୟାମ୍ପ କରି ଜନ ସାଧାରଣଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ସଂଗଠନ ପକ୍ଷରୁ ଦାବି କରାଯାଇଛି ।

# ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ବିୟୋଗରେ ପିସିସି ପକ୍ଷରୁ ଶୋକସଭା

ଭୁବନେଶ୍ୱର,୨।୯ (ନି.ପ୍ର): ଭାରତର ପୂର୍ବତନ ରାଷ୍ଟ୍ରପତି, ଭାରତରତ୍ନ ସ୍ୱର୍ଗତ ପ୍ରଣବ ମୁଖାର୍ଜୀଙ୍କ ବିୟୋଗରେ କଂଗ୍ରେସ ଭବନ ଠାରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକଙ୍କ ଅଧକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ସର୍ବପ୍ରଥମେ ସଭାପତି ଶ୍ରୀ ପଟ୍ଟନାୟକ ପ୍ରଦୀପ ପ୍ରଜ୍ୱଳନ କରି ସ୍ୱର୍ଗତଃ ମୁଖାର୍ଜୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଅମର ଆତ୍ମାର ସ୍ମୃତିଚାରଣ କରି ଶ୍ରୀ ପଟ୍ଟନାୟକ କହିଲେ ଯେ ସ୍ୱର୍ଗତଃ ମୁଖାର୍ଜୀ ଜଣେ ବିଶିଷ୍ଟ ରାଜନୀତିଜ୍ଞ, ସ୍ପଷ୍ଟବାଦୀ ନେତା ଥିଲେ । ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳ ସ୍ୱର୍ଗତ ମୁଖାର୍ଜୀଙ୍କ ଅମର ଆତ୍ମାର ସ୍ମୃତିଚାରଣ କରି କହିଥିଲେ ଯେ ସ୍ୱର୍ଗତ ମୁଖାର୍ଜୀ ଜଣେ ବିଚକ୍ଷଣ ରାଜନୀତିଜ୍ଞ, ସଂକଟମୋଚକ ଏବଂ ଅଗାଧ ଜ୍ଞାନ ଓ ଗାରିମାର ଅଧିକାରୀ ଥିଲେ । ସେ ହେଉଛନ୍ତି ଭାରତବର୍ଷର ପ୍ରଥମ ରାଷ୍ଟ୍ରପତି ଯିଏକି ସାଧାରଣ ଜନତା ଭାରତର ରାଷ୍ଟ୍ରପତିଙ୍କୁ ମହାମହିମ ବୋଲି ସମ୍ବୋଧନ ନକରିବା ପାଇଁ ନିବେଦନ କରିଥିଲେ ଏବଂ ଏହା ଗଣତନ୍ତ୍ର ପ୍ରତି ଅପମାନ ବୋଲି କହିଥିଲେ । ବରିଷ୍ଠ କଂଗ୍ରେସ ନେତା ରାମଚନ୍ଦ୍ର ଖୁଣ୍ଟିଆ ଦିବଂଗତ ନେତା ସ୍ୱର୍ଗତ ମୁଖାର୍ଜୀଙ୍କ ସ୍ମୃତିଚାରଣ କରି ସେ କିଭଳି ତୃଣମୂଳ ସ୍ତରରୁ ଶୀର୍ଷ ସ୍ତରୀୟ ନେତୃବର୍ଗଙ୍କ ସହ ମିଶିପାରୁଥିଲେ ଏବଂ ବିଶାଳ ହୃଦୟର ଅଧିକାରୀ ଥିଲେ । ସେ ଓଡିଶାକୁ ଅତ୍ୟଧିକ ଭଲ ପାଉଥିଲେ ଏବଂ ଶ୍ରୀଜଗନ୍ନାଥ ତାଙ୍କର ଆରାଧ ଦେବତା ଥିଲେ । ଓଡିଶା ଆସିଲେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ ନକରି ଏବଂ ପୂଜାର୍ଚ୍ଚନା ନକରି ସେ ଫେରି ଯାଉନଥିଲେ । ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ ସ୍ୱର୍ଗତ ମୁଖାର୍ଜୀଙ୍କର ସ୍ମୃତିଚାରଣ କରି କହିଲେ ଯେ କଂଗ୍ରେସ ନେତୃବର୍ଗ ଓ ବିରୋଧି ନେତୃବର୍ଗଙ୍କ ସହିତ ତାଙ୍କର ସୁସଂପର୍କ ଥିଲା । ସେ ପ୍ରଣବ ଦା' ବୋଲି ସର୍ବେ ପରିଚିତ ଥିଲେ । ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ ଏବଂ ବରିଷ୍ଠ କଂଗ୍ରେସ ନେତା ତଥା ଜଟଣୀ ବିଧାୟକ ଶ୍ରୀ ସୁରେଶ କୁମାର ରାଉତରାୟ କହିଲେ ଯେ ସ୍ୱର୍ଗତ ମୁଖାର୍ଜୀ ଜଣେ ବିଦ୍ୱାନ, ବିଚକ୍ଷଣ ରାଜନୀତିଜ୍ଞ ଏବଂ ଜଣେ ଉଚ୍ଚକୋଟୀର ବ୍ୟକ୍ତି ଥିଲେ । ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ ଏବଂ ପିସିସିର ପୂର୍ବତନ ଉପସଭାପତି ଶିବାନନ୍ଦ ରାୟ ଅମର ଆତ୍ମାର ସ୍ମୃତିଚାରଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସ୍ୱର୍ଗତଃ ମୁଖାର୍ଜୀଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଅନ୍ୟମାନଙ୍କ ମଧରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ବିପିନ୍ ଦାସ, ମନୋରଞ୍ଜନ ଦାଶ, ଜାନକୀବଲ୍ଲଭ ପଟ୍ଟନାୟକ, ମାନସ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତଃ ମୁଖାର୍ଜୀଙ୍କ ଅମର ଆତ୍ମା ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

## ଆସନ୍ତା ୩୦ ତାରିଖ ଯାଏଁ ସ୍ୱର୍ଗଦ୍ୱାରରେ ଶବଦାହ ନେଇ ବଢ଼ିଲା କଟକଣା

ପୁରୀ,୨।୯ (ନି.ପ୍ର): କରୋନା କଟକଣାକୁ ଦୃଷ୍ଟିରେ ରଖି ସ୍ୱର୍ଗଦ୍ୱାରରେ ଶବ ଦାହ ନେଇ ପୂର୍ବରୁ ପ୍ରଶାସନ ପକ୍ଷରୁ ଯେଉଁ କଟକଣା ଜାରୀ କରାଯାଇଥିଲା । ଆଜି ଏହି ଅବଧିକୁ ଆସନ୍ତା ୩୦ ତାରିଖ ଯାଏଁ ବୃଦ୍ଧି କରାଯାଇଛି । ପ୍ରକାଶ ଥାଉ କି, ପୂର୍ବରୁ ଏଠାରେ ବାହାର ଜିଲ୍ଲା ତଥା ବାହାର ରାଜ୍ୟର ଶବ ଦାହ ଉପରେ ପ୍ରଶାସନ ପକ୍ଷରୁ ଲାଗିଥିଲା କଟକଣା । ଏହି କଟକଣାକୁ ଚଳିତ ମାସ ଶେଷ ପର୍ଯ୍ୟନ୍ତ ବଳବତର ରଖିଛି ପ୍ରଶାସନ ।

# ସଂଧ୍ୟା ପର୍ଯ୍ୟନ୍ତ ଦୋକାନ ବଜାର ଖୋଲା ହେଲା କିନ୍ତୁ ଗରାଖ ନାହାଁନ୍ତି

ଭୁବନ,୨।୯ (ନି.ପ୍ର): ବିଶ୍ୱ ମହାମାରୀ କରୋନା ସକାଶେ ଦୀର୍ଘ ୫ ମାସ ଲକଡାଉନ, ସଟଡାଉନ ଲାଗୁ ହେବା ପରେ କେନ୍ଦ୍ର ସରକାର ଏବେ ଅନଲକ -୪ ଘୋଷଣା କରିଛନ୍ତି । କଂଟେନମେଂଟ ଜୋନ ବ୍ୟତିତ ଅନ୍ୟ କୌଣସି ସ୍ଥାନରେ ରାଜ୍ୟ ସରକାର ଲକଡାଉନ,ସଟଡାଉନ ଜାରି କରି ପାରିବେ ନାହିଁ ବୋଲି ନିର୍ଦ୍ଦେଶ ଦେବା ପରେ ସପ୍ତାହକୁ ମାତ୍ର ୨ ଦିନ ଖୋଲା ହେଉଥିବା ଭୁବନରେ ଆଜିଠାରୁ ସକାଳ ୭ ଘଟିକା ଠାରୁ ସଂଧ୍ୟା ୭.୩୦ ପର୍ଯ୍ୟନ୍ତ ଦୋକାନ ବଜାର ଖୋଲା ରହିଥିଲା । ତେବେ ଅପରାହ୍ନ ୨ ଘଟିକା ପରଠାରୁ ରାସ୍ତାଘାଟ ଶୁନଶାନ୍ ହୋଇଯାଇଥିଲା । ଦୋକାନୀ ମାନେ ସଂଧ୍ୟା ପର୍ଯ୍ୟନ୍ତ ବସିରହିଥିବା ବେଳେ ଜଣେ ହେଲେ ଗରାଖ ଙ୍କ ଦେଖା ନଥିଲା । ଦୋକାନ ଖୋଲିବା ସମୟ ସଂପର୍କରେ ଜିଲ୍ଲା ପ୍ରଶାସନ କୌଣସି ନିର୍ଦ୍ଦେଶ କିମ୍ବା ପ୍ରେସ ରିଲିଜ ଦେଇନଥିବାରୁ ସାଧାରଣରେ ଦ୍ୱନ୍ଦ ଉପୁଜିଥିଲା ଓ ବଡ ବଡ ଦୋକାନ,ସୋରୁମ ଗୁଡିକ ଅପରାହ୍ନରେ ବନ୍ଦ ରହିଥିଲା । କ୍ଷୁଦ୍ର, ମଧମ ଦୋକାନୀ ମାନେ ରାତି ୭ ଘଟିକା ପର୍ଯ୍ୟନ୍ତ ଗରାଖ ଙ୍କ ଅପେକ୍ଷାରେ ଦୋକାନ ଖୋଲି ବସି ରହିଥିଲେ ।

## ଲଣ୍ଡନ-କଲିକତା ବସ୍










ଦିନେ ଲଣ୍ଡନରୁ କଲିକତାକୁ ବସ୍ ଚାଲୁଥିଲା ଏବଂ ଯାତ୍ରୀ ମଧ୍ୟ ଆସୁଥିଲେ । ବିଶ୍ୱାସଯୋଗ୍ୟ ନ ହେଲେ ମଧ୍ୟ ଏକଥା ନିରାଟ ସତ । ସୋସିଆଲ୍ ମିଡିଆରେ କିଛି ଦିନ ତଳେ ଏହାର ପ୍ରମାଣ ସ୍ୱରୂପ ସେ ସମୟର ବସ୍ ଯାତ୍ରାର କିଛି କଳା ଧଳା ଫଟୋ ପୋଷ୍ଟ୍ କରାଯାଇଥିଲା । ୧୯୫୭ ମସିହାରେ ଲଣ୍ଡନରୁ କଲିକତାକୁ 'ଆଲବର୍ଟ' ନାମକ ଏକ ବସ୍ ଚଳାଚଳ ଆରମ୍ଭ କରିଥିଲା । ଇଂଲଣ୍ଡରୁ ବାହାରି ବେଲ୍‌ଜିୟମ୍, ଜର୍ମାନୀ, ଅଷ୍ଟ୍ରିଆ, ଯୁଗୋସ୍ଲୋଭିଆ, ତୁର୍କୀ, ଇରାନ, ଆଫଗାନିସ୍ତାନ ଏବଂ ପାକିସ୍ତାନ ଦେଇ ତାହା ଭାରତକୁ ଆସୁଥିଲା । ନୂଆଦିଲ୍ଲୀରେ ପହଞ୍ଚିବା ପରେ ସେଇଠୁ ପୁଣି ଆଗ୍ରା, ଆହ୍ଲାବାଦ, ବାରାଣାସୀ ଦେଇ କଲିକତାରେ ପହଞ୍ଚୁଥିଲା । ବସ୍‌ଟି ମୋଟ ୨୦ ହଜାର ୩ଶହ ମାଇଲ୍ ବାଟ ଅତିକ୍ରମ କରୁଥିଲା । ଏହାକୁ ବିଶ୍ୱର ଦୀର୍ଘତମ ବସ୍ ଯାତ୍ରା ବୋଲି କୁହାଯାଉଛି । ସୋସିଆଲ୍ ମିଡିଆରେ ଲଣ୍ଡନର ଭିକ୍ଟୋରିଆ କୋଚ୍ ଷ୍ଟେସନ୍ ପାଖରେ ଛିଡ଼ା ହୋଇଥିବା ଆଲବର୍ଟ ବସ୍‌ର ଫଟୋ ସମସ୍ତଙ୍କୁ ଚକିତ କରିଛି, ଯେଉଁଥିରେ ବଡ଼ ବଡ଼ ଇଂରାଜୀ ଅକ୍ଷରରେ ଲେଖା ହୋଇଛି, 'ଲଣ୍ଡନ-କଲିକତା-ଲଣ୍ଡନ ।' ପାଖରେ କଇଛି ପାସେଞ୍ଜର ମଧ୍ୟ ଛିଡ଼ା ହୋଇଛନ୍ତି । ସେତେବେଳେ ଲଣ୍ଡନରୁ ଭାରତ ଆସିବାକୁ ଆଲବର୍ଟ ବସ୍‌ର ଭଡ଼ା ଥିଲା ଜଣ ପିଛା ୮୫ ପାଉଣ୍ଡ ଷ୍ଟର୍ଲିଙ୍ଗ୍ (ପ୍ରାୟ ୮ ହଜାର ଟଙ୍କା) । ଆଲବର୍ଟ ବସ୍ ପ୍ରଥମ ଥର ପାଇଁ ଲଣ୍ଡନରୁ ୧୫ ଏପ୍ରିଲ ୧୯୭୫ରେ ବାହାରିଥିଲା ଏବଂ ଦୀର୍ଘ ୪୯ ଦିନର ଯାତ୍ରା ପରେ ଜୁନ୍ ୫ ତାରିଖରେ କଲିକତାରେ ପହଞ୍ଚିଥିଲା । ସତୁରି ଦଶକ ପର୍ଯ୍ୟନ୍ତ ଏହି ବସ୍ ସେବା ଚାଲିଥିବାର କୁହାଯାଉଛି । ୧୯୭୨ ମସିହାରେ ଦୁଇ ଥର ଏବଂ ୧୯୭୩ରେ ଥରେ ଲଣ୍ଡନରୁ କଲିକତାକୁ ଏହି ବସ୍ ଆସିଥିବାର ତଥ୍ୟ ଜଣାପଡ଼ିଛି । ସେହି ତଥ୍ୟ ଅନୁସାରେ ଜୁଲାଇ ୨୫ ତାରିଖରେ ଲଣ୍ଡନରୁ ବାହାରିଥିବା ବସ୍ ଅଗଷ୍ଟ ୬ରେ ଇସ୍ତାନ୍‌ବୁଲ, ଅଗଷ୍ଟ ୧୮ରେ ତେହରାନ୍, ଅଗଷ୍ଟ ୨୭ରେ କାବୁଲ, ସେପ୍ଟେମ୍ବର ୫ରେ ନୂଆଦିଲ୍ଲୀ ଏବଂ ସେପ୍ଟେମ୍ବର ୧୧ରେ କଲିକତାରେ ପହଞ୍ଚିଥିଲା । ସେହିବର୍ଷ ନଭେମ୍ବର ୧୪ରେ ଲଣ୍ଡନ ଛାଡ଼ିଥିବା ବସ୍‌ଟି ଡିସେମ୍ବର ୩୧ରେ କଲିକତାରେ ପହଞ୍ଚିଥିଲା । ୧୯୭୩ରେ ସେହି ବସ୍ ଏପ୍ରିଲ୍ ୧୭ରେ ଲଣ୍ଡନରୁ ବାହାରି ଜୁନ୍ ୪ ରେ କଲିକତା ପହଞ୍ଚିଥିଲା । ଏଭଳି ଭାବରେ ୧୫ ଥର ଲଣ୍ଡନରୁ କଲିକତାକୁ ଆଲବର୍ଟ ବସ୍ ଯାତାୟତ କରିଥିଲା । ଭାରତ ଦେଇ ଆଲବର୍ଟ ବସ୍ ଚାରି ଥର ଅଷ୍ଟ୍ରେଲରେ ସିଡ୍‌ନୀ ଯାଇଥିବାର ଜଣାପଡ଼େ । ଏହି ବସ୍‌ରେ ଆସୁଥିବା ପାସେଞ୍ଜରମାନଙ୍କ ପାଇଁ ବାଟରେ କିଣାକିଣି କରିବାର ସୁବିଧା ଦିଆଯାଉଥିଲା । ମୁଖ୍ୟତଃ ନୂଆଦିଲ୍ଲୀ, ତେହରାନ୍, ସାଲବର୍ଗ, କାବୁଲ, ଇସ୍ତାନବୁଲ୍ ଏବଂ ଭିଏନାରେ ଲୋକେ ଅଟକି କିଣାକିଣି କରୁଥିଲେ । ଗୋଟେ ପୁରୁଣା ଫଟୋରେ ଯାତ୍ରା ସମୟରେ ବସ୍ ଭିତରେ କେଉଁ କେଉଁ ସୁବିଧା ସୁଯୋଗ ଉପଲବ୍ଧ ଥିଲା ତାହାର ଏକ ତାଲିକା ମଧ୍ୟ ଦିଆଯାଇଛି । ସେ ମଧ୍ୟରେ ରହିଛି ରିଡିଂ ଏବଂ ଡାଇନିଂ ରୁମ୍ (ଲୋୟର ଡେକ୍), ଫରୱାର୍ଡ ଅବ୍‌ଜରଭେସନ୍ ଲାଉଂଜ୍ (ଅପର୍ ଡେକ୍), ପ୍ରତ୍ୟେକଙ୍କ ପାଇଁ ଶୋଇବାର ସ୍ୱତନ୍ତ୍ର ବ୍ୟବସ୍ଥା, ରେଡିଓ ଏବଂ ଟେପ୍ ରେକର୍ଡର ସଙ୍ଗୀତ, ଫ୍ୟାନ୍ ହିଟର୍ (ଗରମ ପାଇଁ) ଇତ୍ୟାଦି । ଯାତ୍ରୀମାନଙ୍କୁ ବସ୍ ଭିତରେ ଯେମିତି ଘର ଭଳି ସୁବିଧା ମିଳିବ ସେନେଇ ସବୁ ପ୍ରକାର ବ୍ୟବସ୍ଥା ରହିଥିଲା । ବାଟରେ ବାରାଣସୀରେ ଗଙ୍ଗା ଦର୍ଶନ ତଥା ଆଗ୍ରାରେ ତାଜମହଲ ଦେଖିବା ପାଇଁ ଯାତ୍ରୀମାନଙ୍କୁ ସୁଯୋଗ ଦିଆଯାଉଥିଲା । ୧୯୭୨ ଏବଂ ୧୯୭୩ ମସିହାର ଟ୍ରିପ୍‌ରେ ଯାତ୍ରୀଙ୍କୁ ବାରାଣସୀରେ ଗଙ୍ଗା, ଶାହାଜାହାନଙ୍କ ପିକକ୍ ଥ୍ରୋନ୍, ତାଜ୍‌ମହଲ୍, କାସ୍‌ପିଆନ୍ ସାଗର, ଗୋଲ୍‌ଡେନ୍ ହର୍ଣ୍ଣ (ତୁର୍କୀ), ଡ୍ରାକୋମାନ୍ ପାସ୍ (ବୁଲ୍‌ଗେରିଆ), ରାଇନ୍ ଉପତ୍ୟକା (ଜର୍ମାନୀ) ଏବଂ ପାକିସ୍ତାନର ଖାଇବର ପାସ୍ ପର୍ବତମାଳା ବୁଲାଇବାର ଅଫର୍ ଦିଆଯାଇଥିବାର ଜଣାପଡ଼ିଛି । ଏଗାରଟି ଦେଶ ଦେଇ ଯାତାୟତ କରିଥିବା ଏହି ଐତିହାସିକ ବସ୍ ଅଲବର୍ଟ ସେହି ସବୁ ଦେଶମାନଙ୍କ ମଧ୍ୟରେ ସଂହତି ଏବଂ ସଂଯୋଗର ସୂତ୍ର ଥିଲା ବୋଲି ମଧ୍ୟ ଚର୍ଚ୍ଚା ହେଉଛି । ସୋସିଆଲ୍ ମିଡିଆରେ ଲଣ୍ଡନରୁ କଲିକତା ବସ୍ ଯାତ୍ରା ସମୟର ଫଟୋ ଦେଖି ଲୋକେ ଉତ୍ସୁକ ହୋଇ ମଜାଳିଆ ପ୍ରତିକ୍ରିୟାମାନ ଦେଉଛନ୍ତି । ଜଣେ ଲେଖିଛନ୍ତି, ଦୁନିଆରେ ଭିସାର ଆବଶ୍ୟକତା ନ ଥାନ୍ତା କି, ଭଡ଼ା ଦେଇ ଆରାମରେ ବସ୍ କିମ୍ବା ଟ୍ରେନରେ ଚଢ଼ି ଯାଇହୁଅନ୍ତା । ଆଲ୍‌ବର୍ଟ ବସ୍ ଆଉ ଥରେ ଚାଲନ୍ତା କି ।

## ସାଇକେଲ୍‌କୁ ବାଇକ୍‌ରେ ପରିଣତ କଲେ ଛାତ୍ର



ମଧ୍ୟପ୍ରଦେଶର ନରସିଂହପୁର ଜିଲ୍ଲାର ଆମଗାଁଓବଡ଼ାର ଜଣେ ଛାତ୍ର ଅକ୍ଷର ରାଜପୁତ ଏବେ ଚର୍ଚ୍ଚାରେ ଅଛନ୍ତି । ସାଇକେଲ୍‌ରେ ଇଞ୍ଜିନ୍ ଲଗାଇ ସେ ତାକୁ ବାଇକ୍‌ରେ ପରିଣତ କରିଛନ୍ତି । ତାଙ୍କର ଏହି ଅଭିନବ ପ୍ରୟାସକୁ ଖୁବ୍ ପ୍ରଶଂସା କରାଯାଇଛି । ଅକ୍ଷୟ ସ୍ଥାନୀୟ ଅଞ୍ଚଳରେ ଥିବା ସ୍କୁଲରେ ନବମ ଶ୍ରେଣୀରେ ପଢୁଛନ୍ତି । ତାଙ୍କର ବାଇକ୍ ଚଳାଇବାକୁ ବହୁତ ଇଚ୍ଛା ଥିଲା । କିନ୍ତୁ ବୟସ କମ୍ ହୋଇଥିବାରୁ ବାପା ତାଙ୍କୁ ସାଇକେଲ ଆଣିଦେଇଥିଲେ । ଲକ୍‌ଡାଉନ୍ ସମୟରେ ସେ କିଛି ନୂଆ କରିବାକୁ ଚିନ୍ତା କରିଥିଲେ । ଏଭଳି ସମୟରେ ସାଇକେଲ୍‌କୁ ବାଇକ୍‌ରେ ପରିଣତ କରିବା ଲାଗି ତାଙ୍କ ମନରେ ଆଇଡିଆ ଆସିଲା । ବର୍ଜ୍ୟବସ୍ତୁରୁ ଉପଯୋଗୀ ଜିନିଷପତ୍ର ପ୍ରସ୍ତୁତିରେ ଅକ୍ଷୟଙ୍କ ରୁଚି ରହିଛି । ତେଣୁ ସେ କବାଡ଼ିଆଙ୍କଠାରୁ ପୁରୁଣା ଚାମ୍ପ ଗାଡ଼ିର ଇଞ୍ଜିନ୍‌କୁ ଆଣି ସାଇକେଲ୍‌ରେ ଲଗାଇ ଦେଲେ । ଅକ୍ଷୟ କହିଛନ୍ତି, ଏହାଦ୍ୱାରା ମୋର ବାଇକ୍ ଚଳାଇବାର ସ୍ୱପ୍ନ ପୂରଣ ହୋଇଛି । ସେହିପରି କମ୍ ପେଟ୍ରୋଲରେଏହା ଚାଲୁଥିବା ସେ ପ୍ରକାଶ କରିଛନ୍ତି । ଏହା ପୂର୍ବରୁ ସେ ଗୋଟିଏ ଟାୟାରବିଶିଷ୍ଟ ବାଇକ୍ ବନାଇ ଚର୍ଚ୍ଚିତ ହୋଇଥିଲେ । ତାଙ୍କର ଉଦ୍ୟମକୁ ଜିଲ୍ଲାପାଳ ପ୍ରଶଂସା କରିଥିଲେ ।

## ସ୍ୱାସ୍ଥ୍ୟ ମନ୍ତ୍ର

ବିଶ୍ୱରେ ପ୍ରତି ଦଶ ଜଣରେ ଜଣେ ମଣିଷ ଅବସାଦର ଶିକାର । ଏହାକୁ ନିୟନ୍ତ୍ରଣରେ ନରଖିଲେ ନାନା ରୋଗ ଆକ୍ରମଣ କରେ । ଅବସାଦ ବା' ଡିପ୍ରେସନ୍'କୁ ନିୟନ୍ତ୍ରଣରେ ରଖିବା ଲାଗି ବଜାରରେ ନାନା ପ୍ରକାର ଔଷଧ ମିଳୁଛି । ଔଷଧ ଦ୍ୱାରା ଅବସାଦମୁକ୍ତ ହେବା ସମ୍ଭବ । ତେବେ ବ୍ୟାୟାମ ଦ୍ୱାରା ପ୍ରାକୃତିକ ଭାବେ ଅବସାଦକୁ ରୋକାଯାଇପାରେ; ଏହାର ମାତ୍ରା କମ୍ କରାଯାଇପାରେ । କଠିନ ବ୍ୟାୟାମ ଦ୍ୱାରା ଅବସାଦ ଦୂର ହେଉଥିବା ପୂର୍ବରୁ ପ୍ରମାଣିତ । ତେବେ, ସକାଳୁ ଚାଲିବା ବା ମର୍ଣ୍ଣି ୱାକ୍ ଭଳି ସାଧାରଣ ବ୍ୟାୟାମ ଦ୍ୱାରା ମଧ୍ୟ ମଣିଷ ଅବସାଦମୁକ୍ତ ରହିପାରିବ । ଏଥି ପାଇଁ ସକାଳୁ, ଉଠି ଚାଲନ୍ତୁ । ଯଥା ସଂଭବ ବେଗରେ ଏବଂ ଯେତିକି ଅଧିକ ସଂଭବ ଦୂର ବାଟ ଚାଲନ୍ତୁ । ସୂର୍ଯ୍ୟାଲୋକ ପଡ଼ିବା ପୂର୍ବରୁ ଚାଲନ୍ତୁ । ଏହାଦ୍ୱାରା ହର୍‌ମୋନ୍ କ୍ଷରଣ ସ୍ୱାଭାବିକ ହୁଏ । ନିୟମିତ ପ୍ରତ୍ୟୁଷରୁ ଚାଲିଲେ ରକ୍ତ ଶର୍କରା, ରକ୍ତଚାପ ଆଦି ମଧ୍ୟ ନିୟନ୍ତ୍ରଣରେ ରହେ । ତେଣୁ ଆବାଳବୃଦ୍ଧବନିତା ସମସ୍ତେ ପ୍ରାତଃ-ଭ୍ରମଣକୁ ଗୁରୁତ୍ୱ ଦିଅନ୍ତୁ ।

## ପେଣ୍ଟାଗନ୍



ଯୁକ୍ତରାଷ୍ଟ୍ର ଆମେରିକା ପ୍ରତିରକ୍ଷା ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟକୁ 'ପେଣ୍ଟାଗନ୍' କୁହାଯାଏ । ରାଷ୍ଟ୍ରପତି ଫ୍ରାଙ୍କଲିନ୍ ଡି ରୁଜ୍‌ଭେଲ୍‌ଟଙ୍କ ସମୟରେ ଏହା ନିର୍ମିତ ହୋଇଥିଲା । ପ୍ରଥମେ ସେଠାରେ ପ୍ରତିରକ୍ଷା ବିଭାଗ ନଥିଲା । ପ୍ରତିରକ୍ଷା ବିଭାଗ ଅନ୍ୟତ୍ର ଚାଲୁଥିଲା । ପରେ ସ୍ଥାନାଭାବ ଯୋଗୁଁ 'ପେଣ୍ଟାଗନ୍' ଆସିଥିଲା । 'ପେଣ୍ଟାଗନ୍'ର କାର୍ଯ୍ୟାଳୟ ସ୍ଥାନ ୫୧ ଲକ୍ଷ ବର୍ଗଫୁଟ । 'ଏମ୍ପାୟାର୍ ଷ୍ଟେଟ୍ ବିଲ୍‌ଡିଂର ଅଫିସ୍ ସ୍ପେସ୍ ଏହା ଅଧାରୁ କମ୍ । ହେଲ୍‌ସ ବଟମ୍ ନାମକ ସ୍ଥାନରେ 'ପେଣ୍ଟାଗନ୍' ଅବସ୍ଥିତ । ଏକଦା ହେଲ୍‌ସ ବଟମ- ବେଶ୍ୟା ପଡ଼ା ଭାବେ କୁଖ୍ୟାତ ଥିଲା ଏବଂ ମୁଖ୍ୟତଃ ଗରିବ ନିଗ୍ରୋଙ୍କ ବାସସ୍ଥାନ ଥିଲା । 'ଶୀତଳ ଯୁଦ୍ଧ' କାଳରେ ଏହାକୁ କୁହାଯାଉଥିଲା 'ଗ୍ରାଉଣ୍ଡ୍ ଜିରୋ' । ସୋଭିଏତ୍ ରୁଷିଆ ସହ ଆଣବିକ ଯୁଦ୍ଧ ହେଲେ, ଏହା ଉପରେ ପ୍ରଥମ ଆକ୍ରମଣ ହେବ, ଏହି ଆଶଙ୍କାରେ ଏଭଳି ନାମିତ କରାଯାଇଥିଲା । 'ପେଣ୍ଟାଗନ୍'ର ସମସ୍ତ କରିଡର୍‌ର ମୋଟ ଲମ୍ବ ୧୭.୫ ମାଇଲ୍ । ଥରେ ଜେନ୍‌ରଲ୍ ଆଇଜେନ୍‌ହାୱାର୍ ସେଠାରେ ନିଜ ଅଫିସ୍ ଖୋଜୁଖୋଜୁ ହଜିଯାଇଥିଲେ । ୧୯୪୩ରେ 'ପେଣ୍ଟାଗନ୍' ଲୋକାର୍ପିତ ହେବା ପରଠାରୁ ମାତ୍ର ଥରେ ନବୀକରଣ ହୋଇଥିବା ଜଣାଯାଏ । ଉକ୍ତ ନବୀକରଣ କାର୍ଯ୍ୟ ସତର ବର୍ଷ ଚାଲିଥିଲା ଏବଂ ବ୍ୟୟ ହୋଇଥିଲା ୪୫୦ କୋଟି ଡଲାର୍ । ଏହା ପାଞ୍ଚ ମହଲା ବିଶିଷ୍ଟ । ଏଥିରେ ଆଦୌ ଲିଫ୍‌ଟ ବା ଏଲିଭେଟର୍ ନାହିଁ । ଏତେ ବିଶାଳ ହୋଇଥିଲେ ହେଁ ଏହାର ନିର୍ମାଣ ମାତ୍ର ଦୁଇ ବର୍ଷରେ ଶେଷ ହୋଇଥିଲା । ଏକଦା 'ପେଣ୍ଟାଗନ୍'ରେ ଶ୍ୱେତାଙ୍ଗ ଓ ଅଣ-ଶ୍ୱେତାଙ୍ଗ (ନିଗ୍ରୋ)ଙ୍କ ପାଇଁ ଭିନ୍ନ ଭିନ୍ନ ଶୌଚାଳୟ ଥିଲା ।



## କିଶୋରଙ୍କ ପାଇଁ ବାୟୁ ପ୍ରଦୂଷଣ

ଏକ ନୂଆ ଗବେଷଣାରୁ ଜଣାପଡ଼ିଛି ଯେ, ବାୟୁ ପ୍ରଦୂଷଣର ଉଚ୍ଚସ୍ତର କିଶୋରଙ୍କ ମଧ୍ୟରେ ଅପରାଧିକ ବ୍ୟବହାର ଆଶଙ୍କା ବୃଦ୍ଧି କରିପାରେ । ଗବେଷକମାନଙ୍କ କହିବାନୁସାରେ ବାୟୁ ପ୍ରଦୂଷଣ ଉଚ୍ଚତମ ସ୍ତରରେ ରହିବା ଯୋଗୁଁ ଛୋଟ ଛୋଟ ବିଷାକ୍ତ କଣିକା ବିକଶିତ ହୋଇ ମସ୍ତିଷ୍କରେ ପ୍ରବେଶ କରିଥାଏ । ଏହା ମସ୍ତିଷ୍କ ଭିତରେ କିଛି ନା କିଛି ପ୍ରଭାବ ପକାଇଥାଏ । ଭାବନା ଏବଂ ନିଷ୍ପତ୍ତି ନେବା ପାଇଁ ମସ୍ତିଷ୍କର ଯେଉଁ ଅଂଶ ଦାୟୀ ତାହା ଉପରେ ଖରାପ ପ୍ରଭାବ ପଡ଼ିଥାଏ । ଏହି ଗବେଷଣା ହେଉଛି ସ୍ୱଚ୍ଛ ପବନର ମହତ୍ୱ ସମ୍ପର୍କରେ ଏକ ଚେତାବନୀ । ସହରାଞ୍ଚଳରେ ବୃକ୍ଷରୋପଣର କେତେ ଆବଶ୍ୟକତା ରହିଛି ତାହା ଏହି ଗବେଷଣାରୁ ଜଣାପଡ଼ିଛି । ଗବେଷଣାର ନେତୃତ୍ୱ ନେଇଥିବା ଗବେଷକ ଡାଏନା ୟୋନାନ୍‌ଙ୍କ କହିବାନୁସାରେ ପ୍ରଦୂଷଣ ପାଇଁ ଦାୟୀ ଛୋଟ କଣିକାକୁ ପାର୍ଟିକୁଲେଟ୍ ମ୍ୟାଟର୍ ବୋଲି କୁହାଯାଏ । ଏହି କଣିକା ଏକ କେଶମୂଳଠାରୁ ମଧ୍ୟ ୩୦ ଭାଗ ଛୋଟ ହୋଇଥିବାରୁ ସ୍ୱାସ୍ଥ୍ୟ ପାଇଁ ବହୁତ କ୍ଷତିକାରକ ବୋଲି ଡାଏନା କହିଛନ୍ତି । ଆମେରିକାସ୍ଥିତ ୟୁନିଭର୍ସିଟି ଅଫ୍ ସର୍ଦନ କାଲିଫର୍ଣ୍ଣିଆର ରିସର୍ଚ୍ଚ ଆସୋସିଏଟ୍ ଡାଏନା କହିଛନ୍ତି, ଏହି ଛୋଟ ରାସାୟନିକ କଣିକା ମଣିଷ ଶରୀରରେ ପ୍ରବେଶ କରି ଫୁସ୍‌ଫୁସ୍ ଏବଂ ହୃଦୟକୁ ପ୍ରଭାବିତ କରିଥାଏ । ଯାହାଦ୍ୱାରା ମସ୍ତିଷ୍କର ସରଞ୍ଚନା ଓ ସ୍ନାୟୁ ବ୍ୟବସ୍ଥା କ୍ଷତିଗ୍ରସ୍ତ ହୋଇଥାଏ । ଏହି କିଶୋରଙ୍କ ବ୍ୟବହାରକୁ ମଧ୍ୟ ପ୍ରଭାବିତ କରିଥାଏ ବୋଲି ଗବେଷଣଶରତ ଡାଏନା କହିଛନ୍ତି ।

## ବୋଇତାଳୁ ପୋଡ଼ପିଠା



**ସାମଗ୍ରୀ:**

-ବୋଇତାଳୁ (କଖାରୁଞ୍ଜ): ୧ କେ.ଜି.
-ଅରୁଆ ଚାଉଳ: ୫୦୦ ଗ୍ରାମ୍
-ଚିନି: ୫୦୦ ଗ୍ରାମ୍
-କାଜୁବାଦାମ୍: ୨୫ଟି
-ଦ୍ରାକ୍ଷା: ୨୦ଟି
-ଅଳେଇଚ: ୧୦ଟି
-ଗୋଲମରିଚ: ୨୦ଟି
-ଗୁଆଘିଅ: ୧୫୦ଗ୍ରାମ୍
-କୋରା ନଡ଼ିଆ: ଫାଳେ
-ଛୋଟ କଦଳୀ ପତ୍ର
-ସ୍ୱାଦ ଅନୁସାରେ ଲୁଣ

**ପ୍ରଣାଳୀ:**

ପ୍ରଥମେ ଚାଉଳକୁ ଦୁଇ ଘଣ୍ଟା ବତୁରାଇ ଦିଅନ୍ତୁ । ଦୁଇ ଘଣ୍ଟା ପରେ ତାକୁ ଛାଣି ବହଳିଆ କରି ଗ୍ରାଇଣ୍ଡିଂ କରିଦିଅନ୍ତୁ । ବୋଇତାଳୁର ଚୋପା ଛଡ଼ାଇ ଧୋଇ ଛୋଟ ଛୋଟ ଖଣ୍ଡ କରି କାଟି ସିଝାଇ ଦିଅନ୍ତୁ । ବୋଇତାଳୁ ଥଣ୍ଡା ହେଲା ପରେ ଚାଉଳ ଗୁଣ୍ଡରେ ମିଶାଇ ଚକଟନ୍ତୁ । ଚିନିକୁ ଗ୍ରାଇଣ୍ଡିଂ କରି ସେହି ମିଶ୍ରଣରେ ଗୋଳାଇ ଦିଅନ୍ତୁ । କାଜୁ, ଦ୍ରାକ୍ଷାକୁ ଅଳ୍ପ ଆଞ୍ଚରେ ଭାଜି ଦିଅନ୍ତୁ । ତା' ପରେ କାଜୁ, ଦ୍ରାକ୍ଷା, ନଡ଼ିଆ କୋରା, ଅଳେଇଚ, ଗୋଲମରିଚକୁ ଗୁଣ୍ଡ କରି, ଲୁଣ ପକାଇ ଗୋଳାଇ ଦିଅନ୍ତୁ । ସବୁକୁ ୫ ରୁ ୭ ମିନିଟ୍ ପର୍ଯ୍ୟନ୍ତ ଭଲ ଭାବେ ଫେଣ୍ଟି ଦିଅନ୍ତୁ । ପ୍ରେସର କୁକର୍‌କୁ ଗ୍ୟାସ୍‌ରେ ବସାଇ ଢାଙ୍କୁଣୀ ବାହାର କରି ପାଞ୍ଚ ମିନିଟ୍ ଧିମା ଆଞ୍ଚରେ ବସେଇ ଦିଅନ୍ତୁ । କଦଳୀ ପତ୍ରକୁ ଭଲ ଭାବେ ଧୋଇ ସେଥିରେ ଅଧାଘିଅ ଲଗେଇ ଦିଅନ୍ତୁ । ଆଉ ଅଧାଘିଅକୁ ପ୍ରେସର କୁକୁର୍ ଭିତର ସାରା ବୋଳିଦେଇ ପିଠଉକୁ ଢାଳି ଦେଇ ଗ୍ୟାସ୍‌ରେ ବସେଇ ଦିଅନ୍ତୁ । ଟିକେ ସିଝିଗଲା ପରେ ଢାଙ୍କୁଣୀର ହୁଇସିଲ୍ କାଢ଼ି ଢାଙ୍କୁଣୀ ଦେଇ ଧିମା ଆଞ୍ଚରେ ୪୫ ମିନିଟ୍ ବସାନ୍ତୁ । ସିଝିଗଲେ ପିଠା ବାସ୍ନା ଆସିବ । ତା' ପରେ ଗୋଟିଏ ଥାଳିରେ କାଢ଼ି ଦିଅନ୍ତୁ । ପୂରା ଥଣ୍ଡା ହେଲା ପରେ ପତ୍ର ବାହାର କରି ଛୁରିରେ ଖଣ୍ଡ ଖଣ୍ଡ କରି କାଟି ସମସ୍ତଙ୍କୁ ଖାଇବାକୁ ପରଷି ଦେବା ସହ ନିଜେ ମଧ୍ୟ ଖାଆନ୍ତୁ । ଓଭାନ୍ କିମ୍ବା ନନ୍‌ଷ୍ଟିକ୍ କଡ଼େଇରେ ପୋଡ଼ପିଠା ତିଆରି କଲେ କଦଳୀ ପତ୍ରର ଆବଶ୍ୟକ ନାହିଁ । ଗୋଟେ ଛୋଟ ଗ୍ଲାସ୍‌ରେ ଅଧାପାଣି ରଖି ପିଠା ମଝିରେ ରଖିଦେଲେ ପିଠା ମଝି କଞ୍ଚା ରହେନି ।

## ଶହେ ଭାଷା କହିପାରୁଥିବା ରୋବୋଟ୍



ଇରାନ୍‌ର ତେହେରାନ୍ ବିଶ୍ୱବିଦ୍ୟାଳୟ ଏଭଳି ଏକ ରୋବୋଟ୍ ତିଆରି କରିଛି ଯାହା ଶହେଟି ଭିନ୍ନ ଭିନ୍ନ ଭାଷା ବୁଝିପାରିବା ସହ ଅନୁବାଦ ବି କରିପାରୁଛି । କେବଳ ଏତିକି ନୁହେଁ ଏହା ମୁହଁ ଚିହ୍ନିବା ସହ ଫୁଟବଲ୍‌କୁ କିକ୍ ମାରିପାରେ । ଆଇଆର୍‌ଆଇବି ଟିଭି ରିପୋର୍ଟ ଅନୁସାରେ, ବିଶ୍ୱବିଦ୍ୟାଳୟର ଏକ ଟିମ୍ ଚାରି ବର୍ଷ ଧରି ଏହି ରୋବୋଟ୍‌କୁ ତିଆରି କରିଥିଲେ । ଏହାର ନାଁ 'ସୁରେନା' । ରିପୋର୍ଟ ଅନୁସାରେ ଏହି ରୋବୋଟ୍ ଯେ କୌଣସି ଜିନିଷକୁ ଉଠାଇପାରିବ । ଖାଲି ସେତିକି ନୁହେଁ, ଲୋକମାନଙ୍କ ସହ ହାତ ମିଳାଇ ଅଭିନନ୍ଦନ ଜଣାଇପାରିବ । ସୂତ୍ର ଅନୁସାରେ, ୧୭୦ ସେଣ୍ଟିମିଟର୍ ଲମ୍ବ ଏବଂ ୭୦ କିଲୋଗ୍ରାମ୍ ଓଜନର ସୁରେନା ଘଣ୍ଟା ପ୍ରତି ୦.୭ କିଲୋମିଟର୍ ଗତିରେ ଚାଲିବାକୁ ସକ୍ଷମ ଏବଂ ଆବଡ଼ା-ଖାବଡ଼ା ଜାଗାରେ ଆଗପଛ ତଥା ବାମ-ଡାହାଣକୁ ମୁହଁ ବୁଲାଇପାରିବ ।

## ବୌଦ୍ଧ ପ୍ରତିମା ଗାଁ





ଜାପାନ୍ ଅନ୍ତର୍ଗତ ଓ୍ୱସାବାନୋର ଏକ ଗାଁ ନାମ- 'ଫୁରିଆଇ ସେକିବୁତ୍‌ସୁ ନୋ ସାତୋ' । ଏହାର ଅର୍ଥ- 'ଯେଉଁ ଗ୍ରାମରେ ବୌଦ୍ଧ ପ୍ରତିମାମାନଙ୍କୁ ଭେଟିବ' । ସେଠାରେ ମୋଟ ଆଠ ଶହଟି ପ୍ରତିମା ରହିଛି । ତନ୍ମଧ୍ୟରୁ ଅର୍ଦ୍ଧାଧିକ ବିଭିନ୍ନ ବୌଦ୍ଧ ଦେବା-ଦେବୀଙ୍କର । ମୁତ୍‌ସୁ ଫୁରୁକାୱା ନାମକ ବିତ୍ତଶାଳୀ ବ୍ୟକ୍ତି ୧୯୮୯ରେ ପ୍ରତିମାଗଡ଼ିକୁ ଗଢ଼ାଇ, ସ୍ଥାପିତ କରାଇଥିଲେ । ଏ ବାବଦରେ ସେତେବେଳେ ବ୍ୟୟ କରିଥିଲେ ୪.୪ କୋଟି ପାଉଣ୍ଡ୍ ଷ୍ଟର୍ଲି । ମୁତ୍‌ସୁଙ୍କ ମୃତ୍ୟୁ ପରେ କେହି ରକ୍ଷଣାବେକ୍ଷଣା କରି ନଥିଲେ । ପ୍ରତିମାଗୁଡ଼ିକ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହି ଏବେ ଏକ ଭୌତିକ ପରିବେଶ ସୃଷ୍ଟି କରିଛି ।

# ଧ୍ୱନି ପ୍ରତିଧ୍ୱନି



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

# ପ୍ରକୃତିର ରୋଷ...

ବର୍ଷ ଆରମ୍ଭରୁ ଦେଶ ତଥା ବିଶ୍ୱକୁ ଲାଗି ରହିଛି ଗୋଟିକ ପରେ ଗୋଟିଏ ବିପତ୍ତି । ପ୍ରକୃତି ଯେମିତି ସମସ୍ତଙ୍କ ଉପରେ ଦାଉ ସାଧୁଛି । କେଉଁଠି ଅନାବୃଷ୍ଟି ତ' ଆଉ କେଉଠି ଅତିବୃଷ୍ଟି । ଭୂମିକମ୍ପ, ଭୂସ୍ଖଳନ ଜନିତ କ୍ଷତି ଜନସାଧାରଣଙ୍କ ହୃଦ୍‌ସ୍ପନ୍ଦନ ବଢ଼ାଇ ରଖିଛି । ଅଷ୍ଟ୍ରେଲିଆରେ ଜଙ୍ଗଲୀ ନିଆଁ ମାସ ମାସ ଧରି ଲାଗି ରହିବା ଫଳରେ ଯେଉଁ ଅଭୂତପୂର୍ବ ତଥା ଅସନ୍ତୁଳିତ ସ୍ଥିତି ଉତ୍ପନ୍ନ ହେଲା ତାହା ପ୍ରକୃତିପ୍ରେମୀଙ୍କୁ ବ୍ୟଥିତ କଲା । ଏଯାଏଁ ସେହି ଦାବାନଳ ପୂରାମାତ୍ରାରେ ନିର୍ବାପିତ ହୋଇନାହିଁ । ମାର୍ଚ୍ଚ ମାସରୁ ଆରମ୍ଭ ହୋଇ ବର୍ଷର ଏହି ଅବଧି ପର୍ଯ୍ୟନ୍ତ କରୋନା ସଂକ୍ରମଣ ଲାଗି ରହିଛି । ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ପାଇଁ ଏହା ମହାଘାତକ ସାଜିଛି । ସଂକ୍ରମିତଙ୍କ ସଂଖ୍ୟା ସହ ବଢ଼ିଚାଲିଛି ତଦ୍‌ଜନିତ ମୃତ୍ୟୁସଂଖ୍ୟା । ଏହି ମହାଘାତକ ଭୂତାଣୁର କିଛି ତୁରନ୍ତ ପ୍ରତିଷେଧକ ବା ଉପଚାର ବାହାରି ପାରିନଥିବାରୁ ଯେମିତି ବିଶ୍ୱବାସୀ ଅସହାୟ ହୋଇପଡ଼ିଛନ୍ତି । ଆମ ଦେଶ ଏହି ଅଭୂତପୂର୍ବ ସ୍ଥିତିର ମୁକାବିଲା ପାଇଁ ଯତ୍ପରୋନାସ୍ତି ଉଦ୍ୟମ ଚଳାଇଛି । ମାତ୍ର ଏହା ବୈଶ୍ୱିକ ମହାମାରୀ ରୂପ ନେଇ ସାରିଥିବାରୁ କିଛି ତୁରନ୍ତ ଉପଚାର ବାହାରି ପାରୁନାହିଁ ଏବଂ ଲକ୍ଷ ଲକ୍ଷ ନରନାରୀ ତାହାର ଶରବ୍ୟ ହେଉଛନ୍ତି । ଭାରତର ବିଭିନ୍ନ ସ୍ଥାନରେ ଗତ କିଛି ଦଦିନ ଧରି ପ୍ରାକୃତିକ ବିପର୍ଯ୍ୟୟ ହେବାରେ ଲାଗିଛି । ବିହାର, କେରଳ, ଆସାମ, ଉତ୍ତରାଖଣ୍ଡ ଭଳି ରାଜ୍ୟରେ ବନ୍ୟାର ତାଣ୍ଡବ ଲୀଳା ଚାଲିଛି । ଆମ ରାଜ୍ୟ ଓଡ଼ିଶାର କୋଡ଼ିଏରୁ ଅଧିକ ଜିଲ୍ଲାରେ କିଛି ସପ୍ତାହ ଧରି ପ୍ରବଳ ବନ୍ୟା ପ୍ରକୋପ ଦେଖାଦେଇଛି । ଚଉଦ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ବନ୍ୟ ପାଇଁ ଅତ୍ୟନ୍ତ ଦୁଃଖ ଦୁର୍ଦ୍ଦଶାରେ ଅଛନ୍ତି । ମହାନଦୀର ଉପରମୁଣ୍ଡ ତଥା ଛତିଶଗଡ଼ରୁ ଆସିଥିବା ବନ୍ୟାଜଳ ଦ୍ୱାରା ତଳିଆ ଜିଲ୍ଲାରେ ଦେଖାଦେଇଛି ପ୍ରବଳ ବନ୍ୟା । ହୀରାକୁଦ ଜଳଭଣ୍ଡାରର ଗେଟ୍‌ଗୁଡ଼ିକୁ ଖୋଲା ଯାଇଥିବାରୁ ମହାନଦୀ ଏବଂ ତାହା ଶାଖା ନଦୀଗୁଡ଼ିକରେ ପ୍ରଖର ଓ ପ୍ରବଳ ବନ୍ୟାଜଳ ଆସି ରାସ୍ତାଘାଟ ଓ ସହର ବଜାରକୁ ବୁଡ଼ାଇ ଦେଇଛି । ବହୁ ସ୍ଥାନରେ ଲଘୁଚାପଜନିତ ବର୍ଷା ଅତ୍ୟଧିକ ହୋଇଯିବା ଫଳରେ ଲକ୍ଷ ଲକ୍ଷ ଲୋକ ଜଳବନ୍ଦୀ ହୋଇ ରହିଛନ୍ତି । ଚଳ ନାହିଁ କି ଚୁଲି ଜଳୁନି । କରୋନା ସହ କଥିତ ଯୁଦ୍ଧରେ ଜନଜୀବନ ପୂରା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ସମୟରେ ବନ୍ୟା ବିପର୍ଯ୍ୟୟ ଆସିଲା । ସରକାର କିଭଳି ଦୁଇଟିଯାକ ବିପର୍ଯ୍ୟୟର ସମ୍ମୁଖୀନ ହେଉଛନ୍ତି, ତାହା ସମସ୍ତଙ୍କ ପାଇଁ ଦେଖିବାର କଥା । ଗୋଟିଏ ଦୁଇଟି ନୁହେଁ, ରାଜ୍ୟର କୋଡ଼ିଏ ରାଜସ୍ୱ ଜିଲ୍ଲାକୁ ରାସ୍ତାଘାଟ ନାହିଁ । ପ୍ରମୁଖ ଜିଲ୍ଲାଗୁଡ଼ିକରେ ଚାଷଜମିଠାରୁ ଆରମ୍ଭ କରି ରାସ୍ତାଘାଟ ବୁଡ଼ିକରି ରହିଛି । ଯେଉଁଠିକୁ ସଂଯୋଗ ରହିଥିବାର କୁହାଯାଉଛି, ସେଠାକୁ ଡଙ୍ଗାରେ ରାଜସ୍ୱ ଅଧିକାରୀମାନଙ୍କୁ ପଠାଯାଇଛି । ରନ୍ଧା ତଥା ଶୁଖିଲା ଖାଦ୍ୟ ଧରି ସେମାନେ ବନ୍ୟାବିପନ୍ନଙ୍କ ପାଖରେ ପହଞ୍ଚିବା ଯେମିତି କଷ୍ଟକର ହେଉଛି । ତାହାରି ଭିତରେ କୁହାଯାଇପାରିବ ଯେ, ବିପନ୍ନଙ୍କ ପାଇଁ ତାହା ସମୁଦ୍ରକୁ ଶଙ୍ଖେ ଭଳି । ଜରୁରି ପାଣ୍ଠିରୁ ଅର୍ଥ ବନ୍ୟାବିପନ୍ନଙ୍କ ଉଦ୍ଧାର ଓ ସହାୟତା ଲାଗି ବ୍ୟୟିତ ହେଉଥିବାର କୁହାଯାଉଥିବା ବେଳେ ସ୍ୱେଚ୍ଛାସେବୀ ସଂଗଠନ ଓ ସ୍ୱୟଂସହାୟିକା ଗୋଷ୍ଠୀଗୁଡ଼ିକ ଉଦ୍ଧାର ଓ ସହାୟତା କାର୍ଯ୍ୟରେ ଲାଗିଯିବା ଜରୁରି ହୋଇ ଦେଖାଦେଇଛି । ଜଳବନ୍ଦୀ ହୋଇ ଦୀର୍ଘଦିନ ରହିଥିବା ଲୋକଙ୍କୁ ବନ୍ୟ ପରବର୍ତ୍ତୀ ରୋଗ ସଂକ୍ରମଣର ଆଶଙ୍କା ଦୃଷ୍ଟିରୁ ଚିକିତ୍ସକ ଓ ସ୍ୱାସ୍ଥ୍ୟକର୍ମୀଙ୍କର ବିପନ୍ନ ଅଞ୍ଚଳରେ ପହଞ୍ଚିବା ଜରୁରି ହୋଇ ରହିଛି । କ୍ଷତିଗ୍ରସ୍ତ ପରିବାରଗୁଡ଼ିକର ଗୋ ସମ୍ପଦ ଓ ଅନ୍ୟ ଗୃହପାଳିତମାନଙ୍କର ବ୍ୟବସ୍ଥା କରାଯିବା କେତେ ଜରୁରି ସେ ନେଇ ପ୍ରଶାସନର ଅଭିଜ୍ଞତା ରହିଛି । ସର୍ବୋଚ୍ଚ ସ୍ତରରେ ଏହି ଚିର ସହଚର ବିପତ୍ତିର ମୁକାବିଲା ପାଇଁ ଯୁଦ୍ଧକାଳୀନ ବ୍ୟବସ୍ଥା କରାଯିବା ଯେମିତି ଗୁରୁତ୍ୱପୂର୍ଣ୍ଣ, ସେମିତି ବନ୍ୟା ପରବର୍ତ୍ତୀ ସ୍ଥିତିର ମୁକାବିଲା ଜରୁରି ମନେହୁଏ ।




## ପରିବାବାଲା..

### ଶରତ କୁମାର ଦାସ

ସଅଳ ସଅଳ ଗାଧୋଇ ପଡ଼ି
ମଇଳା ଗାମୁଛା ମୁଣ୍ଡରେ ଭିଡି
ବୁଲେ ସାହି କେତେ ଗାଆଁ,
କାନ୍ଧେ ଥାଏ ତା'ର ଓଜନିଆ ଭାର
ଡାକୁଥାଏ ନିଅ ମାଆ ।

"ଆଣିଛି ତଟକା ପରିବା କେତେ
ବାଇଗଣ, ଭେଣ୍ଡି, ବିଲାତି ଯେତେ
ନିଅ ନେଉଟିଆ ଶାଗ,
ବଢ଼ି ଦେଇ ଟିକେ ଯତନେ ଭାଜିବ
ଲାଗିବଟି ସିନା ବାଗ ।"

ଖରା ବରଷାକୁ ନାହିଁ ତା' ଡର
ପରିବା ବିକି ସେ ଚଳାଏ ଘର
ଝାଳବୁହା ଧନ ବଳେ,
ଶାଗ ପଖାଳର ଛୋଟ ସଂସାରରେ
ଚୁଲି ସିନା ନିତି ଜଳେ ।

ପାଂଚଟି ପେଟକୁ ଦାନା ସେ ଦିଏ
ବୁଢ଼ା ବାପ ପାଇଁ ଔଷଧ ନିଏ
ପୁଅକୁ ପଢ଼ାଏ ପାଠ,
ବିପଦରେ ସିଏ ପଡ଼େ ନାହିଁ ଭାଙ୍ଗି
ହସି ହସି ଚାଲେ ବାଟ ।

ମୁଣ୍ଡ ଝାଳ ସିଏ ତୁଣ୍ଡରେ ମାରି
ସବୁତକ କଷ୍ଟ ଛାତିରେ ଭରି
ସପନ ଦେଖେ ସେ ନିତି,
ଘରଟି ତୋଳିବ ଝିଅ ବାହାଦେବ
କେତେ ଯେ ସଂସାର ରୀତି ।

ପାଠ ପଢ଼ି ପୁଅ ହାକିମ ହେବ
ଦେଶ ଓ ଜାତିର ନାଁ ରଖିବ
ଦୂର ହୋଇଯିବ ଦୁଃଖ,
ପରିଶ୍ରମ ତା'ର ହୋଇବ ସଫଳ
ମିଳିବ ସରଗ ସୁଖ ।

+ ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା- କେନ୍ଦୁଝର
ମୋ: ୮୨୪୯୧୩୭୦୯୧

## ମୋ ଗାଁ ମନ୍ଦିର..

### ରାମ ଚନ୍ଦ୍ର ପ୍ରଧାନ

ଛୋଟିଆ ହେଲେ ବି ମୋ ଗାଆଁ ମନ୍ଦିର
ଦିଶଇ ଭାରି ସୁନ୍ଦର
ଯାନୀ ଯାତରାରେ ପୂଜା ପର୍ବାଣୀରେ
ଜମେ ଭକ୍ତଙ୍କ ଆସର ।

ଚନ୍ଦନ କର୍ପୂର ଧୂପ ଦୀପ ବାସେ
ମହକେ ମନ୍ଦିର ବେଢ଼ା
ନାଲିଆ ନେତରେ ଶୋଭା ପାଉଥାଏ
ମୋ ଗାଁ ମନ୍ଦିର ଚୂଡ଼ା ।

ସକାଳ ଧୂପରେ ସଞ୍ଜ ଆଳତୀରେ
ଘଣ୍ଟଘଣ୍ଟି ଶବ୍ଦ ଶୁଭେ
ଭକ୍ତି ନୈବେଦ୍ୟରେ ମନ୍ତ୍ର ଉଚ୍ଚାରଣେ
ଭକତ ଆଶିଷ ଲଭେ ।

ମନେ ଶାନ୍ତି ଆସେ ମନ୍ଦିରକୁ ଗଲେ
ସାଥେ ଥିଲେ ପରିବାର
ସମର୍ପଣ ଭାବ ମନେ ଜାଗିଉଠେ
ଭକ୍ତି ଝରେ ନିରନ୍ତର ।

ମୋ ଗାଁ ମନ୍ଦିର ମୋ ପାଇଁ ଅଟଇ
ମୁକତିର ପୁଣ୍ୟତୀର୍ଥ
ଭଲପାଏ ତାକୁ ପ୍ରାଣ ଠୁ ଅଧିକ
ନ ରଖି ମନରେ ସ୍ୱାର୍ଥ ।

ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ:୯୮୬୧୬୩୮୭୩୬

# ବ୍ରାହ୍ମଣ ରାଜା ଖଣ୍ଡ ପରଜା

ଉତ୍କଳାନନ୍ଦ ଅଜୟ କୁମାର ବେହେରା



ରାଜା ବ୍ରାହ୍ମଣ ହେଲେ କାହାକୁ କର ଛାଡ଼ କରନ୍ତି ନାହିଁ। ରାବଣ ଜଣେ ବ୍ରାହ୍ମଣ ରାଜା। ସେ ଜାଣିଥିଲେ ଋଷିମୂନୀମାନେ ନିଷ୍ୱର ଜୀବନ ବିତାଉଛନ୍ତି। ଜଙ୍ଗଲ ଅରଣ୍ୟରେ ବାସ କରୁଛନ୍ତି ଯେଉଁ ସ୍ଥାନକୁ ରାଜକର୍ମଚାରୀ ଯାଇ କର ଆଦୟ ଦୂରର କଥା ଠିକଣା ଯୋଗାଡ଼ କରିପାରିବେ ନାହିଁ। ହେଲେ ପାଞ୍ଜି ବୋଲି ଏକ ସମତା ରକ୍ଷକ ଶାସ୍ତ୍ର ଅଛି ଯହିଁରେ ଶାସ୍ତ୍ରସମ୍ମତ ଏଦ୍ୱରେ ବିଭିନ୍ନ ତୀର୍ଥ ସ୍ଥାନ ପଡ଼େ, ସେମିତିରେ ଜନପଦକୁ, ଋଷିମାନେ ଅତିଦରକାରୀ ପୁଣ୍ୟକର୍ମ ଭାବି ଆସିଥାନ୍ତି। ଏଥିରେ ରାବଣ କର ଆଦାୟର ଧାରା ଆଉ ଏକ ପ୍ରକାର ଯୋଡ଼ିଲେ। ତାଙ୍କର ରକ୍ତଭଣ୍ଡାର, ପ୍ଲାଜମା ଭଣ୍ଡାର ପାଇଁ ଏକ ଯୋଜନା କରି ଏଇ ମାନଙ୍କର ନିରୋଗ ଶରୀରରେ, ରୋଗ ପ୍ରତିରୋଧ ଶକ୍ତି ପ୍ରବଳ ଥିବା ଜାଣି ଋଷିମୂନୀଙ୍କ ଶରୀରରୁ ଯୋର ଜୁଲମ କରି ରକ୍ତ ପ୍ଲାଜମା ସଂଗ୍ରହ ଧନ୍ଦା ଆରମ୍ଭ କରିଥିଲେ। ଫଳରେ ଋଷିମୁନୀ ମାନେ ଭୟତ୍ରସ୍ତ ରହି, ରାମେଶ୍ୱର ପର୍ଯ୍ୟନ୍ତ ବି ଆସୁନଥିଲେ, ଏପରିକି ରାମେଶ୍ୱର ଶିବଲିଙ୍ଗ, ପ୍ରତିଷ୍ଠାରେ ଖୋଦ ରାବଣଙ୍କର ପୁରୋହିତ ବାହିନୀ ସହିତ ସେ ମୁଖ୍ୟ କରପଟଦାର ହୋଇ ଶ୍ରୀରାମଙ୍କ ପୁରୋହିତ ବରଣରେ ଆସିଥିଲେ। ଏପରି ପର୍ଶୁରାମ ଏକୋଇଶ ଥର ପୃଥିବୀରେ ଅତ୍ୟାଚାରୀ କ୍ଷତ୍ରୀୟ ରାଜାଙ୍କୁ ସଂହାର କରିଥିଲେ ଓ ତାଙ୍କର ଏଇ ରାଜ୍ୟ ପୁଣି ବ୍ରାହ୍ମଣ ମାନଙ୍କୁ ପ୍ରଶାସନ ପାଇଁ ଦାନ କରିଥିଲେ। ଗୋଆ, ଗୋମନ୍ତକ ରାଜ୍ୟ, ଯାହାକୁ ପର୍ଶୁରାମ ସମୁଦ୍ରରୁ ଉଦ୍ଧାର କରିବା କୁହାଯାଏ। ସମୁଦ୍ର କୂଳର ମନୋଜ୍ଞ ରାଜଗିରିକୁ ସେ ହୁଏତ ଅବସାନ କରାଇଥିଲେ।

ଏପରି ଖଣ୍ଡ ପରଜା, ଖଣ୍ଡ ମାନେ ଆଜିକାଲି ପରି ରାଜକାନୁନରେ ପ୍ରତାପକୁ ବେଖାତିର କରିଦେବା, ଉଗ୍ରପନ୍ଥୀ, ଲାଲବାହିନୀ ନକ୍ସଲ ପରି ଗୋଷ୍ଠୀ, ପୂର୍ବେ ଏପରି ବର୍ଗୀ ପିଣ୍ଡାରୀ, ଠଗୀ ପରି ଗୋଷ୍ଠୀ ରହିଥିଲେ। ସୋମାଲିଆ ଜଳଦସ୍ୟୁ ଏପରି ସାଗରରେ ବେଳେ ବେଳେ ଜଳଯାନ ଅଟକାଇ ଏପରି କରିବା ଜଣାଯାଏ। ରାଜାକାନୁନ୍‌ରେ ଖଜଣା ଆଦାୟକାରୀଙ୍କୁ ଖୋଇପେଇ ସମ୍ମାନ ଦେଖାଇ ଏକ ବିରାଟ ଗୋଷ୍ଠୀ ହୋଇ ଖଜଣା ଦେବାକୁ ଆସି, ପାଉତି, ହାସଲ କରିବା ପରେ ହଠାତ୍ ତନ୍ମଧ୍ୟରୁ କେହି କ୍ୟାସ ବାକ୍ସକୁ ଛଡ଼ାଇ ରାଜକର୍ମଚାରୀଙ୍କୁ ଭୁଆଁ ବୁଲାଇ ଚାଲିଯାଆନ୍ତି। ଏମିତି ବା ପ୍ରଜା ଅଛନ୍ତି ଯେ ରାଜକର୍ମଚାରୀଙ୍କ ଖାତାରେ ଗରିବ, ମାତ୍ର ପ୍ରକୃତରେ ତାଙ୍କର କଳାଧନ୍ଦା ରହିଛି ସେ କର ଫାଙ୍କୁଛନ୍ତି। ଏବେ ଏପରି ସେବା ସଂସ୍ଥା ଅଛି ଯହିଁରେ ଅର୍ଥ ସହାୟକ ହେଲେ ଭାରତ ସରକାର ଆୟକର ଛାଡ଼ରେ ତାହା ଆସେ। ଅତଏବ ପୂର୍ବେ ଏପରି ମଠ ମନ୍ଦିର ବ୍ରାହ୍ମଣ ଶାସନ, ପୁରୋହିତ ବ୍ୟକ୍ତିଙ୍କୁ ନିଷ୍କର ବ୍ରହ୍ମୋତ୍ତର, ଦେବୋତ୍ତର ସମ୍ପତ୍ତି ଦିଆଯାଇଥିଲା। ସମୟ ବଦଳିଲେ ବି ଲୋକେ ଅଧିକ ଶିକ୍ଷିତ ଖାତାକୁ ଆସିଯିବା ପରିସଂଖ୍ୟାନ ଗଣିତ କହୁଛି ମାତ୍ର ଠେଙ୍ଗାବାଡ଼ି ଟେଳା ଫୋପଡ଼ା ସ୍ତର ବର୍ତ୍ତମାନ ପାଠପଢ଼ାଙ୍କର ମାର୍ଜିତ ହୋଇ ଫୋପଡ଼ା ବିଦ୍ୟାଟି ଏବେ ମିଜାଇଲରେ ପହଞ୍ଚ ଗଲାଣି। ଠେଙ୍ଗା ଭୟ ବର୍ତ୍ତମାନ ପୋଲିସ ହାତରେ ଲାଠିଚାର୍ଜରେ ଆସିଲେ ବି ଇଂଲଣ୍ଡରେ ଓଡ଼ିଶାର ବେଜଲଗେଟକୁ ଠେଙ୍ଗାରେ ପିଟି ହତ୍ୟା କରାଯିବା ଏଇ ଅସ୍ତ୍ରକୁ ଲଣ୍ଡନ ମ୍ୟୁଜିୟମରେ ସଂରକ୍ଷଣ କରାଯାଇଛି। ଠେଙ୍ଗା ଦୃଶ୍ୟ ଅଦୃଶ୍ୟ ଠେଙ୍ଗା ବି ଏବେ ଜାଗ୍ରତ ପୂର୍ଣ୍ଣଚ୍ଛେଦକୁ ଉର୍ଦ୍ଧ୍ୱରେ କୁହାଯାଏ ଲାଠି ଖଡ଼ାତନ ଏମିତି କେତେ ବିଷୟରେ ଲୋକେ କଷ୍ଟ ପାଉଛନ୍ତି ଅଥଚ ଘଟଣାକୁ ଶୁଣିବାକୁ ଫାଇଲରେ ନାଲି ଫିତା ଲାଗିଛି ଦରଖାସ୍ତ ସବୁରେ ଲାଠିଖାଡ଼ାତନ ଯାହା ଅଦୃଶ୍ୟ ଠେଙ୍ଗାମାଡ଼ରେ ଆବେଦନ ନିବେଦନକାରୀ ମର୍ମାହତ।

ବ୍ରାହ୍ମଣ କହିଲେ ସେଇମାନେ ଯେ ସମାଜର ରକ୍ଷକ ରାଜା ମାନଙ୍କୁ ସ୍ୱ ସ୍ୱ ବାସଭୂମି ଶାସନରୁ ଏକ ସୈଦ୍ଧାନ୍ତିକସ୍ତର ତତ୍କାଳ ସମସ୍ୟା ଉପରେ ପରାମର୍ଶ ଦେଇ ଆସିଥାନ୍ତି। ପରୋକ୍ଷ ,ମାନେ ବ୍ୟବସ୍ଥାପକ କହିଲେ ଭୁଲହେବନାହିଁ। ମାତ୍ର ସମୟ ଆସିଲା ଘରେ ଘରେ ବୁଟ, କପଟଛଳ, ଛଦ୍ମ ପ୍ରବେଶ କରି ମାମଲା କୋର୍ଟ କଚେରୀକୁ ଯାଉଛି। ଯୁବକ ଯୁବତୀ ବିବାହ ହୋଇ ମନ ମିଳୁନାହିଁ। ସିନ୍ଦୁର ସିନ୍ଥିରେ ପୁରୁଷ ଟିଏ ନାରୀ ପିନ୍ଧାଇ ହାତରେ କାଚ ପିନ୍ଧାଇ ଗଳାରେ ମଙ୍ଗଳସୂତ୍ର ପିନ୍ଧାଇ ଜାୟା ବହୁଜନ ବ୍ରାହ୍ମଣ ଅଗ୍ନୀଙ୍କୁ ସାକ୍ଷୀ କରି ନେଇ ବି ତାର ପ୍ରାଣଘାତକ ସାଜୁଛନ୍ତି। ନାରୀଟିଏ ତାର ଶାଶୁଘରେ ଏକା ଏକା ଗୋଟିଏ ଗୋଷ୍ଠୀ ସହିତ ମନ ମିଳାଇ ଚଳିବା ମୁସ୍କିଲ ହେଉଛି ଏଥିରେ ନିନ୍ଦା ଗଞ୍ଜଣା ଶରୀର କଷ୍ଟ ଆତ୍ମହତ୍ୟା ଯୌତୁକ ମାମଲା ଘଟୁଛି। ହେଲେ ସେ ବେଳରେ ବ୍ରାହ୍ମଣ ଶାସନର କଠୋର ନିଷ୍ପତ୍ତିରେ କଳି ପାଣିଫାଟି ଯାଉଥିଲା। କୌଣସି କାନୁନ ପ୍ରସ୍ତୁତ ବେଳେ ସମାଜ ରକ୍ଷକ ଧର୍ମ ରକ୍ଷକ ବ୍ରାହ୍ମଣଙ୍କ ପରାମର୍ଶ ବହୁବର୍ଷ ଧରି ନିଆଯାଉନାହିଁ। ପୂର୍ବେ ପଥିକ ପାନ୍ଥ ତିର୍ଥଯାତ୍ରୀ ଘରୁ ଚୂଡ଼ା ଚାଉଳ ଫଳମୂଳ ନେଇ ଯାଉଥିଲେ। ଶୁଷ୍କ ଖାଦ୍ୟ ଖାଇ ଭୋକ ଶୋଷ ମାରିବା ଧନ୍ଦା ଥିଲା। ପରଦେଶୀ ଆସି ନିଜ ହାତରେ ରୋଷେଇ କରି ଖାଉଥିଲେ, କିନ୍ତୁ ରେଳଗାଡ଼ି ଯାତ୍ରାରେ ଦୂରଗଲା ଯାତ୍ରାରେ ଯେଉଁ କାଟରିଙ୍ଗ ଭ୍ରାମମାଣ ଭୋଜନ ରୋଷେଇ ହେଲା ଏହାକୁ ଆସ୍ତେ ଏପରି ରୂପ ନେଲାଣି ଯାହା ଅନେକ ସୃଷ୍ଟି ହୋଇ ବିପଦର ସମ୍ମୁଖୀନ ଅର୍ଥ ଯାଉଛି ପେଟପୁରୁ ନାହିଁ, ସନ୍ତୋଷ ନାହିଁ, ଜାତୀନ୍ତର କଥା କିଏ ପଚାରେ ଶୁଦ୍ଧି ଖାଦ୍ୟର ପ୍ରଶ୍ନ ନାହିଁ। ଏମିତି ଶହ ଶହ ହୋଟେଲ ତୀର୍ଥରେ ଖୋଲି ଗଲାଣି ପୁରୀର ମହାପ୍ରସାଦ ବାହାରିବା ଡ଼େରି ହେଲେ ଲୋକେ ବାହାର ହୋଟେଲରେ ଭୋଜନ କରୁଛନ୍ତି ଏଥିରେ ବିଚାର କରାଯାଉନାହିଁ ଯେ ଇଷ୍ଟଙ୍କ ଦର୍ଶନ ହେଲା ତାଙ୍କର ଭୋଜନ ଧୂପ ଉଠିନାହିଁ ଆମେ କେମିତି ପଦାରେ ଖାଇଦେବା। ଏପରି ଅମାନିଆଁ ସ୍ତର କାହିଁକି ସମାଜରେ ଆସିଲା। ଏ ମୂଳରେ ଅଛି ଧର୍ମ ଚିନ୍ତନକୁ ବିସ୍ପୋଚାରରେ ପୁରାଇ ଦିଆଗଲାଣି। ସମସ୍ତେ ରାଜକାନୁନ ଡରି ଚଳୁଛନ୍ତି। ସମାଜ, ଧର୍ମ ଚଳନର ଦିଗ ସର୍ବଦା ହେୟ ଜ୍ଞାନ। ଏଥିରେ ଆଗକୁ ଆହୁରୀ ସ୍ତର ମନ୍ଦ ଆଡ଼କୁ ନିଶ୍ଚେ ଆସୁଛି।

କୌଣସି ଜାତି, କୌଣସି ସମ୍ପ୍ରଦାୟ, କୌଣସି ଧର୍ମକୁ ଆକ୍ଷେପ କରିବା ଆମର ଅଭିପ୍ରାୟ ନୁହଁ। ଆମ ଦେଶର ଯୌଥ ବ୍ରାହ୍ମଣ ଗୋଷ୍ଠୀ ସମସ୍ତଙ୍କୁ ଶାନ୍ତି ସହବସ୍ଥାନ ପାଇଁ କେତେକ ମୌଳିକ କାନୁନ ପ୍ରସ୍ତୁତ କରିଥିଲେ ତାହା ସମାଜରେ ଶାନ୍ତିରେ ସମସ୍ତଙ୍କୁ ରଖିବା ବୋଧ ହେଉଥିଲା। ଗୁରୁ ଗୁରୁଜନଙ୍କୁ ସମ୍ମାନ ଦେବା, ଶାସ୍ତ୍ର ପୁରାଣଙ୍କୁ ସମ୍ମାନ ଦେବା, ଦେଶ ପାଇଁ ପ୍ରାଣବଳୀ ଦେବା, ବିଦ୍ୱାନ ରାଜା ରାଜପୁରୁଷଙ୍କୁ ସମ୍ମାନ ଦେବା, ଏହା ସେହି ବ୍ରାହ୍ମଣ ସମାଜ ହିଁ ପୂର୍ବେ ସୃଷ୍ଟି କରିଥିଲେ। ଆଜି ଏପରି ରାଜକାନୁନ୍ ହୋଇଛି ଯଜନ ଯାଜନ ଅଧୟନ ଅଧାପନ ଉପରେ ହିଁ ଜଟିଳ କଷ୍ଟ ଲାଗୁ ହୋଇଛି। ଏପରି ହେବା କେବେ ହେଲେ ରାଜ ନିଷ୍କଣ୍ଟକ ଓ ନିୟମ କାନୁନ ନିଷ୍କଣ୍ଟକ ହୋଇନପାରେ। ଏମିତି ଯାଦବ ସଭ୍ୟତା ଯାହା ଯଦୁବଂଶ ନିପାତ ପରି ସମୟ ଆସିଯାଇପାରେ। ସାଧୁ ସାବଧାନ। କାନୁନ ପ୍ରସ୍ତୁତକର୍ତ୍ତାମାନେ ଦୂରଦୃଷ୍ଟି ସମ୍ପନ୍ନ ହୋଇଥିଲେ ଏହି କରୋନା ମହାମାରୀ ବେଳେ ବି ରୋଜଗାରୀରେ ଆଗ ଆସିଲେ ପୁରୋହିତ, ମନ୍ଦିର ସେବକ ପୂଜକ ଇତ୍ୟାଦି। ଆମ ମାଳିକା ବଚନ ହେଉଛି, ଆଗ ମରିବେ ସୂତ୍ରଧାରୀ, ମଧେ ମରିବେ ବଣିଜାରୀ, ଶେଷେ ମରିବେ କୃଷିକାରୀ। ସୂତ୍ରଧାରୀରେ ବ୍ରାହ୍ମଣଙ୍କୁ ପଇତା ପକାଇବା ଯୋଗୁଁ କେବଳ କୁହାଯାଏନାହିଁ। ନାନା ଉପାୟ କରି ଯେ ଜୀବିକା ଚଳାନ୍ତି ଏକ ଗ୍ୟାରେଣ୍ଟି ଭାବରେ ଯେ ରୋଜଗାର ବହୁବର୍ଷ ଚଳାଇ ଆସନ୍ତି। ଯଥା - ଓକିଲ, ମୋହରିର, ବସ ପରିଯାନ ମାଲିକ ଚାଳକ, କଣ୍ଡକ୍ଟର, ହକ୍କର, ପୁଷ୍ପ ବିକ୍ରେତା, ଦୀପ ବିକ୍ରେତା, ପୂଜାଦ୍ରବ୍ୟ ବିକ୍ରେତା, ଜ୍ୟୋତିଷୀ ଏମାନେ ସମସ୍ତେ ସୂତ୍ରଧାରୀ, ବଢ଼େଇମାନେ ଜାଙ୍ଗିଡ଼ ବ୍ରାହ୍ମଣ, ତାଙ୍କ କାଠ ଛେଦ ପାଇଁ କଳାସୂତାର ବ୍ୟବହାର ରେଖା ଟାଣିବାକୁ ଚକଖଡ଼ି ପେନସିଲ ଆବଶ୍ୟକକାରୀ ସମସ୍ତେ ସୂତ୍ରଧାରୀ, ଏମାନେ ଏମିତି କାନୁନ ହୋଇଛି ଗରିବ ଖାତାରେ ନାମ ନାହିଁ ମାତ୍ର ଗରିବ ଠାରୁ ଆହୁରି ନିମ୍ନରେ ରହିଗଲେଣି। ଏହାର କିପରି ସମାଧାନ ହେବ।

+ ସମ୍ପାଦକ 'ବରେଣ୍ୟବାଣୀ', ଅରୁଣଦୋୟନଗର, ଲିଙ୍କରୋଡ଼, କଟକ, ଦୂରଭାଷ : ୯୪୩୭୦୩୧୨୫୩

# କରୋନା ମହାମାରୀ ସମୟରେ ଅଭିଭାବକଙ୍କ ଦାୟୀତ୍ୱ ଓ କର୍ତ୍ତବ୍ୟ

ପ୍ରଦୀପ୍ତ ଆଚାର୍ଯ୍ୟ

ସମଗ୍ର ବିଶ୍ୱର ମାନବ ସମାଜ ଆଜି ଭୟଙ୍କର କରୋନା ମହାମାରୀର କରାଳ ମୁଖ ଗହ୍ୱର ସମ୍ମୁଖରେ ଦଣ୍ଡାୟମାନ। ଭୀତତ୍ରସ୍ତ ମାନବ ସମାଜ। ଚର୍ତୁଦିଗରେ ହାହାକାର। ସାମାଜିକ କ୍ଷେତ୍ର ଠାରୁ ଆରମ୍ଭ କରି ରାଜନୀତି,ସ୍ୱାସ୍ଥ ଏବଂ ଅର୍ଥନିତୀ କ୍ଷେତ୍ର ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ର କରୋନାର କବଳରେ କବଳିତ। ଜୀବନ ଜୀବିକା ମଧ୍ୟରେ ସଂଘର୍ଷ। ଅନିଶ୍ଚିତ ଭବିଷ୍ୟତର ଆଶଙ୍କାରେ ସମସ୍ତେ ଆତଙ୍କିତ। ଏହି ପରିସ୍ଥିତିରେ ଭୟଙ୍କର ଭାବରେ କ୍ଷତିଗ୍ରସ୍ତ ହୋଇଛି ଶିକ୍ଷା ବ୍ୟବସ୍ଥା ଏବଂ ଚପଳମତି ଶିଶୁ ଏବଂ କିଶୋର ମାନଙ୍କର ମାନସିକତା। ଶିଶୁଟିଏ ମାତୃକୋଳ ତ୍ୟାଗକରି ଯେତେବେଳେ ବିଦ୍ୟାଳୟ ପରି ଏକ ନୂଆ ଦୁନିଆରେ ପଦାର୍ପଣ କରେ,ସେତେବେଳେ ତାର ଦ୍ୱିତୀୟ ଆପଣାର ଲୋକ ହୋଇଥାଏ ତାର ସହପାଠୀ।ବିଦ୍ୟାଳୟରେ ଦୀର୍ଘ ଛଅ ଘଂଟାର ରହଣୀ ମଧ୍ୟରେ ସହପାଠୀ ମାନଙ୍କ ସହିତ ଏକତ୍ର ଭୋଜନ,ଖେଳକୁଦ,ମାରପିଟ ତଥା ରାଗରୋଷା ତାର ଆତ୍ମୀୟତାକୁ ବହୁଗୁଣିତ କରିଥାଏ। ତା ମନଗହନର ସମସ୍ତ ଉହଣ୍ଣା ,ଯାହାକି ସେ ପରିବାରର ସଦସ୍ୟଙ୍କ ଆଗରେ ପ୍ରକାଶ କରିବାକୁ ଶଙ୍କା କରିଥାଏ,ତାହା ସହପାଠୀଙ୍କ ସମ୍ମୁଖରେ ନିର୍ଦ୍ୱନ୍ଦରେ

ପରିପ୍ରକାଶ କରିବାକୁ କୁଣ୍ଠା ପ୍ରକାଶ କରିନଥାଏ।କ୍ରମେ ବିଦ୍ୟାଳୟ ତାର ଏକ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଯାଏ। ଆଜି କିନ୍ତୁ ତାହା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ । ମାର୍ଚ୍ଚମାସଠାରୁ ଅଦ୍ୟାବଧି ଦୀର୍ଘ ଛଅମାସ ଧରି ବିଦ୍ୟାଳୟରେ ତାଲା ଝୁଲୁଛି ଏବଂ କେବେ ଖୋଲିବ ତାହା ମଧ୍ୟ ଅନିଶ୍ଚିତ। ଏତଦ୍‌ବ୍ୟତୀତ ସରକାରୀ କୋଭିଡ ନିୟମାନୁଯାୟୀ ଦୁଇ ମିଟର ସାମାଜିକ ଦୂରତ୍ୱ ରକ୍ଷାକରି ଶ୍ରେଣୀଗୃହରେ ପ୍ରତ୍ୟକ୍ଷ ଶିକ୍ଷାଦାନ କେବେବି ସମ୍ଭବ ନୁହେଁ। ସରକାର ଏଦିଗରେ ଏଯାବତ୍ କୌଣସି ସ୍ଥିର ନିଷ୍ପତି ନେଇ ପାରୁନାହାନ୍ତି। କରୋନାର ଭୟଙ୍କର ବ୍ୟାପକତା କେବେଯେ ପ୍ରଶମିତ ହେବ ତାହାର ନିର୍ଦ୍ଦିଷ୍ଟତା ସନ୍ଦିହାନ। ପିଲାଟି ଆଜି ନିଜ ଘରେ ଗୃହବନ୍ଦୀ। ଅନେକ ଆନୁସଙ୍ଗିକ କାରଣ ତାକୁ ମାନସିକ ସ୍ତରରେ ଚାପଗ୍ରସ୍ତ କରାଉଅଛି। ତନ୍ମଧ୍ୟରୁ ୧)ପ୍ରଥମ ହେଲା ନିଃସଙ୍ଗତା। ବାହାରକୁ ଯାଇ ସାଙ୍ଗସାଥୀ ମାନଙ୍କ ସହିତ ନମିଶିବା ନିମନ୍ତେ କଠୋର କଟକଣା। ୨) ହ୍ୱାଟସ ଆପ ଏବଂ ଅନଲାଇନ ପରି ଅନାକର୍ଷଣୀୟ ଶିକ୍ଷାଦାନରେ ପିଲାମାନେ ଆଗ୍ରହ ପ୍ରକାଶ କରିପାରୁ ନାହାନ୍ତି। ୩) ଗ୍ରାମାଂଚଳର ଅଧିକାଂଶ ଛାତ୍ର ବିଜୁଳି ସେବା,ମୋବାଇଲ ସେବା ଏବଂ ସର୍ବୋପରି ମୋବାଇଲ କ୍ରୟ କରିବା କ୍ଷମତାରୁ ବଂଚିତ।୪)ସାମାଜିକ ଗଣ ମାଧ୍ୟମରେ କରୋନାର ଭୟାବହତା,କରୋନା ଜନୀତ ମୃତ୍ୟୁ,କରୋନାର ବ୍ୟାପକତା,ଲକ୍‌ଡାଉନ, ସଟ୍‌ଡାଉନ, କଂଟେନମେଂଟ୍, ସୋସିଆଲ ଡିଷ୍ଟାନ୍ସ ପରି ଶବ୍ଦ ର ବାରମ୍ବାର ପ୍ରଚାର,କୋମଳମତି ଶିଶୁ ଏବଂ କିଶୋର ମାନଙ୍କ ମାନସିକତାକୁ ଗଭୀର ଭାବରେ ପ୍ରଭାବିତ କରୁଅଛି।୫) ବିଦ୍ୟାଳୟ ବନ୍ଦ ସାଙ୍ଗକୁ କୋଚିଙ୍ଗ ସେଂଟର ତଥା ଟିଉସନ ଉପରେ ମଧ୍ୟ କଟକଣା। ଏପରିକି ପଡୋଶୀ ପିଲାମାନଙ୍କ ସହିତ ଖେଳକୁଦ ନକରିବା ପାଇଁ ମଧ୍ୟ ଅଭିଭାବକ ମାନଙ୍କର କଡା ତାଗିଦା।୬)ଶିଶୁ ମାନଙ୍କ କ୍ଷେତ୍ରରେ କଥାଟା ଟିକେ ନିଆରା,କିନ୍ତୁ କିଶୋର ମାନଙ୍କ କ୍ଷେତ୍ରରେ ସଙ୍ଗହୀନ ଜୀବନ ଯାପନ ଅତ୍ୟନ୍ତ ଦୁର୍ବିସହ। ଶିଶୁସୁଲଭ ଉଦ୍ଦାମତା,କୈଶୋରାବସ୍ଥାର ଚପଳତା ଆଜି ସେମାନଙ୍କଠାରୁ ବିଲୁପ୍ତ। ୭) ଅଭିଭାବକମାନେ ନିଜନିଜ କାର୍ଯ୍ୟରେ ବ୍ୟସ୍ତ ରହି ସେମାନଙ୍କର ପିଲାମାନଙ୍କ ପାଇଁ ଆଦୌ ସମୟ ପ୍ରଦାନ ନକରିବା ଦ୍ୱାରା,ସେମାନଙ୍କ ମନରେ ଏକ ନକରାତ୍ମକ ଭାବନା ସୃଷ୍ଟିର ସମ୍ଭାବନା ଅବଶ୍ୟମ୍ଭାବୀ।

ପିଲାମାନଙ୍କର ମୁଖମଣ୍ଡଳ ବିରସ, କଂଠସ୍ୱରରୁ ନିର୍ଗତ ହର୍ଷଧ୍ୱନିର ଫଲଗୁଧାରା ଶୁଷ୍କ,ମୃତ୍ୟୁପରି ଏକ ଅନାଗତ ଭୟରେ ସେ ଆତଙ୍କିତ।

ଉପରୋକ୍ତ ପରିପ୍ରେକ୍ଷୀରେ ପିଲାମାନଙ୍କର ଅବସାଦଗ୍ରସ୍ତ ମାନସିକତାର ଭାରସାମ୍ୟ ରକ୍ଷାକରିବା ନିମନ୍ତେ ,ଅଭିଭାବକ ମାନଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବାକୁ ପଡିବ।୧) ସର୍ବପ୍ରଥମେ ଏହି ବିପଦ ସମୟରେ ଆମମାନଙ୍କୁ ପିଲାଙ୍କ ଗହଣରେ ସର୍ବାଧିକ ସମୟ ବିନିଯୋଗ କରିବାର ଆବଶ୍ୟକତା ରହିଅଛି। କିଛି କାର୍ଯ୍ୟ ନଥାଇ ବାହାରେ ଘଂଟା ଘଂଟା ଧରି ପରନିନ୍ଦା ପରଚର୍ଚ୍ଚା ରାଜନୀତି ଗୁଲି ଗପିବା ଅଭ୍ୟାସରୁ ନିବୃତ ରହି,ପିଲାମାନଙ୍କ ମନସ୍ତତ୍ୱକୁ ଅଧ୍ୟୟନ ପୁର୍ବକ ,ତାଙ୍କର ଇଚ୍ଛା ତାଙ୍କର ରୁଚିକୁ ବିଶ୍ଳେଷଣ କରି,ସେଗୁଡିକ ସକରାତ୍ମକ ଢଙ୍ଗରେ ପରିଚାଳିତ କରାଯିବା ଉଚିତ୍।୨)ଆମର ସମସ୍ତ ପରିଶ୍ରମ ସମସ୍ତ ଅର୍ଥ ରୋଜଗାର କେବଳ ଆମ ପିଲାମାନଙ୍କର ,ଆମ ଉତରାଧିଙ୍କର ସୁନ୍ଦର ଭବିଷ୍ୟତ ଓ ମଙ୍ଗଳକଳ୍ପେ ଉଦ୍ଦିଷ୍ଟ। ଗଣମାଧ୍ୟମରେ ବାରମ୍ବାର ପ୍ରସାରିତ କରୋନାର ଭୟାବହତା ତଥା ଶିଶୁ ମାନଙ୍କ ମନରେ ନକରାତ୍ମକ ପ୍ରଭାବ ପକାଉଥିବା ପରି ପ୍ରଚାର ପ୍ରସାର ଠାରୁ ସେମାନଙ୍କୁ ଯଥେଷ୍ଟ ଦୁରତ୍ୱରେ ରଖାଯିବା ଆବଶ୍ୟକ।୩) କରୋନା ଏକ ସାଧାରଣ ଥଣ୍ଡା ଜନୀତ ରୋଗ,ଏଥିରେ ଅନେକ ଲୋକ ସୁସ୍ଥ ହେଉଛନ୍ତି, ଶରୀରର ପ୍ରତିରୋଧକ ଶକ୍ତି ବୃଦ୍ଧି କରି,ସାମାଜିକ ଦୂରତ୍ୱ, ବାରମ୍ବାର ହସ୍ତ ପ୍ରକ୍ଷାଳନ ତଥା ମାସ୍କ ପରିଧାନ ନିମନ୍ତେ ସଚେତନତା ସୃଷ୍ଟି କରାଇ,ସେମାନଙ୍କ ମନରୁ ଅହେତୁକ ଭୟ ଦୂର କରାଯିବା ଉଚିତ୍।୪)ପିଲାମାନଙ୍କୁ ,ସେମାନେ ପାଉଥିବା ହ୍ୱାଟସ ଆପ ଏବଂ ଅନ୍‌ଲାଇନ ଶିକ୍ଷା ଗ୍ରହଣରେ ସହାୟତା ପ୍ରଦାନ କରନ୍ତୁ। ମୋବାଇଲ ବ୍ୟବହାର କରିବା ସମୟରେ ନିଜେ ଉପସ୍ଥିତ ରହିବା ଉଚିତ୍ ଶିକ୍ଷା ଗ୍ରହଣ ବ୍ୟତୀତ ଅନ୍ୟ କୌଣସି ବ୍ୟବହାର ନିମନ୍ତେ ମୋବାଇଲ ଦେବା ଅନୁଚିତ୍। ୫)ସେମାନଙ୍କର ମାନସିକ ସ୍ଥିରତା ପାଇଁ , ତାଙ୍କ ମନରେ ଆଧ୍ୟାତ୍ମିକ ଚେତନା ଜାଗ୍ରତ ତଥା ଯୋଗ ପ୍ରାଣାୟମରେ ଅଭ୍ୟସ୍ତ କରାଇବା ଉଚିତ୍। ନିଜେ କରି ଉଦାହରଣ ହୋଇ ତାଙ୍କୁ ପରାମର୍ଶ ଦେଲେ ଅଧିକ ଫଳପ୍ରଦ ହୋଇପାରିବ।୬) ପିଲା ମାନଙ୍କ ଅବସର ସମୟରେ ତାଙ୍କ ସହିତ ବିଭିନ୍ନ ପ୍ରକାର ଇନ୍‌ଡୋର ଗେମ୍ ରେ ସାମିଲ ହୋଇ ତାଙ୍କ ସହିତ ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର କରାଯିବା ଉଚିତ୍ ତଥା ସେମାନଙ୍କର ମନୋରଂଜନ ନିମନ୍ତେ ବିଭିନ୍ନ ପ୍ରକାର ସୃଜନାତ୍ମକ କାର୍ଯ୍ୟ ଯଥା ଚିତ୍ରାଙ୍କନ,ଛୋଟଛୋଟ ବିଜ୍ଞାନ ପରୀକ୍ଷା,ବର୍ଜ୍ୟବସ୍ତୁରୁ ବିଭିନ୍ନ ଗୃହସଜ୍ଜା ଉପକରଣ ପ୍ରସ୍ତୁତି ଇତ୍ୟାଦିରେ ନିୟୋଜିତ କରାଇପାରିଲେ ସେମାନେ ,ଅନେକାଂଶରେ ଅବସାଦ ମୁକ୍ତ ହୋଇପାରିବେ। ୭)ଅଭିଭାବକଙ୍କ ଦୃଷ୍ଟିରେ ଯେଉଁମାନେପିଲାମାନଙ୍କର ଉତମ ସାଙ୍ଗ,ବେଳେବେଳେ ସେମାନଙ୍କ ସାଙ୍ଗରେ ମୋବାଇଲରେ ବାର୍ତାଳାପ କରିବା ପାଇଁ ସୁଯୋଗ ଦେବା ଆବଶ୍ୟକ,ଯାହାକି ତାର ଭାରାକ୍ରାନ୍ତ ମନକୁ ବହୁତ

ପରିମାଣରେ ହାଲୁକା କରିବାକୁ ସକ୍ଷମ ହେବ। ୮) ସାନ୍ଧ୍ୟ ପ୍ରାର୍ଥନା ଏବଂ ଭୋଜନସମୟରେ ପରିବାରର ସମସ୍ତ ସଦସ୍ୟଙ୍କ ସହିତ ପିଲାଙ୍କୁ ସାମିଲ କରାଯିବା ଉଚିତ, ଏବଂ ସେହି ସମୟରେ ତାର ଦୈନନ୍ଦିନ କାର୍ଯ୍ୟର ସମୀକ୍ଷା ଏବଂ ତାର ପସନ୍ଦ ଅପସନ୍ଦର ସାଙ୍ଗସାଥୀ ଓ ଗୁରୁଜୀ ଗୁରୁମାଙ୍କ ସମ୍ପର୍କରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା କରାଯିବା ଉଚିତ୍।

ସର୍ବୋପରି କରୋନା ମହାମାରୀ ସମୟର ନିଃସଙ୍ଗତା ,କୋମଳମତି ପିଲାମାନଙ୍କ ମନରେ ଯେଉଁ ପରିମାଣରେ ଭୟ ଓ ଆଶଙ୍କା ସୃଷ୍ଟିକରି ତାଙ୍କୁ ଚାପଗ୍ରସ୍ତ କରାଇଅଛି, ଅଭିଭାବକମାନେ ସମ ପରିମାଣରେ ସଚେତନ ହୋଇ ଆନ୍ତରିକ ନିଷ୍ଠାର ସହିତ, ପିଲାମାନଙ୍କ ମନକୁ ଚାପମୁକ୍ତ କରାଇବାର ପ୍ରଚେଷ୍ଟା ଜାରି ନରଖିଲେ ,ତାହା ଭବିଷ୍ୟତରେ ଏକ ଭୟଙ୍କର କ୍ଷତି ସୃଷ୍ଟି କରିବ ଏହା ନିଃସନ୍ଦେହ।

+ ଈଶାଣୀବ୍ରହ୍ମପୁର, କଟକ। ମୋ- ୬୩୭୧୫୯୩୨୨୦

# ମୁଗ ପିଠା

ପାଠକ ବନ୍ଧୁ ଆମେ ଏହି ସଂଖ୍ୟାରେ ମୁଗରେର ପ୍ରସ୍ତୁତ ଏକ ପିଠା ବିଷୟରେ ଉଲ୍ଲେଖ କରିଛୁ । ପଶ୍ଚିମବଙ୍ଗ ଓ ବାଂଲାଦେଶର ଗ୍ରାମାଞ୍ଚଳର ଏହା ଏକପ୍ରକାର ପାରମ୍ପରିକ ପିଠା । ଏହି ପିଠା ସାଧାରଣତଃ ଶୀତ ଦିନେ ପ୍ରସ୍ତୁତ ହୋଇଥାଏ । ବଙ୍ଗଳାରେ ଏହାକୁ ମୁଗେର ଡାଲେର୍ ଭାଜା ପିଠେ ବୋଲି କୁହାଯାଇଥାଏ । ଲକ୍ଷ୍ମୀପୂଜା ଅବସରରେ ଏହାକୁ ପ୍ରସ୍ତୁତ କରାଯାଇଥାଏ । ଏହି ପିଠାକୁ ପ୍ରଥମେ ତେଲରେ ଛଣାଯାଇ ଚିନି ସିରାରେ ବୁଡ଼ାଯାଇ ପ୍ରସ୍ତୁତ କରାଯାଇଥାଏ । ଦୁର୍ଗାପୂଜା ପରେ ଓଡ଼ିଶାରେ ଯେପରି ଗଜଲକ୍ଷ୍ମୀ ପୂଜା ହୋଇଥାଏ ।
ପଶ୍ଚିମବଙ୍ଗ ଓ ବାଂଲାଦେଶର ଅନେକ ସ୍ଥାନରେ ସେହି ପୂଜାକୁ କୋଜାଗରି ଲକ୍ଷ୍ମୀ ପୂଜା ବୋଲି କୁହାଯାଇଥାଏ । ମା' ଲକ୍ଷ୍ମୀଙ୍କ ଏହି ପୂଜାରେ ମୁଗ ପିଠା ଭୋଗ କରାଯାଇଥାଏ । ଏହାକୁ ପ୍ରସ୍ତୁତ କରିବା ପାଇଁ ମୁଖ୍ୟ ଉପଦାନ ହେଉଛି ମୁଗଡାଲି ଏବଂ ଚିନି । ଏହି ମିଠାକୁ ଭାଗମାପ ଅନୁସାରେ ଭଲ କରି ପ୍ରସ୍ତୁତ କଲେ ଏହା ଚାରି ପାଞ୍ଚ ଦିନ ପର୍ଯ୍ୟନ୍ତ ଭଲ ରହିବ । ଯଦି ଆପଣ ଅଧିକ ଦିନ ରଖିବାକୁ ଚାହାନ୍ତି ତେବେ ଏହାକୁ ପ୍ରସ୍ତୁତ କରିସାରିଲା ପରେ ଫ୍ରିଜ୍‌ରେ ରଖିଦେବେ । ଖାଇବା ଆଗରୁ ମାଇକ୍ରୋୱେଭ୍‌ରେ ଟିକେ ଗରମ କରିନେବେ । ତେବେ ଆସନ୍ତୁ ଜାଣିବା ମୁଗ ପିଠା କିପରି ପ୍ରସ୍ତୁତ କରାଯାଏ ।



ପ୍ରସ୍ତୁତି:
ମୁଗପିଠା ପ୍ରସ୍ତୁତ କରିବା ପାଇଁ ୨ ଚାମଚ ଘିଅ, ଅଧ କପ୍ ଚୋପାଛଡ଼ା ମୁଗଡାଲି, ଦେଢ଼ କପ୍ ପାଣି, ୧ କପ୍ କ୍ଷୀର, ୧ କପ୍ ଚାଉଳା ଚୂନା, ଛାଣିବା ପାଇଁ ରିଫାଇନ୍ ତେଲ ନେବାକୁ ହେବ । ଏହା ପରେ ସିରା ପ୍ରସ୍ତୁତ ପାଇଁ ଦେଢ଼ କପ ଚିନି, ଦେଢ଼ କପ୍ ପାଣି, ଚଉଠେ ଚାମଚ କେଶର, ଚଉଠେ ଚାମଚ ଗୁଜୁରାତି ଗୁଣ୍ଡ ନେବେ । ପ୍ରଥମେ ଏକ ପ୍ରେସର କୁକରର୍‌ରେ ୧ ଚାମଚ ଘିଅ ଗରମ କରି ସେଥିରେ ମୁଗ ଡାଲି ଭାଜିବାକୁ ହେବ । ଡାଲି ଭାଜିବା ପୂର୍ବରୁ ଡାଲିକୁ ଧୋଇ ସେଥିରୁ ପାଣି ଝରାଇ ରଖିଥିବେ । ଧିମା ଆଞ୍ଚରେ ମୁଗ ଡାଲି ପାଞ୍ଚ ମିନିଟ୍ ଭାଜି ହୋଇଗଲା ପରେ ଦେଖିବେ ସେଥିରୁ ହାଲ୍‌କା ବାସ୍ନା ଆସିବ । ଏଥର ସେଥିରେ ୧ କପ୍ ପାଣି ଏବଂ ୧ କପ୍ କ୍ଷୀର ଦେଇ ଭଲ କରି ଗୋଳେଇ ଦେବେ । ଏହା ପରେ ପ୍ରେସର କୁକର୍‌ର ଢାଙ୍କୁଣୀ ଦେଇ ମଧ୍ୟମ ଆଞ୍ଚରେର ଚାରୋଟି ସିଟି ଆସିଲା ପର୍ଯ୍ୟନ୍ତ ସିଝିବା ପାଇଁ ଛାଡ଼ିଦେବେ । ସିଟି ବାଜିବାର କିଛି ସମୟ ପରେ ଯେତେବେଳେ ଦେଖିବେ ଆଉ ଶବ୍ଦ ଆସୁନଥିବ ସେତେବେଳେ ଢାଙ୍କୁଣି ଖୋଲିଦେବେ । ଯଦି ଦେଖନ୍ତି ଭଲଭାବେ ସିଝି ନଥାଏ ତେବେ ଦରସିଝା ମୁଗ ଡାଲିକୁ ମିକ୍ସିରେ ଭଲ କରି ବ୍ଲେଣ୍ଡ କରିନେବେ । ଏହା ପରେ ଗ୍ୟାସରର ଏକ ବଡ଼ କରେଇ ବସାଇ ସେଥିରେ ଏହି ମୁଗ ଡାଲି ପେଷ୍ଟ ଦେଇ ସେଥିରେ ଅଧା କପ ପାଣି ମିଶାଇ ଭଲ କରି ଘାଣ୍ଟିବେ । ଆଞ୍ଚ ପୂରା ଧିମା ରଖିଥିବେ । ଏହା ପରେ ସେଥିରେର ଚାଉଳଗୁଣ୍ଡ ପକାଇ ଧୀରେ ଧୀରେ ଘାଣ୍ଟିବେ । ଯେମିତି ଗୁଳା ରହିନଯାଏ ସେଥିପ୍ରତି ଦୃଷ୍ଟି ଦେବେ । ଭଲ କରି ମିଶିଗଲା ପରେ କରେଇରେ ଏକ ଢାଙ୍କୁଣି ଦେଇ ୫ ମିନିଟ୍ ରଖିଦେବେ । ଏହାପରେ ୧ ଚାମଚ ଘିଅ ସେଥିରେ ଗୋଳାଇଦେବେ । ଘିଅ ଗୋଳାଇ ଦେଲେ ଏକ ନନ୍‌ଷ୍ଟିକି ଡୋ ପ୍ରସ୍ତୁତ ହୋଇଯିବ । ଏହା ପରେ ସେହି ଡୋକୁ ଆଉ ଏକ ବଡ଼ ପାତ୍ରକୁ ବାହାର କରିଆଣିବେ । ଟିକେ ଥଣ୍ଡା ହୋଇ ଆସିଲେ ହାତରେ ସାମାନ୍ୟ ତେଲ ମାରି ଏହି ମିଶ୍ରଣକୁ ଆଉ ଟିକେ ଦଳି ଅଲଗା ରଖିବେ । ଏଥର ଚିନି ସିରା ପ୍ରସ୍ତୁତ କରିବେ । ସିରା ପ୍ରସ୍ତୁତ ହୋଇଗଲେ ସେଥିରେ ସାଫ୍ରନ ଏବଂ ଗୁଜୁରାତି ଗୁଣ୍ଡ ମିଶାଇ ଦେବେ । ସିରା ଯେପରି ଅଧିକ ବହଳିଆ ନ ହୁଏ ଖିଆଲ ରଖିଥିବେ । ଏହା ପରେ ଚକଟି ରଖିଥିବା ଗୁଳାରୁ ଛୋଟ ଛୋଟ ଗୁଳା କରି ହାତରେ ଚାପି ନିଜ ମନପସନ୍ଦ ଆକୃତିର ପିଠା ଗଢ଼ିବେ । ଯେମିତି ପେଡ଼ା ଭଳି ଲାଗେ ଠିକ୍ ସେମିତି ଭାବେ ଗଢ଼ିଲେ ଭଲ ଦେଖାଯିବ । ଏହା ପରେ କରେଇରେ ତେଲ ଗରମ କରି ଏହି ପିଠାକୁ ମଧ୍ୟମ ଆଞ୍ଚରେ ବାଦାମି ରଙ୍ଗ ହେବା ପର୍ଯ୍ୟନ୍ତ ଭାଜିବେ । ତେଲରୁ ଛାଣି ଟିସୁ ପେପର୍ ଉପରେ ରଖି ସିଧା ଚିନି ସିରାରେ ବୁଡ଼ାଇଦେବେ । ଦୁଇଘଣ୍ଟା ବତୁରି ଗଲା ପରେ ପ୍ରସ୍ତୁତ ହୋଇଯିବ ମୁଗ ପିଠା ।

# ଚିଙ୍ଗୁଡ଼ି ମାଛ ମଲାଇ କରୀ



**ଯଦି ସି ଫୁଡ୍ ଖାଇବାକୁ ପସନ୍ଦ କରୁଥାନ୍ତି ତେବେ ଚିଙ୍ଗୁଡ଼ି ମାଛ ମଲାଇର କରୀ ନିଶ୍ଚିତ ଭାବରେ ଟ୍ରାଏ କରନ୍ତୁ ।**

**ଆବଶ୍ୟକ ସାମଗ୍ରୀ:**
ଛୋଟ ଚିଙ୍ଗୁଡ଼ି-୩୦୦ ଗ୍ରାମ, ନଡ଼ିଆ ରସ-୧ କପ୍, ହଳଦୀ ପାଉଡର-୧/୨ ଚାମଚ, ଲାଲ୍ ଲଙ୍କା ପାଉଡର-୧ ଚାମଚ, ଲୁଣ-ସ୍ୱାଦ ଅନୁସାରେ, ତେଲ-୩ ଚାମଚ, କଟା ପିଆଜ-୨ଟି, କଟା ରସୁଣ-୧ ଚାମଚ, କାଜୁ ପେଷ୍ଟ-୨ ଚାମଚ, ସୋରିଷ ବଟା-୨ ଚାମଚ, କଟାଯାଇଥିବା କଞ୍ଚା ଲଙ୍କା-୨ଟି ।

**ପ୍ରଣାଳୀ:** ଏକ ପାତ୍ରରେ ଚିଙ୍ଗୁଡ଼ି ମାଛ ନେଇ ସେଥିରେ ହଳଦୀ, ଲଙ୍କା ପାଉଡର ଓ ଲୁଣ ମିଶାଇ ୩ ମିନିଟ୍ ପାଇଁ ରଖିଦିଅନ୍ତୁ । ଗୋଟେ ପ୍ୟାନ୍‌ରେ ତେଲ ଗରମ କରି ସେଥିରେ ଚିଙ୍ଗୁଡ଼ିକୁ ପକାଇ ଭାଜନ୍ତୁ । ଏହାକୁ ଭାଜି ସାରିବା ପରେ ଗୋଟେ ପେପରରେ ରଖନ୍ତୁ ଯେପରି ଏଥିରୁ ତେଲ ବାହାରିଯିବ । ବାକି ତେଲରେ ପିଆଜ ପକାଇ ବାଦାମୀ ରଙ୍ଗ ହେବା ପର୍ଯ୍ୟନ୍ତ ଭାଜନ୍ତୁ । ପୁଣି ରସୁଣ ପକାଇ କିଛି ସମୟ ପାଇଁ ଭାଜିବାକୁ ହେବ । ଏବେ ସେଥିରୁ କାଜୁ ପେଷ୍ଟ ପକାଇ ମିଶାନ୍ତୁ । ସେଥିରେ କିଛି ସମୟ ପରେ ଅଳ୍ପ ପାଣି ମିଶାଇ ସୋରିଷ ବଟା ପକାନ୍ତୁ ଓ ଭଲ ଭାବରେ ମିଶାନ୍ତୁ । ତା' ପରେ ନଡ଼ିଆ ରସ ପକାଇ ୨ ମିନିଟ୍ ପର୍ଯ୍ୟନ୍ତ ଫୁଟାନ୍ତୁ । ଏହା ଫୁଟିଯିବା ପରେ ଲଙ୍କା ପକାଇବାକୁ ହେବ । ଏବେ ଭଜା ଯାଇଥିବା ଚିଙ୍ଗୁଡ଼ି ମାଛ ପକାଇ ସେଥିରେ କିଛି ପାଣି ମିଶାଇ ଫୁଟାନ୍ତୁ । ଲୁଣ ଦେଇ ଗ୍ୟାସ୍ ବନ୍ଦ କରନ୍ତୁ ଓ ଗରମ ଗରମ ପରଟା ବା ଜିରା ରାଇସ୍ ସହିତ ଖାଆନ୍ତୁ ।

# ଦିନକୁ ଗୋଟିଏ ଆସ୍ପିରିନ୍ କ୍ୟାନସରକୁ ଦୂର କରିବ

୫୦ରୁ ୭୦ ବର୍ଷ ବୟସ୍କ ଲୋକଙ୍କୁ ବାଉଲ ବା ଆନ୍ତ୍ରରେ କର୍କଟ ହୋଇଥାଏ । କେତକଙ୍କୁ ଜରାୟୁ କର୍କଟ ହୋଇଥାଏ । ଅଷ୍ଟ୍ରେଲିଆରେ କରାଯାଇଥିବା ଏକ ଗବେଷଣା ଅନୁଯାୟୀ ଦିନକୁ ଗୋଟିଏ ଆସ୍ପିରିନ୍ ଖାଇଲେ କର୍କଟ ହେବ ନାହିଁ । ଅଷ୍ଟ୍ରେଲିଆର ଗବେଷକମାନେ ସାରା ବିଶ୍ୱରେ ଏହି ଗବେଷଣା କରିଥିଲେ । ରୟାଲ ମେଲବର୍ଣ୍ଣ ହସ୍‌ପିଟାଲର ଗବେଷକମାନେ ଏହି ଗବେଷଣା କରିଥିଲେ । ୨ ବର୍ଷ ଧରି ଏହି ଗବେଷଣା ଚାଲିଥିଲା । ଏଥିରୁ କର୍କଟ ବା କ୍ୟାନସର ହେବାର ଲକ୍ଷଣ ୫୦ ପ୍ରତିଶତ ହ୍ରାସ ପାଇଛି ବୋଲି ଗବେଷଣା ପରେ କୁହାଯାଇଛି । ବିଶ୍ୱର ଲୋକପ୍ରିୟ ବିଜ୍ଞାନ ପତ୍ରିକା ଲାନ୍ ସେଟ୍‌ରେ ଏହାର ରିପୋର୍ଟ ପ୍ରକାଶ ପାଇଛି ।
ମିଚେଲ୍ ରିଟଚି ନାମକ ବ୍ୟକ୍ତିଙ୍କର ଲାଇନ୍‌ଚ୍ ସିଣ୍ଡ୍ରୋମ ରହିଛି । ତାଙ୍କର କ୍ୟାନସର ହେବାର ଆଶଙ୍କା ଖୁବ୍ ବେଶୀ । ତେବେ ସେ ଗତ ୨୦ ବର୍ଷ ଧରି ପ୍ରତିଦିନ ଗୋଟିଏ ଲେଖାଏ ଆସ୍ପିରିନ୍ ଖାଉଛନ୍ତି । ଏଥିଯୋଗୁଁ ତାଙ୍କୁ ନିକଟରେ କ୍ୟାନସରର ଲକ୍ଷଣ ଦେଖାଯାଇ ନାହିଁ ।
ଏହାପରେ ଆସ୍ପିରିନ୍ ଦିଆଯାଇ ୪୨୭ ଜଣଙ୍କ ଉପରେ ଗବେଷଣା କରାଯାଇଥିଲା । ୧୦ରୁ ୨୦ ବର୍ଷ ଧରି ବିଭିନ୍ନ ଲୋକଙ୍କ ଉପରେ ଗବେଷଣା କରାଯାଇଥିଲା ସେମାନଙ୍କୁ କ୍ୟାନସର ହେବାର ଲକ୍ଷଣ ୫୦ପ୍ରତିଶତ ହ୍ରାସ ପାଇଥିବା ଦେଖିବାକୁ ମିଳିଛି ।
ମେଲବର୍ଣ୍ଣ ହସ୍‌ପିଟାଲ୍‌ର ପ୍ରଫେସର ଫିନ୍‌ଲେ ମାକରାଇ ଏହି ଗବେଷଣା କରିଥିଲେ । ଆସ୍ପିରିନ୍ ବ୍ୟବହାରର ସକରାତ୍ମକ ଦିଗ ବିଷୟରେ ସେ ଏହି ଗବେଷଣାରୁ ଜାଣିବା ପାଇଁ ପାଇଛନ୍ତି ।




# ଭାରତର 'କୋଇଲି' ସରୋଜିନୀ ନାଇଡୁ

**ଚଳିତ ବର୍ଷ ସାରା ଦେଶ ପାଳନ କଲା ୭୪ ତମ ସ୍ୱାଧୀନତା ଦିବସ । ଦେଶକୁ ସ୍ୱାଧୀନତାର ସ୍ୱାଦ ଚଖାଇବା ପାଇଁ ବହୁ ମହାପୁରୁଷ ଏବା ମହିୟସୀ ମହିଳାମାନେ ନିଜକୁ ଉତ୍ସର୍ଗ କରିଥିଲେ । ତେବେ ଆଜିବି ଇତିହାସର ପୃଷ୍ଠା ଓଲଟାଇଲେ ସେମାନଙ୍କ ଗୁଣକିର୍ତ୍ତୀ ଆମକୁ ଅନୁରଣିତ କରେ । ସେହିଭଳି ଜଣେ ମହୀୟସୀ ମହିଳା ହେଲେ ସରୋଜିନୀ ନାଇଡୁ । ଆସନ୍ତୁ ଜାଣିବା ତାଙ୍କ ବିଷୟରେ...**

୧୮୭୯ ମସିହା ଫେବୃଆରୀ ୧୩ ତାରିଖରେ ହାଇଦ୍ରାବାଦର ଏକ ବଙ୍ଗାଳୀ ପରିବାରରେ ସରୋଜିନୀ ନାଇଡୁ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଥିଲା ଅଘୋରନାଥ ଚଟ୍ଟୋପାଧ୍ୟାୟ । ଅଘୋରନାଥ ହାଇଦ୍ରାବାଦର ନିଜାମ କଲେଜରେ ଅଧ୍ୟକ୍ଷ ଭାବ କାର୍ଯ୍ୟ କରୁଥିଲେ । ସରୋଜିନୀଙ୍କ ମାଆ ବରଦା ସୁନ୍ଦରୀ ଦେବୀ ଜଣେ କବି ଥିଲେ ଓ ସେ ବଙ୍ଗାଳୀ ଭାଷାରେ ନିଜର କବିତା ଲେଖାଲେଖି କରୁଥିଲେ ।
ଆଠ ଭାଇ ଭଉଣୀଙ୍କ ମଧ୍ୟରେ ସରୋଜିନୀ ଥିଲେ ସବୁଠାରୁ ବଡ଼ । ସରୋଜିନୀ ମାତ୍ର ୧୨ ବର୍ଷ ବୟସରେ ମାଡ୍ରାସ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇଥିଲେ । ଥରେ ସେ "ମହେର ମନୀର" ନାମକ ଏକ ପାର୍ସୀ ନାଟକ ଲେଖିଥିଲେ । ଯେଉଁଥିରେ ଖୁସି ହୋଇ ହାଇଦ୍ରାବାଦର ନିଜାମ ମୀର ମେହବୁବ ଅଲ୍ଲୀ ଖାନ ଏହି ନାଟକକୁ ଗ୍ରହଣ କରିଥିଲେ ଏବଂ ତାପରେ ତାଙ୍କୁ ଛାତ୍ରବୃତ୍ତି ପ୍ରଦାନ କରିଥିଲେ । ପରେ ସେ ଲଣ୍ଡନ ଓ ଗ୍ରିଟନ୍ କଲେଜରେ ଅଧ୍ୟୟନ ଜାରି ରଖିଥିଲେ ।




କବିତାର ବିଭିନ୍ନ ବିଭାଗରେ ନିଜର ଲେଖା ପାଇଁ ସରୋଜିନୀ ବେଶ୍ ନାମ ଅର୍ଜନ କରିପାରିଥିଲେ । ତାଙ୍କର ସୁମଧୁର କବିତା ଓ ଲେଖା ପାଇଁ ତାଙ୍କୁ "ଭାରତର କୋଇଲି" ବୋଲି କୁହାଯାଏ । ସ୍ୱାଧୀନତା ଆନ୍ଦୋଳନ ପାଇଁ ସେ ବହୁବାର ବିଦେଶ ଯାତ୍ରା କରିଥିଲେ । ୧୯୧୯ ମସିହାରେ ସେ ଅଲ ଇଣ୍ଡିଆ ହୋମରୁଲ୍ ଡେପୁଟେସନ୍‌ର ପ୍ରତିନିଧି ଭାବରେ ଇଂଲଣ୍ଡ ଯାତ୍ରା କରିଥିଲେ । ସରୋଜିନୀ ସ୍ୱାଧୀନତା ଆନ୍ଦୋଳନରେ ସକ୍ରିୟ ଥିଲେ । ୧୯୪୯ ମସିହା ମାର୍ଚ୍ଚ ମାସ ୨ ତାରିଖରେ ସରୋଜିନୀ ମୃତ୍ୟୁବରଣ କରିଥିଲେ ।

# ଶ୍ରମିକଙ୍କୁ ମିଳିଲା ହୀରାଠାରୁ ମୂଲ୍ୟବାନ ପଥର

ତାଞ୍ଜାନିଆର ଏକ ଖଣିରେ କାମ କରୁଥିବା ଜଣେ ଶ୍ରମିକ ପଥର କାମ କରୁଥିବା ବେଳେ ହୀରାଠାରୁ ମୂଲ୍ୟବାନ ପଥର ପାଇଛନ୍ତି । ସୌନିନିଉ ନାମକ ଏହି ଶ୍ରମିକ ପଥର ଖୋଳିବା ବେଳେ ୧୩.୯ ପାଉଣ୍ଡ (୬.୩ କିଲୋ) ଓଜନର ତାଞ୍ଜାନାଇଟ୍ ରତ୍ନ ପାଇଥିଲେ । ଯାହାକି ବିକ୍ରି କରି ସେ ଭାରତୀୟ ମୁଦ୍ରାରେ ୧୪.୭ କୋଟି ଟଙ୍କା ପାଇଛନ୍ତି । ଏହା ପୂର୍ବରୁ ଜୁନ୍ ୧ ତାରିଖରେ ତାଙ୍କୁ ଆଉ ଏକ ତାଞ୍ଜାନାଇଟ୍ ରତ୍ନ ମିଳିଥିଲା । ଯାହାକୁ ବିକ୍ରି କରି ସେ ୨୩.୫ କୋଟି ଟଙ୍କା ପାଇଥିଲେ । ତାଞ୍ଜାନାଇଟ୍ ଜେମଷ୍ଟୋନ କେବଳ ଉତ୍ତର ତାଞ୍ଜାନିଆରେ ମିଳିଥାଏ ଏବଂ ଏହାକୁ ରତ୍ନ ଆଭୂଷଣ ପ୍ରସ୍ତୁତିରେ ବ୍ୟବହାର କରାଯାଇଥିଲା । ଏହା ପୃଥିବୀର ସବୁଠାରୁ ଦୁର୍ଲଭ ରତ୍ନ ମଧ୍ୟରେ ଗୋଟିଏ ଓ ସ୍ଥାନରେ ଭୂବିଜ୍ଞାନୀମାନଙ୍କ ଆକଳନ ଅନୁସାରେ ଏହି ପଥର ପ୍ରାୟ ୨୦ ବର୍ଷ ପରେ ପୃଥିବୀରେ ଆଉ ମିଳିବା ସମ୍ଭାବନା ନାହିଁ । ୫୨ ବର୍ଷ ବୟସ୍କ ସୌନିନିଉ ଲେଜରଙ୍କୁ ତାଞ୍ଜାନିଆ ଅର୍ଥମନ୍ତ୍ରୀ ଫିପିପ୍ ମ୍ପୋଗୀ ୪.୮ ବିଲିଅନ ତାଞ୍ଜାନିଆ ସିଲିଂ (୨.୧ ନିୟୁତ ଡଲାର) ର ଏକ ଡମି ଚେକ୍ ପ୍ରଦାନ କରାଯାଇଛି ।

# ବୋତଲରେ କ୍ଷୀର ପିଉଛି ହାତୀ ଛୁଆ



ଏକ ହାତୀଛୁଆ ବୋତଲରେ କ୍ଷୀର ପିଇଲା ଭଳି ଆଶ୍ଚର୍ଯ୍ୟ ଘଟଣାର ଭିଡିଓ ଏବେ ଭାଇରାଲ ହୋଇଛି । ଏମିତି ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଘୁରି ବୁଲୁଥିବା ବେଳେ ଲୋକେ ଏହାକୁ ବହୁ ମାତ୍ରାରେ ସେୟାର କରିଛନ୍ତି । ଭିଡିଓରୁ ଜଣାପଡ଼ିଛି ଯେ, ଗୋଟେ ହାତୀ ଛୁଆ ବୋତଲରେ କ୍ଷୀର ପିଉଛି । ଯାହାକୁ ନେଇ ଇଣ୍ଟରନେଟ୍‌ରେ ଖୁବ୍ କୌତୁହଳ ଜାତ ହୋଇଛି । ୩୯ ସେକେଣ୍ଡର ଏହି ଭାଇରାଲ୍ ଭିଡିଓଟିକୁ ଟ୍ୱିଟରରେ ସେଲଡ୍ରିକ୍ ୱାଇଲ୍ଡଲାଇଫ୍ ଦ୍ୱାରା ସେୟାର ହୋଇଛି ଏବଂ ପାଖାପାଖି ୧୨୦୦୦ ଭିୟୁଜ୍ ଆସିଛି । ପ୍ରାଣୀ ସମ୍ପଦ ସୁରକ୍ଷା ପାଇଁ ଏହି ଭିଡିଓ ଜରିଆରେ ମଧ୍ୟ ବାର୍ତ୍ତା ପ୍ରେରଣ କରାଯାଇଛି ।



# ଘର ପରିଷ୍କାର ରଖିବାକୁ ଏହି ଉପାୟ ଆପଣାନ୍ତୁ



**ସଂକ୍ରମଣଜନିତ ରୋଗରୁର ବଞ୍ଚିବାକୁ ଚାହୁଁଥିଲେ, ଘରଦ୍ୱାର ପରିଷ୍କାର ରଖିବା ଜରୁରୀ । ଏହା ସହ ଘରର ପ୍ରବେଶ ଦ୍ୱାରରେ ସାନିଟାଇଜର୍ ରଖନ୍ତୁ । ଏହା ପରେ ସ୍ନାନାଗାରକୁ ଯାଇ ପୋଷାକ ପରିବର୍ତ୍ତନ କରି ଉଷୁମ ପାଣିରେ ଗୋଡ଼ ହାତ ପୋଛିନେବେ ।**

- ଘରର ସୁଇଚ୍ ବୋର୍ଡ, ଡାଇନିଂ ଟେବୁଲ୍, ବୈଠକଖାନାର ସୋଫା ଇତ୍ୟାଦିକୁ ପ୍ରତିଦିନ ସଫା କରିବା ଉଚିତ । ବଜାରରେ ମିଳୁଥିବା କ୍ଲିନିଙ୍ଗ୍ ଉପକରଣ ଜରିଆରେ ଏସବୁ ସ୍ଥାନ ପରିଷ୍କାର କରିହେବ ।
- ଏହା ସହ ଘର ପ୍ରତି ୨ ଦିନରେ ପୋଛନ୍ତୁ । ବାଲଟିଏ ପାଣିରେ ଲୁଣ ପକାଇ ଘରର ପ୍ରତ୍ୟେକ କକ୍ଷକୁ ଭଲରେ ପୋଛିନେବେ ।
- ୱାଶ୍ ବେସିନ୍‌ରେ ଜୀବାଣୁ ଅଧିକ ରହିଥାନ୍ତି ।
- ନିୟମିତ ଏସବୁ ସ୍ଥାନକୁ ସଫା କରିବା ଜରୁରୀ ।
- ଚାଦର, ବେଡ୍‌ସିଟ୍, ତକିଆ ଖୋଳ ପ୍ରତି ୩-୪ ଦିନରେ ଥରେ ସଫା କରନ୍ତୁ । ଏହା ସହ ଏସବୁକୁ ଖରାରେ ଭଲରେ ଶୁଖାଇବା ଆବଶ୍ୟକ । ଏପରି କଲେ ସେଥିରୁ ଥିବା ଜୀବାଣୁ ମରିଯାନ୍ତି ।
- ଘର ଝାଡୁ କରିବା ସମୟରେ ଏବେ ମାସ୍କ ପରିଧାନ ଅଭ୍ୟାସ କରିବା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ହିତକାରୀ ।
- ନିୟମିତ ଭାବେ ୨-୩ ଥର ୨୦ ଅନ୍ତତଃ ସେକେଣ୍ଡ ହାତ ଧୋଇବା ଉଚିତ ।

# ଚୁଡ଼ା ଢୋକ୍‌ଲା

ବେସନ କିମ୍ବା ସୁଜିରେ ତିଆରି ଢୋକ୍‌ଲା ଖାଇଥିବେ । ଚୁଡ଼ା ଢୋକ୍‌ଲା ତିଆରି କରିବା ସହଜ ହେବା ସହ ସ୍ୱାଦିଷ୍ଟ ଏବଂ ସ୍ୱାସ୍ଥ୍ୟକର ହୋଇଥାଏ ।

ଆବଶ୍ୟକ ସାମଗ୍ରୀ:
ପତଳା ଚୁଡ଼ା- ୫୦୦ ଗ୍ରାମ, ଦହି ୨୫୦ ଗ୍ରାମ, ଛୋଟ ଚାମଚରେ ଅଧା ଚାମଚ ଲେଖାଏଁ ସୋରିଷ ଏବଂ ଜିରା, ୧ ଚାମଚ ଅଦା ଓ କଞ୍ଚାଲଙ୍କା ପେଷ୍ଟ, ସୋଡ଼ା-୧/୪ ଚାମଚ, ୨ ଚାମଚ ତେଲ, ସ୍ୱାଦାନୁସାରେ ଲୁଣ ଏବଂ ବଡ଼ ଚାମଚରେ ଅଧା ଚାମଚ କଟା ଧନିଆ ପତ୍ର ।

ପ୍ରସ୍ତୁତି: ପ୍ରଥମେ ଏକ ପାତ୍ରରେ ଦହି ଓ ଚୁଡ଼ା ମିଶାଇ ୧ ଘଣ୍ଟା ରଖିଦିଅନ୍ତୁ । ଘଣ୍ଟାକ ପରେ ସେଥିରେ ଲୁଣ, ଅଦା ଓ କଞ୍ଚାଲଙ୍କା ପେଷ୍ଟ, ଧନିଆପତ୍ର, ସୋଡ଼ା ଏବଂ ତେଲ ମିଶାଇ ଭଲଭାବେ ପିଠଉ ପରି ପ୍ରସ୍ତୁତ କରିନିଅନ୍ତୁ । ଥାଳି ପରି ଏକ ଚଉଡ଼ା ପାତ୍ରରେ ତେଲ ଲଗାଇ ସେଥିରେ ଏହି ଢୋକ୍‌ଲା ପିଠଉ ଢାଳିଦେବେ । ଏକ ଷ୍ଟିମରରେ ଏହି ପାତ୍ର ରଖି ୨୦-୨୫ ମିନିଟ୍ ସିଝିବା ପାଇଁ ଛାଡ଼ି ଦିଅନ୍ତୁ । ଢୋକ୍‌ଲା ସିଝିଯିବା ପରେ ଏହାକୁ ବାହାର କରି ଥଣ୍ଡା ହେବା ପାଇଁ ରଖିଦେବେ । ଥଣ୍ଡା ହେବା ପରେ ଏହାକୁ ଢୋକ୍‌ଲା ଭଳି ଚାରିକୋଣିଆ ଆକାରରେ କାଟିଦେବେ । ଏବେ କଡ଼େଇରେ ଅଳ୍ପ ତେଲ ଦେଇ ସୋରିଷ ଏବଂ ଜିରା ପକାଇ ଫୁଟାଇ ଦିଅନ୍ତୁ । ଥଣ୍ଡା ହୋଇଯାଇଥିବା ଢୋକ୍‌ଲା ଉପରେ ଏହି ଫୁଟଣ ଭଲଭାବେ ଚାରିଆଡ଼େ ପକାଇଦେବେ । ବଳକା କଟା ଧନିଆପତ୍ର ଦେଇ ଏହାକୁ ସଜାଇ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ଚୁଡ଼ା ଢୋକ୍‌ଲା ।



# ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ବିୟୋଗରେ ଏମ.କେ.ସି. ହାଇସ୍କୁଲରେ ଶୋକସଭା



ବାରିପଦା,୨।୯ (ନି.ପ୍ର): ଭାରତର ପୂର୍ବତନ ରାଷ୍ଟ୍ରପତି ଭାରତ ରତ୍ନ ପ୍ରଣବ ମୁଖାର୍ଜୀଙ୍କ ବିୟୋଗରେ ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ସ୍ୱର୍ଗତଃ ଅମର ଆତ୍ମା ପ୍ରତି ସମ୍ମାନ ଜଣାଇ ତାଙ୍କ ଫୋଟ ଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଭାରତର ପୂର୍ବତନ ରାଷ୍ଟ୍ରପତି, ତଥା ଦେଶର ଅର୍ଥ, ବାଣିଜ୍ୟ, ବୈଦେଶିକ, ସ୍ୱରାଷ୍ଟ୍ର, ପ୍ରତିରକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ମନ୍ତ୍ରୀ ଭାବରେ କାର୍ଯ୍ୟକରି ସ୍ୱର୍ଗତଃ ମୁଖାର୍ଜୀ ତାଙ୍କର ବଳିଷ୍ଠ ତଥା ବହୁମୁଖି ପ୍ରତିଭାକୁ ପ୍ରତିପାଦିତ କରିପାରିଛନ୍ତି ଏବଂ ତାଙ୍କର ବିୟୋଗରେ ଏକ ଅପୁରଣୀୟ ଶୂନ୍ୟସ୍ଥାନ ସୃଷ୍ଟି ହେଲା ବୋଲି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡଃ ପ୍ରଜ୍ଞା ପାରମିତା ଜେନା କହିଛନ୍ତି । ଏହି ଶୋକ ସଭାରେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଅମିତାଭ ମିଶ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଶିକ୍ଷକ ଅମୂଲ୍ୟ କୁମ୍ଭକାର, ରାଜୀବ ଲୋଚନ ଜେନା, ବିଜୟ ନାଥ, ଉପେନ୍ଦ୍ର ନାଥ ବେହେରା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସେକ ଲାଇକୁଦ୍ଦିନ ପ୍ରମୁଖ ଉପସ୍ଥିତ ଥିଲେ ।

## ତଳଜଙ୍ଗରେ ବନ୍ୟାପାଣି ଛାଡୁନି: ଚୂଲି ଜଳୁନି

ପୁରୀ,୨।୯ (ନି.ପ୍ର): ପୁରୀ ସଦର ବ୍ଲକ ଅନ୍ତର୍ଗତ ତଳଜଙ୍ଗ ଓ ତାର ଆଖପାଖ ଗ୍ରାମ କଂଟିନଦୀର ବନ୍ୟାପାଣିରେ ଉବୁଟୁବୁ ହେଉଛି । ୭ ଦିନ ହେଲାଣି ଅନେକ ଗରିବ ଲୋକଙ୍କ ଘରେ ପାଣି ପଶିଯାଇଥିବାରୁ ଚୂଲି ଜଳୁନଥିବା କହିଛନ୍ତି । ଭାର୍ଗବୀ ନଦୀର ଶାଖା ନଦୀ କଂଟି ନଦୀରେ ଅଧିକ ପାଣି ଆସିବାରୁ ଏହି ଅଂଚଳ ବୁଡି ରହିଛି । ଜିଲ୍ଲା ପ୍ରଶାସନ ପକ୍ଷରୁ କାଁ ଭାଁ ସହାୟତା ମିଳିଥିଲେ ମଧ ତାହା ସମୁଦ୍ରକୁ ଶଙ୍ଖେ ବୋଲି ଗ୍ରାମର ଅଧିବାସୀ ସୁବଳ ପ୍ରଧାନ କହିଛନ୍ତି । ଅନେକ ଚାଳଘର ଭାସିଯିବା ସହ ମାଟିଘର ଭାଙ୍ଗିଯାଇଛି । କଂଟିନଦୀର ସୁଦୃଢ ମାଟିବନ୍ଧ ନଥିବାରୁ ଓ ବନ୍ୟାଜଳ ସମୁଦ୍ରକୁ ନିଷ୍କାସିତ ହେବା ପାଇଁ ବାଟ ନଥିବାରୁ ଏହି ପାଣି ଧାନ ବିଲରେ ଭିତରେ ଜମି ରହୁଛି । ଯାହାଫଳରେ ଚାଷୀମାନଙ୍କର ଏ ବର୍ଷ ଫସଲ ସଂପୂର୍ଣ୍ଣ ନଷ୍ଟ ହୋଇଯାଇଛି । ସେହିପରି ମଙ୍ଗଳନଦୀ ଓ ମୂଷାନଇରେ ଅଧିକ ପାଣି ଆସିବାରୁ ପୁରୀସହର ଉପକଣ୍ଠରେ ଥିବା ସୁଜାତା ନଗର, ମୁକୁନ୍ଦମିଶ୍ର ନଗର, ଗୋପିନାଥପୁର ମଧ ବୁଡିଯାଇଛି । ଜଳ ନିଷ୍କାସନ ପାଇଁ ବୃହତ ଯୋଜନା କରି ନଦୀବନ୍ଧ ସୁଦୃଢ କରାଗଲେ ବନ୍ୟାର ସ୍ଥାୟୀ ପ୍ରତିକାର ହୋଇପାରିବ ବୋଲି ଏହି ଅ ଳର ଲୋକମାନେ କହିଛନ୍ତି ।

# ଚତୁର୍ଥ ପର୍ଯ୍ୟାୟରେ ୧୦୭ ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣ ପତ୍ର ପ୍ରଦାନ

ବାରିପଦା,୨।୯ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାରେ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ଜିଲ୍ଲାପାଳ ବିନୀତ୍ ଭରଦ୍ୱାଜଙ୍କ ସୁପାରିଶ କ୍ରେମେ ଜିଲ୍ଲା ମେଡିକାଲ ବୋର୍ଡର ଚତୁର୍ଥ ପର୍ଯ୍ୟାୟ ଭିନ୍ନକ୍ଷମ ଚିହ୍ନଟ ଶିବିର କୋଭିଡ୍-୧୯ ମାର୍ଗଦର୍ଶୀକା ଅନୁପାଳନ ପୂର୍ବକ ଆୟୋଜିତ ହୋଇଯାଇଛି । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନରେଶ ଚନ୍ଦ୍ର ବିନ୍ଧାଣୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏବଂ ପ୍ରତିଜ୍ଞା ନିଶା ନିବାରଣ କେନ୍ଦ୍ରର ଅଧକ୍ଷ ଅବନୀ କୁମାର ପତିଙ୍କ ସହଯୋଗରେ ଅନୁଷ୍ଠିତ ଉକ୍ତ ଭିନ୍ନକ୍ଷମ ପ୍ରମାଣପତ୍ର ଶିବିରରେ ଶ୍ରବଣ ବାଧିତ, ଭେଷକ, ଅସ୍ଥିଶଲ୍ୟ ମାନସିକ ବିଭାଗର ମୋଟ୍ ୧୦୭ ଜଣଙ୍କର ଅନଲାଇନ୍ ପଞ୍ଜିକରଣ ଓ ନିଦାନ କରାଯାଇ ୟୁ.ଡି.ଆଇ.ଡି. ନମ୍ବର ସହିତ ପ୍ରମାଣପତ୍ର ପ୍ରଦାନ କରାଯାଇଥିବା ସମୟରେ ମେଡିକାଲ ବୋର୍ଡରେ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସପିଟାଲର ଚକ୍ଷୁ, ନାଶା, କର୍ଣ୍ଣ ଓ ଗଳା ବିଭାଗର ବରିଷ୍ଠ ବିଶେଷଜ୍ଞ ଡା. ବିଶ୍ୱନାଥ ଦାସ, ଭେଷଜ ବିଭାଗୀୟ ବରିଷ୍ଠ ବିଶେଷଜ୍ଞ ଡା. ତପନ କୁମାର ଆଚାର୍ଯ୍ୟ, ମାନସିକ ବିଭାଗର ଡା. ପ୍ରଦୀପ କୁମାର ନାୟକ, ଚକ୍ଷୁ ବିଭାଗର ଡା. ମୀତା ମିଶ୍ର, ଅସ୍ଥିଶଲ୍ୟ ବିଭାଗର ଡା. ମହୋନ ଚରଣ ମୁର୍ମୁ ପ୍ରମୁଖ ଉପସ୍ଥିତ ରହି ଭିନ୍ନକ୍ଷମମାନଙ୍କୁ ନିରୀକ୍ଷଣ କରିଥିଲେ । ଜିଲ୍ଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ରର ବରିଷ୍ଠ ଅଡିଓଲୋଜିଷ୍ଟ ମାନସ କୁମାର ନାୟକ ଫିଜିଓଥେରାପିଷ୍ଟ ରମେଶ୍ୱର ପୁଥାଳ, ସାଇକଲୋଜିଷ୍ଟ ଚନ୍ଦ୍ରଶେଖର ନାୟକ, ମୋବିଲିଟି ଇନସ୍ପେକ୍ଟର ପ୍ରବୀଣା ଦାସ, ବିପିନି ବିହାରୀ ବେହେରା, ମନୋଜ ବେହେରା, ସଞ୍ଜସ ଭୂୟାଁ, ସଞ୍ଜୟ ଶତପଥୀ, ସଞ୍ଜୟ କିସ୍କୁ, ରାଧାଶ୍ୟାମ ପଟ୍ଟନାୟକ, ଅରବିନ୍ଦ ମୁଖି ପ୍ରମୁଖ ସହଯୋଗ କରିଥିଲେ ।

## ହୀରାକୁଦ ଡ୍ୟାମ୍ ର ୨୪ ସ୍ଲୁଇସ୍ ଗେଟ୍ ଦେଇ ଜାରୀ ରହିଛି ଜଳ ନିଷ୍କାସନ

ସମ୍ବଲପୁର,୨।୯ (ନି.ପ୍ର): ଆଜି ଅପରାହ୍ନ ୪ଟା ସୁଦ୍ଧା ହୀରାକୁଦ ଡ୍ୟାମ୍ ର ମୋଟ୍ ୨୪ଟି ସ୍ଲୁଇସ୍ ଗେଟ୍ ଦେଇ ମହାନଦୀକୁ ବନ୍ୟା ଜଳ ନିଷ୍କାସନ ଜାରୀ ରହିଛି । ଡ୍ୟାମ୍ ର ବାମ ପାର୍ଶ୍ୱ ଡାଇକ୍ ରେ ୧୫ଟି ଏବଂ ଡ଼ାହାଣ ପାର୍ଶ୍ୱ ଡାଇକ୍ ର ୯ଟି ସ୍ଲୁଇସ୍ ଗେଟ୍ ଦେଇ ଜଳ ନିଷ୍କାସନ ଜାରୀ ରହିଛି । ଜଳ ଭଣ୍ଡାର ମଧକୁ ପ୍ରତି ସେକେଣ୍ଡରେ ୩ ଲକ୍ଷ ୬୫ ହଜାର ୭୭୭ ଘନଫୁଟ୍ ଜଳ ପ୍ରବେଶ କରୁଛି । ସେହି ସମୟରେ ମୋଟ୍ ୨୪ଟି ସ୍ଲୁଇସ୍ ଗେଟ୍ ଓ ଅନ୍ୟାନ୍ୟ ପାୱାର ଚାନେଲ ଦେଇ ପ୍ରତି ସେକେଣ୍ଡରେ ୪ ଲକ୍ଷ ୩ ହଜାର ୮୯୬ ଘନଫୁଟ୍ ରୁ ଉର୍ଦ୍ଧ୍ୱ ଜଳ ମହାନଦୀକୁ ଛଡାଯାଉଛି । ବନ୍ଧର ସର୍ବୋଚ୍ଚ ଜଳ ଧାରଣ କ୍ଷମତା ୬୩୦ ଫୁଟ୍ ରହିଥିବା ବେଳେ ଜଳ ଭଣ୍ଡାରର ଜଳସ୍ତର ୬୨୫.୬୯ ଫୁଟ୍ ରହିଛି ।

# ଫାଇନାନ୍ସ କମ୍ପାନୀର ଋଣ ଆଦାୟରେ ଅତିଷ୍ଟ ଗୋଷ୍ଠୀଙ୍କ ଜିଲ୍ଲାପାଳଙ୍କୁ ଅଭିଯୋଗ

ନୂଆପଡା,୨।୯ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଅନ୍ତର୍ଗତ ଦମାପଡା ଗ୍ରାମର ସ୍ୱୟଂ ସହାୟକ ମହିଳା ଗୋଷ୍ଠୀ ଫାଇନାନ୍ସ କମ୍ପାନୀ ମାନଙ୍କର ମନମୁଖି ଋଣ ଆଦାୟରେ ଅତିଷ୍ଟ ହୋଇ ନୂଆପଡା ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି । ଦମାପଲା ଗ୍ରାମର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନେ ବିଗତ ଦିନରେ ମାଇକ୍ରୋଫାଇନାନ୍ସ ଗୃପରୁ ଯଥା ଆଶିର୍ବାଦ, ସ୍ୱନ୍ଦନା, ମହାଶକ୍ତି, ଗ୍ରାମୀଣ କୋଟା, ସେୟା, ଏକ୍ସିସ ବ୍ୟାଙ୍କ, ଅର୍ଣ୍ଣପୂର୍ଣ୍ଣା, ଏଲଏଣ୍ଡଟି, ଶ୍ରୀରାମ ଏପରି ଅନେକ ଫାଇନାନ୍ସ ଗୃପରୁ ବ୍ୟବସାୟ ଆଶାରେ ଟଙ୍କା ଋଣ ଆଣିଥିଲେ । କିନ୍ତୁ ମହାମାରୀ କରୋନା କାରଣରୁ ସେମାନଙ୍କ ବ୍ୟବସାୟ ବନ୍ଦ ହୋଇ ଯାଇଥିବା ବେଳେ କାରବାର ଠପ ହୋଇଯାଇଛି । ଏପରିସ୍ଥିତିରେ ମାଇକ୍ରୋ ଫାଇନାନ୍ସ ଗୃପର କର୍ମଚାରୀ ମାନେ ସରକାରଙ୍କ ନିର୍ଦ୍ଦେଶକୁ ନମାନି ଋଣ ଆଦାୟ ନାମରେ ବିଭିନ୍ନ ସମୟରେ ଫୋନ କରି ମାନସିକ ନିର୍ଯ୍ୟାତନା ଦେଉଥିବା ଅଭିଯୋଗ କରିଛନ୍ତି । ଏପରିକି କମ୍ପାନୀର କର୍ମଚାରୀ ଘରକୁ ଆସି ଘଂଟା ଘଂଟା ଜଗି ରହି ଅନେକ ପ୍ରକାରର ଧମକ ଚମକ ଦେଇ ତାଗିଦ କରୁଥିବା ଅଭିଯୋଗରେ ଦର୍ଶାଇଛନ୍ତି । ବର୍ତମାନ ପରିସ୍ଥିତିରେ ଆର୍ଥୀକ ଅନାଟନରେ ପରିବାର ଗତି କରୁଥିବା ବେଳେ ଫାଇନାନ୍ସ କମ୍ପାନୀ ମାନଙ୍କ ଋଣ ଟଙ୍କା ଆଦାୟ କେତେ ଦୂର ଯୁକ୍ତିଯୁକ୍ତ ବୋଲି ସେମାନେ ଅଭିଯୋଗ କରିଛନ୍ତି । ଏହାର ଉଚିତ ପଦକ୍ଷେପ ଗ୍ରହଣ କରି ଏହାର ସମୟସୀମାକୁ ବୃଦ୍ଧି କରିବାକୁ ସେମାନେ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି ।

# କଣାସ ବନ୍ୟାଚଂଳକୁ ନେତାଙ୍କ ଘନଘନ ଗସ୍ତ, ଦୁର୍ଦ୍ଦଶାରେ ବିପନ୍ନ

କଣାସ,୨।୯ (ନି.ପ୍ର): ଦୟାନଦୀରେ ବନ୍ୟା ଆସିବାରୁ ୧୨ ଦିନ ହେଲା ଦୟା ଓ ରାଜୁଆ ନଦୀର ମଧ୍ୟବର୍ତୀ ଅଂଚଳ ଦୋକନ୍ଦା, ବଡାସ, ଗଡବଳଭଦ୍ରପୁର, ଗ୍ରାମ ପଚାଂୟତର ୧୦ହଜାରରୁ ଉର୍ଦ୍ଧ୍ୱ ଲୋକ ଦୁର୍ଦ୍ଦଶା ଭୋଗ କରୁଥିବା ବେଳେ ୩ ଦିନ ତଳେ ଦୟାନଦୀର ଗଡମାଟିଆପଡାଠାରେ ଘାଇ ହେବାରୁ ପାଣ୍ଡିଆକେରା ଏବଂ ଗଡବଡପୁଟ ଗ୍ରାମପଚାଂୟତର ୨୦ଟି ଗ୍ରାମର ୧୦ ହଜାରରୁ ଉର୍ଦ୍ଧ୍ୱ ଲୋକ ନାହିଁ ନଥିବା ଦୁର୍ଦ୍ଦଶା ଭୋଗ କରୁଛନ୍ତି । ଗତକାଲି ଯୋଜନାବୋର୍ଡ ଉପାଧକ୍ଷ ସଂଜୟ ଦାସ ବର୍ମା କଣାସ ଆସି ବୋଟ୍ ଯୋଗେ ଗଡମାଟିଆପଡା ଘାଇ ଏବଂ ଦୋକନ୍ଦା, ବଡାସ, ଗଡବଳଭଦ୍ରପୁର ଗ୍ରାମପଚାଂୟତର ବିଭିନ୍ନ ଗ୍ରାମକୁ ଯାଇ ଲୋକମାନଙ୍କ ଦୁର୍ଦ୍ଦଶା ଦେଖି ଫେରିଯାଇଥିବା ବେଳେ ଗତକାଲି ପିସିସିର ପୂର୍ବତନ ସଭାପତି ପ୍ରସାଦ ହରିଚନ୍ଦନ ଘାଇ ପରିଦର୍ଶନ କରିବା ସହିତ ପାଣ୍ଡିଆକେରା ଗ୍ରାମପଚାଂୟତର ବନ୍ୟା ଘେରରେ ଥିବା ଗଡମାଟିଆପଡା, ନୂଆସାହି, ବଗିପଡା, ବାଙ୍କତଳ, ପାଣ୍ଡିଆକେରା, ଘରଛିଆ ଓ ଶିମିଳିପାଟଣା ଗୁଡିକୁ ଯାଇ ଲୋକଙ୍କ ସମସ୍ୟା ବୁଝିବା ସହିତ ଲୋକମାନଙ୍କୁ ଚୂଡା, ଚିନି, ବିସ୍କୁଟ୍, ମଶାଧୂପ, ପାନୀୟଜଳ ଓ ଗୃହପାଳିତ ପଶୁଙ୍କ ପାଇଁ କୁଣ୍ଡା, ଚୋକଡ ବଂଟନ କରୁଥିଲେ । ଲୋକମାନେ ଆଗାମୀ ଦିନରେ ଯେପରି ସମସ୍ୟାର ସମ୍ମୁଖୀନ ନହୁଅନ୍ତି ସେଥିପାଇଁ କେତେକ ପ୍ରଶାସନିକ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ । ସେହିପରି ଆଜି ବିଜେପି ଦଳର ବିରୋଧି ଦଳ ନେତା ସୁବାସ ନାୟକ, ବ୍ରହ୍ମଗିରୀ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ବିଜେପି ନେତା ରିଙ୍କୁ ପଟ୍ଟନାୟକ ସମେତ ଅନେକ ବିଜେପି ନେତା ଘାଇ ଅଂଚଳକୁ ଯାଇ ପରିର୍ଦ୍ଦଶନ କରିବା ସହିତ ବନ୍ୟା କ୍ଲିଷ୍ଟଲୋକମାନଙ୍କ ଦୁର୍ଦ୍ଦଶା ବୁଝି ଫେରିଯାଇଛନ୍ତି । ସେହିପରି ସ୍ଥାନୀୟ ବିଧାୟକ ଉମାକାନ୍ତ ସାମନ୍ତରାୟ ତିନିଦିନ ହେଲା ବନ୍ୟା ଅଂଚଳ ବୁଲୁଥିବା ଦେଖିବାକୁ ମିଳିଛି ।

# ଫିକା ପଡ଼ିଲା ଭଦ୍ରକରେ ସ୍ୱାୟତ୍ତ ଶାସନ ଦିବସ : କରୋନା ନାମରେ ଆତ୍ମରକ୍ଷା ଉଦ୍ୟମ

ଭଦ୍ରକ, ୨/୯ (ହି.ସ.) - ଫିକା ପଡ଼ିଲା ଭଦ୍ରକ ପୌରା ଳରେ ସ୍ୱାୟ ଶାସନ ଦିବସ । କେବଳ ସହରର ବିଭିନ୍ନ ଛକରେ ଥିବା ବରପୁତ୍ରଙ୍କ ପ୍ରତିମୂ ୀରେ ମାଲ୍ୟାର୍ପଣ ସହିତ ଚରମ୍ପା ରହଣିଆସ୍ଥିତ ଅମୃତ ପାର୍କରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ସିମୀତ ରହିଯାଇଛି ଏହି ଦିବସ । ରାଜ୍ୟବ୍ୟାପୀ ଅଧିକାଂଶ ପୌରା ଳ ଓ ବିଜ୍ଞାପିତ ଅ ଳରୁ ସହରବାସୀଙ୍କ ପାଇଁ ଏକ ନୂତନ ବା ୀ ସହିତ ସଚେତନତା ସୃଷ୍ଟିର ବିଜ୍ଞାପନ ଦେଖିବାକୁ ମିଳିଥିବାବେଳେ, ଭଦ୍ରକରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି । ଅପରପକ୍ଷେ କରୋନା ସଂକଟକୁ ନେଇ ସମସ୍ତ କାର୍ଯ୍ୟକ୍ରମକୁ କା ଛା କରାଯାଇଛି ବୋଲି ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ବିଚିତ୍ରାନନ୍ଦ ନାୟକ ଗଣମାଧ୍ୟମକୁ କହିଛନ୍ତି । ତେବେ କରୋନା ଆଳ ଦେଖାଉଥିଲେ ମଧ ସହରବାସୀଙ୍କୁ ସେପରି କୌଣସି ଉପହାର ଦେବାକୁ ବା ଉନ୍ନୟନମୂଳକ ପ୍ରସ୍ତାବ ରଖିବାକୁ ପୌର କ ୃପକ୍ଷଙ୍କ ନିକଟରେ ପ୍ରସଙ୍ଗ ନଥିବା ଆଲୋଚନା ହେଉଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଗତବର୍ଷ ପରି ଚଳିତ ବର୍ଷ କୌଣସି ବିଧାୟକ ବା ସାଂସଦଙ୍କୁ ଆଜିର କାର୍ଯ୍ୟକ୍ରମରେ ଦେଖିବାକୁ ମଳି ନାହିଁ । ସମାଲୋଚନାରୁ ର୍ବିବା ପାଇଁ ହୁଏତ ଏସମସ୍ତ ରାଜନେତାମାନେ ପୌର କାର୍ଯ୍ୟ ଶୈଳୀ ଠାରୁ ନିଜକୁ ଦୂରେଇ ରଖିଛନ୍ତି । ଏଠାରେ ସୂଚନାଯୋଗ୍ୟ ଗତବର୍ଷ ସ୍ୱାୟ ଶାସନ ଦିବସରେ ବହୁ କୋଟି ଟଙ୍କାର ଉନ୍ନୟନମୂଳକ ପ୍ରକଳ୍ପର ଶୁଭ ଉଦଘାଟନ କରାଯାଇଥିଲା । ସେଥି ମଧରେ ରହିଥିଲା ଅର୍ପିବନ୍ଧା ଛକ ଠାରେ ଏକ ବଡ଼ ସପିଂ ମଲ କରିବାର ଶିଳାନ୍ୟାସ । ଯେଉଁଠାରେକି ସହରର ଉଛେଦ ବ୍ୟବସାୟୀଙ୍କୁ ଥଇଥାନ କରାଯାଇ ଥଆନ୍ତା । କିନ୍ତୁ ସେଠାରେ ଏପର୍ଯ୍ୟନ୍ତ ଇଟା ଖଣ୍ଡେ ମଧ ପଡ଼ି ନାହିଁ । ସେହିପରି ରାଜଘାଟ ଛକ ଠାରେ ମାର୍କେଟ କମ୍ପେକ୍ସର ଶିଳାନ୍ୟାସ କରାଯାଇଥିଲେ ମଧ ଅଧାଗଢ଼ା ହୋଇ ରହିଛି କେତେକ ଦୋକାନ ଘର, ସେଗୁଡ଼ିକ ପୁଣି ଡ୍ରେନ ଉପରେ । ବାଇପାସ ଠାରେ ମଧ ଶିଳାନ୍ୟାସ କାର୍ଯ୍ୟକ୍ରମ ଫଳକରେ ରହିଯାଇଛି । ଅମୃତ ଯୋଜନା କାର୍ଯ୍ୟକାରୀ ହେବାକୁ ୫ବର୍ଷ ବିତିବାକୁ ବସିଥିବାବେଳେ, ବିଶୁଦ୍ଧ ପାନୀୟ ଜଳ ଯୋଗାଣ ସମ୍ଭବ ହୋଇ ପାରି ନାହିଁ । ବହୁ କୋଟି ଟଙ୍କାର ଏହି ପ୍ରକଳ୍ପ ଅଧାରେ ଅଟକିଛି । ସେହିପରି ସହରା ଳ ଆଲୋକୀକରଣ ଯୋଜନା ସହରବାସୀଙ୍କ କାମରେ ଆସି ପାରି ନାହିଁ । କାରଣ ଏହି କାର୍ଯ୍ୟାଦେଶ ପାଇଥିବା ଠିକାଦାର ଏବେ ରକ୍ଷଣାବେକ୍ଷଣ କାର୍ଯ୍ୟକୁ ନଜର ଆନ୍ଦାଜ କରି ଚାଲିଛନ୍ତି ଓ ପୌର କ ୃପକ୍ଷ ଅତ୍ୟନ୍ତ ଅସହାୟ ଭାବେ ଏହାକୁ ଦେଖୁଛନ୍ତି । ଏବେ ସହରର ରାସ୍ତାଘାଟ ଶୋଚନୀୟ ହୋଇପଡ଼ିଛି । ଅଧିକାଂଶ ରାସ୍ତା ଗମନାଗମନ ଅନୁପଯୋଗୀ ସାବ୍ୟସ୍ତ ହୋଇଛି । ନାଳନର୍ଦ୍ଦମା ସଫେଇ ଅଭାବରୁ ସାମାନ୍ୟ ବର୍ଷାରେ ପୌର ରାସ୍ତାଘାଟ ଦିନ ଦିନ ଧରି ବୁଡି ରହୁଛି । ନିକଟରେ ଲଘୁଚାପ ବର୍ଷାରେ ପୌରବାସୀଙ୍କ ଦୁଖଃଦୁର୍ଦ୍ଦଶା ଚରମ ସୀମରେ ପହ ିଥିବାବେଳେ, ୭୦ ପ୍ରତିଶତ ସହରବାସୀ ଜଳବନ୍ଦୀ ଜୀବନ ବିତାଇଛନ୍ତି । ସହରର ପରିମଳ ବ୍ୟବସ୍ଥା ସଂପୁର୍ଣ୍ଣ ଭୁଷୁଡି ପଡିଛି । ସହରବାସୀଙ୍କ ଚି ବିନୋଦନ ସକାସେ କୋଟି କୋଟି ଟଙ୍କା ଖର୍ଚ କରି ନିର୍ମାଣ କରାଯାଇଥିବା ପାର୍କ ଏବଂ ବୋଟିଂ କ୍ଲବ ଲୋକଙ୍କ କାମରେ ଆସୁନାହିଁ । ଦୀର୍ଘ ବର୍ଷ ପରେ ମଧ ଜିଲ୍ଲାର ଏହି ସର୍ବବୃହତ ପୌରପାଳିକାରେ ମଇଳା ପକାଇବା ସକାସେ ଏଯାଏ ସଲିଡ ୱେଷ୍ଟ ମ୍ୟାନେଜମେ ପାଇଁ ପ୍ରଶାସନ ଜମି ଖୋଜି ପାଇ ନାହିଁ । ଗୋଟିଏ ପଟରେ କରୋନାକୁ ଆଳକରି ପୌରପାଳିକା ଚଳିତବର୍ଷ ସ୍ୱାୟତଶାସନ ଦିବସକୁ କା ଛା କରିଥିବା କହୁଛି ସତ, କିନ୍ତୁ ପୌରବାସୀଙ୍କ ସ୍ୱାର୍ଥ ପ୍ରତି କ ୃପକ୍ଷ ଆଖି ବୁଜି ଦେଇଛନ୍ତି । କାରଣ ଯାବତୀୟ ଅସୁବିଧାରେ ରହି ମଧ ପୌରବାସୀଙ୍କୁ କ ୃପକ୍ଷ କୌଣସି ପ୍ରକାର ଟିକସ ଆଦାୟରେ ରିହାତି ଦେବାକୁ ଉଚିତ ମନେ କରି ନାହିଁ । ବରଂ କରୋନା ଆଳରେ ପୌର ପ୍ରଶାସନ ମଧ୍ୟଯୁଗୀୟ ଜିଜିଆ କର ଆଦାୟ କଲା ପରି କ୍ଷୁଦ୍ର ବ୍ୟବସାୟୀଙ୍କ ଠାରୁ ଟ୍ରେଡ ଲାଇସେନ୍ସ ଏବଂ କୋଭିଡ ଆଇନ ଉଲଂଘନ ଆଳରେ ଲକ୍ଷ ଲକ୍ଷ ଟଙ୍କା ଜରିମାନା ଆଦାୟ କରଛି । ଅପରପକ୍ଷେ କୋଭିଡ ଅର୍ଥର ବ୍ୟାପକ ଅପଚୟ ହୋଇଛି ବୋଲି ଖୋଦ ଶାସକ ଦଳର ପ୍ରାକ୍ତନ ପାରିଷଦ ଅଭିଯୋଗ ଆଣିଛନ୍ତି ଯାହାକି ପୌର କ ୃପକ୍ଷଙ୍କୁ ଅଡୁଆରେ ପକାଇଛି । ତେଣୁ ସମ୍ଭବତଃ ନିଜର ଏହି ବିଫଳତାକୁ ଘ ଘୋଡ଼ାଇବା ସକାସେ ଚଳିତବର୍ଷ ଭଦ୍ରକ ପୌରପାଳିକା ସ୍ୱାୟତ ଶାସନ ଦିବସକୁ କା ଛା କରିଛି ବୋଲି ସହରବାସୀଙ୍କ ମଧରେ ଆଲୋଚନା ଜୋର ଧରିଛି ।

# ନିରାଡମ୍ବରରେ ଫୁଲବାଣୀ ପୌର ପରିଷଦ ଦ୍ୱାରା ସ୍ୱାୟତ ଶାସନ ଦିବସ ପାଳିତ

କନ୍ଧମାଳ,୨।୯ (ନି.ପ୍ର): କନ୍ଧମାଳ ଜିଲ୍ଲାର ସଦର ମହକୁମା ଫୁଲବାଣୀ ପୌର ପରିଷଦ ଦ୍ୱାରା ସ୍ୱାୟତ ଶାସନ ଦିବସ ନିରାଡମ୍ବର ଏବଂ ସାମାଜିକ ଦୂରତା ରକ୍ଷା କରାଯିବା ସହିତ ପାଳିତ ହୋଇଯାଇଛି । ଏହି ଅବସରରେ ସକାଳ ୬ଟାରେ ସମଗ୍ର ଫୁଲବାଣୀ ସହରରେ ରାମଧୁନ ପରିବେଷଣ କରାଯାଇଥିଲା ଓ ପରେ ସହରରେ ଥିବା ସମସ୍ତ ବରପୁତ୍ର ଓ ମହାପୁରୁଷଙ୍କ ପ୍ରତିମୁର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ସକାଳ ୯ଟାରେ ସ୍ଥାନୀୟ ପୌରପରିଷଦ ଆଗରେ ପତାକା ଉତୋଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କାର୍ଯ୍ୟକ୍ରମର ଅତିଥି ଭାବରେ ଫୁଲବାଣୀ ପୌର ନିର୍ବାହୀ ଅଧିକାରୀ ବଳଦେବ ବେହେରା ପତାକା ଉତୋଳନ କରିଥିଲେ । କାର୍ଯ୍ୟକ୍ରମରେ ପୌର ପରିଷଦର ଅନ୍ୟାନ୍ୟ କର୍ମକର୍ତା ମାନେ ଉପସ୍ଥିତ ଥିଲେ । ସ୍ୱାୟତ ଶାସନ ପ୍ରତିଷ୍ଠା ଦିବସରେ କରୋନା ଯୋଦ୍ଧାଙ୍କୁ ତାଙ୍କର ତ୍ୟାଗ ଓ ସେବାକୁ ଭୁୟସୀ ପ୍ରଶଂସା କରିବା ସହ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା । ଏହାପରେ କାର୍ଯ୍ୟାଳୟ ପରିଷରରେ ୪ଟି ବ୍ୟାଟେରୀ ଚାଳିତ ଆବର୍ଜନା ସଂଗ୍ରହ କରିବା ଯାନର ଉଦଘାଟନ ମୁଖ୍ୟ ଅତିଥିଙ୍କ ଦ୍ୱାରା ସେହି ଯାନଗୁଡିକ ସ୍ୱଛ ଭାରତ କାର୍ଯ୍ୟକ୍ରମରେ ନିୟୋଜିତ ହେବ । ଏହାପରେ କରୋନା ସଂକ୍ରମଣ ରୋକିବା ଦିଗରେ କାର୍ଯ୍ୟ କରୁଥିବା କାର୍ଯ୍ୟାଳୟର କର୍ମଚାରୀ ଏବଂ ଫୁଲବାଣୀରେ ସମସ୍ତ ପ୍ରକାରର ଅସମୟରେ ଲୋକଙ୍କୁ ଦିନରାତି ସେବା ଯୋଗାଇ ଆସୁଥିବା ଟିମ୍ ହ୍ୟୁମାନିଟି ଓ ଦମକଳ ବିଭାଗ ଫୁଲବାଣୀର କରୋନା ଯୋଦ୍ଧାଙ୍କୁ ମାନ ପତ୍ର ପ୍ରଦାନ କରାଯାଇଥିଲା । ଏଥି ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍ଫରେନ୍ସି ମାଧ୍ୟମରେ ମାଇକ୍ରୋ କମ୍ପୋଷ୍ଟ ସିଷ୍ଟମ ଓ ମେଟେରିଆଲ ରିକଭରୀ ବ୍ୟବସ୍ଥାର ଟଦଘାଟନ କରାଯାଇଥିଲା ଏହି ଅବସରରେ କନ୍ଧମାଳ ଜିଲ୍ଲାପାଳ ଡଃ.ବୃନ୍ଦା ଡି,ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସନ ବିଶ୍ୱନାଥ ବାରିକ, ପୌରପରିଷଦ ନିର୍ବାହୀ ଅଧିକାରୀ ବଳଦେବ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ ।

# କୋଭିଡ଼୍ କଟକଣା ଉଲ୍ଲଙ୍ଘନକାରୀଙ୍କ ଉପରେ ଗଜପତି ଜିଲ୍ଲା ପୋଲିସର କଡ଼ା କାର୍ଯ୍ୟାନୁଷ୍ଠାନ : ୧୪ ହଜାର ୮୦୦ ଟଙ୍କା ଜୋରିମାନା ଆଦାୟ

ପାରଳାଖେମୁଣ୍ଡି,୨।୯ (ନି.ପ୍ର): ଗଜପତି ଜିଲ୍ଲା ପୋଲିସ ପକ୍ଷରୁ କୋଭିଡ଼୍ କଟକଣା ଉଲ୍ଲଙ୍ଘନକାରୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଗତ ୩୧ ତାରିଖ ଦିନ ଜିଲ୍ଲାର ବିଭିନ୍ନ ଥାନା ପକ୍ଷରୁ ଏନେଇ ବ୍ୟାପକ ଧରପଗଡ଼ କରାଯିବା ସହ ଲକ୍ ଡାଉନ୍ କଟକଣା ଓ କୋଭିଡ଼୍ ଆଇନ୍ ଭଙ୍ଗ କରୁଥିବା ଏବଂ ମୁହଁରେ ମାସ୍କ ପିନ୍ଧୁ ନଥିବା ଅମାନିଆଙ୍କ ଠାରୁ ଜୋରିମାନା ବାବଦକୁ ମୋଟ୍ ୧୪ ହଜାର ୮୦୦ ଟଙ୍କା ଆଦାୟ କରାଯାଇଛି । ବିଭାଗୀୟ ସୂତ୍ରରୁ ପ୍ରାପ୍ତ ସୂଚନା ଅନୁଯାୟୀ, ମାସ୍କ ପିନ୍ଧି ନଥିବା ଲୋକଙ୍କ ଠାରୁ ପାରାଖେମୁଣ୍ଡି ଆଦର୍ଶ ଥାନା ୫,୬୦୦ ଟଙ୍କା, ଗାରାବନ୍ଧ ଥାନା ୬୦୦, ରାୟଗଡ଼ ଥାନା ୧୩୦୦ ଟଙ୍କା, ଗୁରାଣ୍ଡି ଥାନା ୨୦୦୦ ଟଙ୍କା, ସେରଙ୍ଗ ଥାନା ୬୦୦ ଟଙ୍କା, ମୋହନା ଥାନା ୧୦୦୦ ଟଙ୍କା, ଅଡ଼ବା ଥାନା ୧୦୦୦ ଟଙ୍କା ଏବଂ ରାମଗିରି ଥାନା ପକ୍ଷରୁ ଜୋରିମାନା ବାବଦକୁ ୭୦୦ ଟଙ୍କା ଆଦାୟ କରାଯାଇଛି । ଏହି ମୋଟ୍ ୧୨ ହଜାର ୮୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଛି । ଅନୁରୂପ ଭାବେ, କୋଭିଡ଼୍ -୧୯ ଓ ଲକ୍ ଡାଉନ୍ କଟକଣା ଉଲ୍ଲଙ୍ଘନକାରୀଙ୍କ ଠାରୁ ଜୋରିମାନା ବାବଦକୁ ମୋଟ୍ ୨୦୦୦ ଟଙ୍କା ଆଦାୟ କରାଯାଇଛି ।

# ବନ୍ୟାଜଳ ହ୍ରାସ ପାଇବା ପରେ ଧସିଲା ଗେଙ୍ଗୁଟୀ ନଦୀବନ୍ଧ

ଭଦ୍ରକ, ୨/୯ (ହି.ସ.) - ଏହି ଜିଲାର ଧାମନଗର ବ୍ଲକର ବୈତରଣୀ, କୋଚିଳା ଓ ଗେଙ୍ଗୁଟୀ ନଦୀର ସୁଦୃଢୀକରଣ ନିମନ୍ତେ ସରକାର ପ୍ରାୟ ୩ଶହ କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି । ଅଦ୍ୟାବଧି ନଦୀବନ୍ଧ କାର୍ଯ୍ୟ ଜାରି ରହିଛି । ପରନ୍ତୁ କରୋନା ମହାମାରୀ ଯୋଗୁଁ ନଦୀବନ୍ଧ କାର୍ଯ୍ୟରେ ମନ୍ଥରତା ଦେଖାଦେଇଥିଲା । ପରେ ଲଘୁଚାପ ଜନିତ ବର୍ଷା ଓ ଏବେ ବନ୍ୟା ଯୋଗୁଁ ବନ୍ଧ କାର୍ଯ୍ୟ ବନ୍ଦ ରହିଛି । ହେଲେ ଲଗାଣ ବର୍ଷାରେ ଦଲାଙ୍ଗ ପଞ୍ଚାୟତର ରାମେଶ୍ୱରପୁରର ମହାନ୍ତିସାହି ଓ ମଲିକସାହି ଠାରେ ନଦୀବନ୍ଧରେ ଫାଟ ସୃଷ୍ଟି ହେବା ସହିତ କୋଚିଳା ନଦୀବନ୍ଧରେ ମଧ ବନ୍ୟା ସମୟରେ ଘଳିଆ ପଡିଥିଲା । ଏହି ସମୟରେ ଜଳସେଚନ ବିଭାଗର ନିର୍ବାହୀଯନ୍ତ୍ରୀ ଧନେଶ୍ୱର ସାମଲଙ୍କ ପ୍ରତ୍ୟେକ୍ଷ ତ୍ତ୍ୱାବଧାନ ଓ ଧାମନଗର ଉପଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ କିଶୋର ଚନ୍ଦ୍ର ଦାସଙ୍କ ଉପସ୍ଥିତିରେ କର୍ମଚାରୀ ଓ ସ୍ଥାନୀୟ ଲୋକଙ୍କ ସହଯୋଗରେ ବନ୍ୟା ସମୟରେ ଦୁର୍ବଳ ନଦୀବନ୍ଧକୁ ବାଲିବସ୍ତା ପକାଇ ସୁରକ୍ଷା ପ୍ରଦାନ କରାଯାଇଥିଲା । ଫଳରେ ଚଳିତ ବନ୍ୟାରେ ଏହି ତିନୋଟି ନଦୀବନ୍ଧରେ କୌଣସି ଘାଇ ହୋଇନାହିଁ । ତେବେ ବନ୍ୟାଜଳ ହ୍ରାସ ପାଇବା ପରେ ଆଜି ଗେଙ୍ଗୁଟୀ ନଦୀବନ୍ଧର ଦଲାଙ୍ଗ ପଞ୍ଚାୟତ ରାମେଶ୍ୱରପୁରସ୍ଥିତ ମଲିକସାହି ଠାରେ ପ୍ରାୟ ୮୦ ଫୁଟର ମାଟି ଧସିଛି । ପୂର୍ବରୁ ଲଗାଣ ବର୍ଷାରେ ଏହି ସ୍ଥାନରୁ ପ୍ରାୟ ଶହେ ଫୁଟରୁ ଉର୍ଦ୍ଧ୍ୱ ମଧ ମାଟି ଧସିଥିଲା । ତାହାକୁ ଅସ୍ଥାୟୀ ଭାବେ ବିଭାଗ ମରାମତି କରିଥିଲା । ଆଜି ପୁଣି ସେହି ସ୍ଥାନରୁ ମାଟି ଧସିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି କରିଛି । ତେବେ ନଦୀରୁ ଜଳସ୍ତର ହ୍ରାସ ପାଇବା ପରେ ମାଟି ଧସିଛି, ତୁରନ୍ତ ଏହାକୁ ମରାମତି କରାଯିବ ବୋଲି ଯନ୍ତ୍ରୀ ଶ୍ରୀ ଦାସ ପ୍ରକାଶ କରିଛନ୍ତି ।

## ସାଫା ପକ୍ଷରୁ ବନ୍ୟା ବିପନ୍ନଙ୍କୁ ରିଲିଫ୍ ସାମଗ୍ରୀ ବଂଟନ

କଣାସ,୨।୯ (ନି.ପ୍ର): ଦୟାନଦୀର ଗଡମାଟିଆପଡା ନିକଟରେ ଘାଇ ହେବାରୁ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବା ନୂଆସାହି ଗ୍ରାମବାସୀଙ୍କୁ ତ୍ରିଲୋଚନପୁର ଗ୍ରାମପଚାଂୟତର କାତପଡା ଗ୍ରାମରେ ପ୍ରତିଷ୍ଠିତ ସ୍ୱଚ୍ଛାସେବୀ ଅନୁଷ୍ଠାନ ସାଫା ପକ୍ଷରୁ ନୂଆସାହି ଗ୍ରାମର ୧୨୦ ପରିବାରଙ୍କୁ ଚୂଡ଼ା, ଚିନି, ବିସ୍କୁଟ୍, ପାଉଚ୍ ପାଣି ପ୍ରଦାନ କରିଥିବା ଜଣାପଡିଛି । ଗାଈଗୋରୁମାନଙ୍କ ପାଇଁ କେତେକ ଛଣ ଦେଇଥିବା ଅନୁଷ୍ଠାନର ସଭାପତି ଭବାନିଶଙ୍କର ମହାପାତ୍ର, ସମ୍ପାଦକ ଜଗବନ୍ଧୁ ମହାପାତ୍ର କହିଛନ୍ତି । ସୁଶାନ୍ତ ଆଗ୍ରାସିଂହ, ବାପି, ରଜତ, ବିଜୟ, ମାଧବ ପ୍ରମୁଖ ବନ୍ୟା ପ୍ରପୀଡ଼ିତ ଅଂଚଳରେ ରିଲିଫ୍ ସାମଗ୍ରୀ ବଂଟନ କରିଥିଲେ ।

## ଫୁଲବାଣୀ ଗୁଦାରୀ ଜଙ୍ଗଲରେ ୧୭ କ୍ୱିଣ୍ଟାଲ ମହୁଲୁ ପୋଚ ନଷ୍ଟ କଲା ପୋଲିସ

କନ୍ଧମାଳ,୨।୯ (ନି.ପ୍ର): ଆଜି କନ୍ଧମାଳ ଜିଲ୍ଲା ସଦରମହକୁମା ଫୁଲବାଣୀ ସଦର ଥାନା ଅଂଚଳରେ ଥିବା ଗୁଦାରୀ ଗ୍ରାମ ପଂଚାୟତର ଜଙ୍ଗଲରୁ ଫୁଲବାଣି ସଦରଥାନା ପୋଲସ ଏବଂ ଖଜୁରିପଡା ଥାନା ପୋଲିସ ର ମିଳିତ ଚଢାଉରେ ଜଙ୍ଗଲରେ ଥିବା ପ୍ରାୟ ୧୭ କ୍ୱିଣ୍ଟାଲ ମହୁଲ ମଦ ତିଆରି ପାଇଁ କରାଯାଇଥିବା ପୋଚ ନଷ୍ଟ କରାଯାଇଛି । ଫୁଲବାଣୀ ସଦର ଏସଡିପିଓ ମହେନ୍ଦ୍ର କୁମାର ମୁର୍ମୁଙ୍କ ନେତୃତ୍ୱରେ କରାଯାଇଥିବା ଏହି ଅଭିଯାନରେ ପୋଲିସ କର୍ମଚାରୀ ମାନେ ଜଙ୍ଗଲର ବିଭିନ୍ନ ଯାଗାରେ ଦେଶୀ ମଦ ତିଆରି କରିବାକୁ ପ୍ରସ୍ତୁତ କରୁଥିବା ପୋଚ ଗୁଡିକର ମାଠିଆ ସବୁ ଭାଙ୍ଗି ଥିଲା ପୋଲିସ । ଜିଲ୍ଲାରେ କରୋନା ସଂକ୍ରମଣକୁ ପ୍ରତିହତ କରିବାକୁ ଜାରୀ କରାଯାଇଥିବା ଲକଡାଉନର ସୁଯୋଗରେ ଜିଲ୍ଲାର ବିଭିନ୍ନ ଯାଗାରେ ଲୋକେ ପ୍ରଚୁର ପରିମାଣର ମହୁଲି ମଦ ତିଆରି କରୁଛନ୍ତି । ସେଥିପାଇଁ ପୋଲିସ ମଧ୍ୟ ବ୍ୟାପକ ଚଢାଉରେ ଏହିଭଳି ମଦ ତିଆରି ପାଇଁ ଥିବା ପୋଚ ଏବଂ ବିପୁଳ ପରିମାଣର ମହୁଲ ମଧ୍ୟ ଜବତ କରୁଥିବା ଜଣପଡିଛି । ତେବେ ଆଜିର ଏହି ଚଢାଉରେ କୌଣସି ମାମଲା ରୁଜୁ ହୋଇ ନଥିବା ଏବଂ କେହି ଗିରଫ ମଧ୍ୟ ହୋଇ ନଥିବା ନେଇ ସୁଚନା ଫୁଲବାଣୀ ଏସଡିପିଓ ଦେଇଛନ୍ତି ।

# ଫିରିଙ୍ଗିଆର ବିଶିଷ୍ଟ କ୍ରିଡାବିତ ଲିକୁନ ମିଶ୍ରଙ୍କର ଦେହାନ୍ତ

କନ୍ଧମାଳ,୨।୯ (ନି.ପ୍ର): କନ୍ଧମାଳଜିଲ୍ଲା ଫିରିଙ୍ଗିଆ ଅଂଚଳର ବିଶିଷ୍ଟ ସମାଜସେବୀ ତଥା କ୍ରିଡାବିତ ସୁଜିତ କୁମାର ମିଶ(୩୨)ଙ୍କର ଆଜି ସକାଳୁ ପରଲୋକ ହୋଇଯାଇଛି । ଆଜି ସକାଳ ସକାଳ ୯ଟା ସମୟରେ ସେ ଫିରିଙ୍ଗିଆ ବ୍ଲକ ଛକ ନିକଟରେ ତାଙ୍କ ସ୍କୁଟି ରଖି ଠିଆ ହୋଇଥିବାବେଳେ ହଠାତ ତାଙ୍କର ମୁଣ୍ଡ ମୁଳାଇବା ଫଳରେ ସେ ସେଠାରେ ପଡିଯାଇଥିଲେ । ସ୍ଥାନୀୟ ଲୋକମାନେ ତାଙ୍କୁ ସଙ୍ଗେସଙ୍ଗେ ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଯାଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷିତ କରିଥିଲେ । ଘଟଣା ବିଷୟରେ ଜାଣିବାପରେ ଫିରିଙ୍ଗିଆ ଥାନା ପୋଲିସ ସେଠାରେ ପହଂଚି ଶବକୁ ଜବତ କରିବା ସହିତ ଏକ ଅପମୃତ୍ୟୁ ମାମଲା ୮/୨୦ ରୁଜୁ କରି ଶବକୁ ବ୍ୟବଛେଦ ପାଇଁ ପଠାଇବା ସହିତ ଘଟଣାର ତଦନ୍ତ ଫିରିଙ୍ଗିଆ ଥାନା ଅଧିକାରୀ ପି ଶ୍ୟାମସୁନ୍ଦର ରାଓଙ୍କ ସୁତ୍ରରୁ ଜଣାପଡିଛି ।। ତେବେ ସେ ଏହାପୁର୍ବରୁ ଅସୁସ୍ଥ ଥିବାରୁ ପୂରୀ ଜିଲ୍ଲା ଡାକ୍ତରଖାନାରେ ରହି ଚିକିତ୍ସିତ ହେଉଥିଲେ ସେଠାରୁ ସେ ଅଳ୍ପ ଦିନ ହେଲା ଫେରି ଥିଲେ । ସେ କନ୍ଧମାଳ ଜିଲ୍ଲା ବାଲିଗୁଡା ମାହାସିଙ୍ଗିଠାରେ ଥିବା ଏକଲବ୍ୟ ମଡେଲ ସ୍କୁଲରେ କ୍ରିଡା ଶିକ୍ଷକ ଭାବରେ କାର୍ଯ୍ୟ କରୁଥିଲେ । ସେ ଜଣେ ଭଲ ସ୍ୱେଚ୍ଛାସେବୀ ଭାବରେ ଜିଲ୍ଲାରେ ସୁପରିଚିତ ଥିଲେ । ତାଙ୍କର ଦେହାନ୍ତରେ ଫିରିଙ୍ଗିଆ ସମେତ ଜିଲ୍ଲାର ଅଧିକାଂଶ କ୍ରିଡାବିତ ମହଲରେ ଶୋକର ଛାୟା ଖେଳିଯାଇଛି । ସେ ଅଳ୍ପ ଦିନ ପୁର୍ବେ ବିବାହ କରିଥିଲେ । ସେଥିପାଇଁ ତାଙ୍କର ଶୋକ ସନ୍ତପ୍ତ ପରିବାରକୁ ଅଂଚଳର ଲୋକଙ୍କ ତରଫରୁ ସମବେଦନା ସହିତ ସହାୟତା କରାଯିବାର ଯୋଜନା କରାଯାଉଥିବା ଜଣାପଡିଛି ।

# କରୋନା ସଂକ୍ରମଣ ରୋକିବା ନେଇ ଏନଏସି ଇଓଙ୍କୁ ଦାବୀପତ୍ର

ନୂଆପଡା,୨।୯ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବିଜ୍ଞାପିତ ଅ ଳ ପରିଷଦର ପ୍ରତ୍ୟେକ ୱାର୍ଡରେ କରୋନା ସଂକ୍ରମଣ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଏହାର ପ୍ରତିକାର ପାଇଁ ଯଦି ଦୃଢ ପଦକ୍ଷେପ ନିଆନଯାଏ ତେବେ ଆଗାମୀ ଦିନରେ ସ୍ଥିତି ଭୟାନକ ହେବ । ଏହାକୁ ଦୃଷ୍ଟିରେ ରଖି ଖଡିଆଳ ସ୍ୱୟଂଶକ୍ତି ମହିଳା ସଂଘ ତରଫରୁ ସଭାନେତ୍ରୀ ମମତା ମଞ୍ଜରୀ ଥପାଙ୍କ ନେତୃତ୍ୱରେ ଖଡିଆଳ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ସାହୁଙ୍କୁ ଦାବୀପତ୍ର ପ୍ରଦାନ କରିଛନ୍ତି । ଏହାସହ ନୂଆପଡା ଜିଲ୍ଲାପାଳ ଡ. ମଧୁସ୍ମିତା ସାହୁଙ୍କୁ ମଧ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଜରିଆରେ ଦାବୀପତ୍ର ପ୍ରଦାନ କରାଯାଇଛି । ଦାବୀରେ ଲକ୍‌ଡାଉନ ନିୟମକୁ କଡାକଡି ଭାବରେ ଲାଗୁ କରିବା, ଦୋକାନ ବଜାର ଅପରାହ୍ନ ୧ ଘଂଟାରେ ବନ୍ଦ କରାଯିବା, ପରିବା ବିକାଳି ମାନଙ୍କୁ ରାସ୍ତାକଡରେ ରଖି ୧୦ ଫୁଟ ବ୍ୟବଧାନ ରଖିବା, ଖଡିଆଳ ସହରର ସମସ୍ତ ୱାର୍ଡରେ ପ୍ରାୟ ସଂକ୍ରମଣ ହୋଇ ସାରିଥିବା ବେଳେ ଖଡିଆଳ ଏନଏସିକୁ ୭ ଦିନ ସଟ୍‌ଡାଉନ ରଖିବା ସହ ଅଧିକ ମାତ୍ରାରେ ପରୀକ୍ଷା କରିବା ଭଳି ଦାବୀ ରହିଛି । ଏହି ଦାବୀପତ୍ର ପ୍ରଦାନ ବେଳେ ମହାସଂଘର ସମ୍ପାଦିକା ଚଂଚଳା ନାଗ, ଲକ୍ଷ୍ମୀ ଗହୀର, ଦ୍ରୋପଦି ନାଗ, ହିରାମଣି ଦଣ୍ଡସେନା ପ୍ରମୁଖ ଉପସ୍ଥିତ ଥିଲେ ।

# ଟିକସରେ ସ୍ୱଚ୍ଛତା ଓ ସଚ୍ଚୋଟଙ୍କୁ ସମ୍ମାନ ଶୀର୍ଷକ ୱେବିନାର୍

## କରଦାତାଙ୍କ ସଂଖ୍ୟା ବୃଦ୍ଧି କରିବା ସହ ଆୟକର ପ୍ରଶାସନକୁ ସ୍ୱଚ୍ଛ ଓ ପାରଦର୍ଶୀ କରିବ ନୂତନ ବ୍ୟବସ୍ଥା - ପ୍ରତାପ ଷଡଙ୍ଗୀ




ଭୁବନେଶ୍ୱର,୨।୯ (ନି.ପ୍ର): ଲୋକ ଚରିତ୍ର ମହାନ ହେଲେ ପ୍ରଶାସନିକ କଟକଣା ବା ଆଇନର ଛାଟ ଅନାବଶ୍ୟକ । ଟିକସ ପଇଠ ପାଇଁ ସମର୍ଥ ବ୍ୟକ୍ତି ସ୍ୱେଚ୍ଛାକୃତ ଭାବେ ଆଗେଇ ଆସିବା ଉପରେ କେନ୍ଦ୍ର ପ୍ରାଣୀଧନ, ମତ୍ସ୍ୟ, ଦୁଗ୍ଧ ଉତ୍ପାଦନ ଓ ଏମଏସଏମଇ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଗୁରୁତ୍ୱାରୋପ କରିଛନ୍ତି । ଆଜି ପତ୍ର ସୂଚନା କାର୍ଯ୍ୟାଳୟ, ଭୁବନେଶ୍ୱର (ପିଆଇବି)ପକ୍ଷରୁ ଆୟୋଜିତ ଟିକସରେ ସ୍ୱଚ୍ଛତା ଓ ସଚ୍ଚୋଟଙ୍କୁ ସମ୍ମାନ ଶୀର୍ଷକ ୱେବିନାରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ଷଡଙ୍ଗୀ ଏହା ପ୍ରକାଶ କରିବା ସହ ନୂତନ ଟିକସ ବ୍ୟବସ୍ଥା ଟିକସ ଫାଙ୍କୁଥିବା ବ୍ୟକ୍ତିଙ୍କୁ ଠାବ କରିବାରେ ବେଶ ସହାୟକ ହେବ ବୋଲି କହିଛନ୍ତି । ଏହି ନୂତନ ବ୍ୟବସ୍ଥା ଦେଶରେ କରଦାତାଙ୍କ ସଂଖ୍ୟା ବୃଦ୍ଧି କରିବା ସହ ଆୟକର ପ୍ରଶାସନକୁ ସ୍ୱଚ୍ଛ, ସୁଗମ ଓ ପାରଦର୍ଶୀ କରିବ ବୋଲି ଶ୍ରୀ ଷଡଙ୍ଗୀ କହିଛନ୍ତି । ତେବେ ବିଜ୍ଞାନ ସମ୍ମତ ଡିଜିଟାଲ ବ୍ୟବସ୍ଥା କୌଣସି ବ୍ୟକ୍ତିକୁ ସଚ୍ଚୋଟ କରିପାରିବ ନାହିଁ ବରଂ ସ୍ୱେଚ୍ଛାକୃତ ଭାବେ କର ପଇଠ କରି ଜଣେ ନିଜକୁ ଦାୟିତ୍ୱବାନ ନାଗରିକ ଭାବେ ଗଢ଼ି ତୋଳିବା ସହ ଦେଶର ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେଇପାରିବ ବୋଲି ସେ କହିଛନ୍ତି । ଏହି ୱେବିନାରରେ ଅଂଶଗ୍ରହଣ କରି ରାଜ୍ୟ ପ୍ରଧାନ ମୁଖ୍ୟ ଆୟକର ଆୟୁକ୍ତ ଶ୍ରୀ ପ୍ରଣବ କୁମାର ଦାସ କହିଲେ, ଆୟକର ପ୍ରଶାସନ କଳାଧନ ରୋକିବାରେ ବିଶେଷ ଧ୍ୟାନ ଦେଉଛି । ଡିଜିଟାଲ କର ନିର୍ଦ୍ଧାରଣ ବ୍ୟବସ୍ଥା ଯୋଗୁଁ ସମସ୍ତ ବ୍ୟବସ୍ଥା ସ୍ୱୟଂକ୍ରିୟ ହୋଇପାରିବ । ଏହା ଟିକସ ପ୍ରଶାସନ ଓ କରଦାତା ମଧ୍ୟରେ ସହଯୋଗକୁ ଅଧିକ ସୁଦୃଢ଼ କରିବ ବୋଲି ସେ କହିଛନ୍ତି । ଏଥିରେ ଅଂଶଗ୍ରହଣ କରି ଉତ୍କଳ ଶିଳ୍ପ ବାଣିଜ୍ୟ ମହାସଂଘ ଉପାଧକ୍ଷ ଶ୍ରୀ ଅଶୋକ କୁମାର ଶାରଦା କହିଛନ୍ତି, ନୂତନ ଟିକସ ବ୍ୟବସ୍ଥା ଇଜ ଅଫ ଡୁଇଂ ବିଜିନେସରେ ବିଶେଷ ଭାବେ ସହାୟକ ହେବ । ଏହି ବ୍ୟବସ୍ଥାକୁ ସେ ବାଣିଜ୍ୟ ମହାସଂଘ ତରଫରୁ ସ୍ୱାଗତ କରିଥିଲେ । ଏଥିରେ ଅଂଶଗ୍ରହଣ କରି ସୁନାମଧନ୍ୟ ଚାଟାର୍ଡ ଆକାଉଂଟାଂଟ ଶ୍ରୀ ଅରୁଣ କୁମାର ସାବତ ନିଜର ଆୟ ନ ଲୁଚାଇ ଟିକସ ବ୍ୟବସ୍ଥାର ଆଇନ ପଦ୍ଧତି ଅନୁସରଣ କରି ସଚ୍ଚୋଟ ନାଗରିକର କର୍ତବ୍ୟ ପାଳନ ପୂର୍ବକ ଆବଶ୍ୟକ ଟିକସ ପଇଠ କରି ଅଯଥା ମନସ୍ତାପରୁ ନିସ୍ତାର ପାଇବା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଭୁବନେଶ୍ୱର ପତ୍ର ସୂଚନା କାର୍ଯ୍ୟାଳୟ ଅତିରିକ୍ତ ମହାନିର୍ଦ୍ଦେଶକ ଶ୍ରୀ ଶୈଳେଶ କୁମାର ମାଲବ୍ୟ ଦେଶ ବର୍ତ୍ତମାନ ପରିସ୍ଥିତିରେ କିପରି ଏକ ସ୍ୱାସ୍ଥ୍ୟ ସମସ୍ୟା ଓ ଜୀବିକା ସମସ୍ୟା ସହ ମୁକାବିଲା କରୁଛି ସେ ସମ୍ପର୍କରେ ସୂଚନା ଦେଇଥିଲେ । ଏଭଳି ପରିସ୍ଥିତିରେ ନୂତନ କର ବ୍ୟବସ୍ଥା କରଦାତାମାନଙ୍କୁ ବିଶେଷ ସହାୟକ ହେବ ବୋଲି ଶ୍ରୀ ମାଲବ୍ୟ ମତ ବ୍ୟକ୍ତ କରିଥିଲେ । ଭୁବନେଶ୍ୱର ପତ୍ର ସୂଚନା କାର୍ଯ୍ୟାଳୟ ଗଣ ଯୋଗାଯୋଗ ଅଧିକାରୀ ଶ୍ରୀ ପ୍ରଦୀପ କୁମାର ଚୌଧୁରୀ ୱେବିନାର ପରିଚାଳନା କରିଥିଲେ । ୱେବିନାରରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଓଡିଶା ପ୍ରାନ୍ତର ବିଭିନ୍ନ ଅଧିକାରୀ, ଉଦ୍ୟୋଗୀ, ବ୍ୟବସାୟୀ, ଚାଟାର୍ଡ ଆକାଉଂଟାଂଟ, ଛାତ୍ରଛାତ୍ରୀ ଓ ବୁଦ୍ଧିଜୀବି ଯୋଗ ଦେଇଥିଲେ ।

# ଜଗନ୍ନାଥ ଡିଗ୍ରୀ କଲେଜରେ ଜାତୀୟସ୍ତରୀୟ ୱେବିନର ଆୟୋଜିତ

ଜଳେଶ୍ୱର,୨।୯ (ନି.ପ୍ର): ସମଗ୍ର ବିଶ୍ୱରେ କରୋନା ମହାମାରୀ ତାର କାୟା ବିସ୍ତାର କରି ଚାଲିଥିବା ବେଳେ ଏ ସଂପର୍କରେ ସଚେତନ କରିବାଲାଗି ଜଳେଶ୍ୱର ଡିଗ୍ରୀ କଲେଜର ରାଜନିତୀ ବିଜ୍ଞାନ ପକ୍ଷରୁ ଏକ ଜାତୀୟ ସ୍ତର ୱେବିନର କଲେଜ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । କୋଭିଡ୍-୧୯ ଏଣ୍ଡ ଇଣ୍ଡିଆ ରେସ୍‌ପନ୍‌ସ୍ ସନ୍ଦର୍ଭ ଆଲୋଚନା ବେଳେ ଅଧ୍ୟକ୍ଷା ଜ୍ୟୋତ୍ସ୍ନା ଘୋଷ ଅଧ୍ୟକ୍ଷତା କରିଥିଲେ । ଏହି ଡିଜିଟାଲ ପ୍ଲାଟଫର୍ମରେ ଗୁଜୁରାଟସ୍ଥିତ କେନ୍ଦ୍ରିୟ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ଅତନୁ ମହାପାତ୍ର ଯୋଗ ଦେଇ ଭାରତର କୋଭିଡ୍-୧୯ର ସୁପରିଚାଳନା ଓ ସରକାରଙ୍କ ଦାୟିତ୍ୱ ସମ୍ପର୍କରେ କହିଥିଲେ । ଫକିର ମୋହନ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ରାଜଶ୍ରୀ ଦତ୍ତ ଜନତା କର୍ଫ୍ୟୁ, ଆତ୍ମନିର୍ଭର ଭାରତ ଓ ଟ୍ରେସିଂ, ଟେଷ୍ଟି ଓ ଟ୍ରିଟମେଣ୍ଟ ବିଷୟରେ ଆଲୋଚନା କରିଥିଲେ । ଗୁଜୁରାଟର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସହକାରୀ ପ୍ରଫେସର ଡଢ. ଶିବ ଶଂକର ମହାନ୍ତି, ଫକିର ମୋହନ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ରାମକୃଷ୍ଣ ପ୍ରଧାନ, ବନ୍ଦେ ଭାରତ ମିଶନର ପବ୍ଲିକ ଏଡମିନିଷ୍ଟ୍ରେସନ ଡ. ଶ୍ୟାମସୁନ୍ଦର ୱାଗମାରେ ପ୍ରମୁଖ ଏହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ସେମାନଙ୍କ ବ୍ୟତିତ ଶ୍ରୀ ବିଶ୍ୱବିଦ୍ୟାଳୟର ସହାୟକ ପ୍ରଫେସର ଡ., କମଳାକାନ୍ତ ଦାସ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମନ୍ୱୟ ସଂପର୍କରେ କହିଥିଲେ । ମହାବିଦ୍ୟାଳୟର ରାଜନିତୀବିଜ୍ଞାନର ମୁଖ୍ୟ ଶ୍ରବଣ କୁମାର ନାଥ ଏହି ୱେବିନର ସଂପାଦକ କାର୍ଯ୍ୟ ତୁଲାଇଥିବା ବେଳେ ରଣଜିତ୍ କୁମାର ବେହେରା, ସରୋଜ କୁମାର ମହାନ୍ତି, ନିଶ୍ଚଳ କୁମାର ଘଡେଇ ପରିଚାଳନା କରିଥିଲେ ।

# କାର୍ଯ୍ୟକ୍ଷମ ହେଲା ଜିଲ୍ଲା ସୈନିକ ବୋର୍ଡ଼ ଅଫିସ

ବାଲେଶ୍ୱର,୨।୯ (ନି.ପ୍ର) :ବାଲେଶ୍ୱର ଜିଲ୍ଲା ପ୍ରଶାସନ ଓ ନିର୍ବାଚିତ ଲୋକ ପ୍ରତିନିଧିଙ୍କ ସହଯୋଗରୁ ବନ୍ଦ ହୋଇଥିବା ଜିଲ୍ଲା ସୈନିକ ବୋର୍ଡ଼ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହେବାକୁ ନେଇ ବୋର୍ଡ଼ର କର୍ମକର୍ତ୍ତା ଓ ସଦସ୍ୟମନେ ସନ୍ତୋଷ ପ୍ରକାଶ କରିଛନ୍ତି । ସେକ୍ରେଟାରୀ ଏବଂ କିରାଣୀ ନଥିବା କାରଣରୁ ଗତ କିଛିମାସ ଧରି ପୂର୍ବତନ ସୈନିକ ସଂଘ ଏକପ୍ରକାର ବନ୍ଦ ହୋଇଯାଇଥିଲା । ଏହାକୁ କାର୍ଯ୍ୟକ୍ଷମ କରାଇବା ପାଇଁ ସଂଘର ବାଲେଶ୍ୱର ଶାଖା ପକ୍ଷରୁ ବହୁତ ଉଦ୍ୟମ କରାଯାଇଥିଲା । କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ଏନେଇ ଏକ ସ୍ମାରକପତ୍ର ପ୍ରଦାନ ସହ ସଂଘର କର୍ମକର୍ତ୍ତାମାନେ ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ । ଏଥି ସହିତ ରାଜ୍ୟ ମହାସଚିବ ଓ ବାଲେଶ୍ୱର ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ ମଧ୍ୟ କରାଯାଇଥିଲା । ଶେଷରେ ସମସ୍ତଙ୍କ ହସ୍ତକ୍ଷେପ ଫଳରେ ବାଲେଶ୍ୱରର ଡେପୁଟି କଲେକ୍ଟର ସ୍ନିଗ୍ଧା ଛାୟା ମହାପାତ୍ରଙ୍କୁ ସୈନିକ ବୋର୍ଡ଼ର ସେକ୍ରେଟାରୀ ଭାବେ ଅବସ୍ଥାପନ କରାଯିବା ସହ ସୁବୋଦାର ଏ.ଜେ. ସାହୁ (ଅବସରପ୍ରାପ୍ତ) କିରାଣୀ ରୂପେ କାର୍ଯ୍ୟ କରିବାକୁ ନିଷ୍ପତି ନିଆଯାଇଥିଲା । ଏହିକ୍ରମରେ ଡେପୁଟି କଲେକ୍ଟର ଶ୍ରୀମତୀ ମହାପାତ୍ର ଆଜି ସୈନିକ ବୋର୍ଡ଼ରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ସଂଘ କାର୍ଯ୍ୟାଳୟ କାର୍ଯ୍ୟକ୍ଷମକୁ ନେଇ ପୂର୍ବତନ ସୈନିକ ସଂଘର ଉପସଭାପତି ଅନନ୍ତ ଦାସ, ସଂପାଦକ ଆନନ୍ଦ ବରାଳ ଏବଂ ସଦସ୍ୟ ଶ୍ରୀଧର ସାହୁ ସେକ୍ରେଟାରୀଙ୍କୁ ସ୍ୱାଗତ ଜଣାଇଥିଲେ ଏବଂ ନାନାପ୍ରକାର ସମସ୍ୟା ବିଷୟରେ ଅବଗତ କରାଇଛନ୍ତି ।

# କୋବିଡ ଗାଇଡଲାଇନ ଉଲ୍ଲଂଘନ ପାଇଁ ଗତ ୨୪ ଘଂଟାରେ ୫ଟି ମାମଲା ରୁଜୁ

ଭୁବନେଶ୍ୱର,୨।୯ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ କୋବିଡ ଗାଇଡଲାଇନ ଉଲ୍ଲଂଘନ ପାଇଁ ୫ଟି ମାମଲା ରୁଜୁ କରା ଯାଇଛି । ଏଥି ମଧ୍ୟରୁ ୪ଟି ମାମଲା କୋବିଡ ଗାଇଡଲାଇନ ଉଲ୍ଲଂଘନ ସମ୍ପର୍କିତ ହୋଇଥିବା ବେଳେ ଗୋଟିଏ ଅନ୍ୟ ମାମଲା ବୋଲି ସୂଚନା ଦିଆ ଯାଇଛି । ରାଜ୍ୟ ପୋଲିସ ପକ୍ଷରୁ ଟ୍ୱିଟ କରି ଏହି ସୂଚନା ଦିଆ ଯାଇଛି ।

# ମୁନିଗୁଡାରେ ୩ ଦିନ ସଟ୍ ଡାଉନ୍ ଘୋଷଣା

ଗୁଣୁପୁର ,୨।୯ (ନି.ପ୍ର): ରାୟଗଡ଼ା ଜିଲ୍ଲା ଗୁଣୁପୁର ଉପଖଣ୍ଡ ମୁନିଗୁଡାରେ କରୋନାର ପ୍ରାଦୁର୍ଭାବ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଏଥିରେ ସଙ୍କ୍ରମିତ ହୋଇ ଅନେକଙ୍କ ମୃତ୍ୟୁ ଘଟୁଛି ବୋଲି ସାଧାରଣରେ ବିଶ୍ୱାଶ ଦୃଢ଼ୀଭୂତ ହେଉଛି । ପୂର୍ବରୁ କିଛି ରୋଗ ନଥାଇ ମଧରେ ଆଠ ଜଣଙ୍କ ମୃତ୍ୟୁ ଘଟିଲାଣି । ଏହି ୫ ଦିନ ମଧରେ ଗୋଟିଏ ପରିବାରରୁ ପ୍ରଥମେ ବାପା ଓ ଠିକ୍ ତାର ୪ ଦିନ ରେ ତାଙ୍କର ଦୁଇ ଯୁବ ବ୍ୟବସାୟୀ ପୁତ୍ର ଗୋଟିଏ ଦିନରେ ଜଣେ ଭୁବନେଶ୍ୱର ସ୍ଥିତ ଏକ ହସ୍ପିଟାଲ୍‌ରେ ଠିକ୍ ସକାଳ ୮.୩୦ ରେ ମୃତ୍ୟୁ ବରଣ କରିଥିଲେ ଏବଂ ଅନ୍ୟ ଏକ ଭାଇ ଦିନ ୧୧.୩୦ ସମୟରେ ବ୍ରହ୍ମପୁର ସ୍ଥିତ ଏକ ପ୍ରାଇଭେଟ୍ ମେଡିକାଲ୍ ରେ ମୃତ୍ୟୁ ବରଣ କରିଥିଲେ । ଏହି ଘଟଣା ପରେ ମୁନିଗୁଡା ବାସୀ ପୁରା ଭୟଭୀତ ହୋଇ ଯାଇଛନ୍ତି । ପୁରା ସହର ଶୁନ ସାନ୍ ହୋଇଯାଇଛି । ଆଶଙ୍କା ଭିତରେ ମୁନିଗୁଡା ଡହଳ ବିକଳ ହେଉଥିବା ବେଳେ କିଛି ଅମାନିଆ ମାନଙ୍କ ଦାୟିତ୍ୱ ହୀନତା ସଭିଙ୍କୁ କରୋନାର କରାଳତା ମଧକୁ ଠେଲି ଦେଉଛି । ହେଲେ ସେମାନଙ୍କ ମନରେ ଏ ନେଇ କିଛି ପ୍ରତିକ୍ରିୟା ସୃଷ୍ଟି ହେଉନାହିଁ । ଯାହାଫଳରେ ସ୍ଥିତି ଅଣାୟତ ହେବାରୁ ବାଧ ହୋଇ ମୁନିଗୁଡା ସରପଞ୍ଚ ଶ୍ରୀ ଜାଗା ଶବର ଆଜି ଠାରୁ ଠାରୁ ତା ୪ ତାରିଖ ଶୁକ୍ରବାର ପର୍ଯ୍ୟନ୍ତ ମୁନିଗୁଡା ପଞ୍ଚାୟତ ଅଞ୍ଚଳରେ ସଟ୍ ଡାଉନ ଘୋଷଣା କରିଛନ୍ତି । ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ, ସରକାରୀ, ବେସରକାରୀ କାର୍ଯ୍ୟାଳୟ, ଯାତ୍ରୀ ପରିବହନ ବନ୍ଦ ରହିବା ସହ ଜନସାଧାରଣଙ୍କର ଅତି ଜରୁରୀ କାର୍ଯ୍ୟ ନଥିଲେ ବାହାରକୁ ନ ବାହାରିବାକୁ ପରାମର୍ଶ ଦିଆଯାଇଛି । ସରକାରଙ୍କର କୋଭିଡି ୧୯ ର ନିୟମ ମାନି ଚଳିଲେ କରୋନା ଆମଠାରୁ ଦୂରେଇ ଯିବାର ଯଥେଷ୍ଟ ସମ୍ଭାବନା ରହିଛି । ଏହି ନିୟମକୁ ଦୃଢ଼ତାର ସହିତ ପାଳନ କରିବାକୁ ମୁନିଗୁଡା ପ୍ରେସ୍ କ୍ଲବ,ମୁନିଗୁଡା ପ୍ରେସ ୟୁନିୟନ,ଓ ସାମ୍ବାଦିକ ସଂଘ ସହ ମୁନିଗୁଡା ପୋଲିସ ପ୍ରଶାସନ ତରଫରୁ ମୁନିଗୁଡା ଜନସାଧାରଣଙ୍କୁ ଅନୁରୋଧ କରାଯାଉଛି । ଘରେ ରୁହନ୍ତୁ ସୁସ୍ଥ ରୁହନ୍ତୁ ପରିବାରଙ୍କୁ ସୁସ୍ଥ ରଖିବା ସହ ସଂକ୍ରମଣକୁ ପରାଜିତ କରନ୍ତୁ ବୋଲି ସର୍ବସାଧାରଣଙ୍କୁ ସଚେତନ କରାଯାଇଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଏଣିକି ସବୁ ବିଶ୍ୱ...

ଏହାର ବାର୍ଷିକ ସମୀକ୍ଷା ରିପୋର୍ଟ ବିଧାନସଭାରେ ଉପସ୍ଥାପନ କରିବା କଷ୍ଟସାଧ୍ୟ । ତେଣୁ ବିଶ୍ୱବିଦ୍ୟାଳୟଗୁଡିକ ସେମାନଙ୍କର ବାର୍ଷିକ ରିପୋର୍ଟ ନିଜ ନିଜ ୱେବସାଇଟ୍ ମାଧ୍ୟମରେ ୩ ବର୍ଷ ପାଇଁ ଉପଲବ୍ଧ କରାଇବେ । ଅନ୍ୟପକ୍ଷରେ ରାଜ୍ୟ କ୍ୟାବିନେଟ ଆଇନ ବିଭାଗର ଏକ ପ୍ରସ୍ତାବକୁ ମଧ ଗୃହୀତ କରିଛନ୍ତି । ଆଇନଜୀବୀ ମଙ୍ଗଳ ପାଣ୍ଠିରୁ ବାର କାଉନ୍‌ସିଲର ଅନୁମୋଦନ କ୍ରମେ କୋଭିଡ୍ ସହାୟତା ଯୋଗାଇ ଦେବାର ବ୍ୟବସ୍ଥା ଉପରେ ମୋହର ଲଗାଇଛନ୍ତି କ୍ୟାବିନେଟ ।

## ପୁରୀ ବେଳାଭୂମି ...

ବିଶୁଦ୍ଧ ପାନୀୟ ଜଳ, ୱାଚ୍ ଟାୱାରର ବ୍ୟବସ୍ଥା ସହ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ସିସି ଟିଭି, ଲାଇଫଗାର୍ଡ ଓ ସୁରକ୍ଷାକର୍ମୀଙ୍କୁ ମଧ ମୁତୟନ କରାଯାଇଛି । ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ସୌରଶକ୍ତିର ଉପଯୋଗ କରାଯିବା ସହ ଜୈବ ଆବର୍ଜନାର ବ୍ୟବହାର କରାଯାଉଛି । ଏହି ବିଶ୍ୱସ୍ତରୀୟ ସୁବିଧା ହେବା ଦ୍ୱାରା ପୁରୀରେ ପର୍ଯ୍ୟଟନ କ୍ଷେତ୍ରରେ ବୃଦ୍ଧି ପରିଲିକ୍ଷିତ ହେବ ଏବଂ ଆନ୍ତର୍ଜାତିକ ପର୍ଯ୍ୟଟକମାନଙ୍କୁ ଆହୁରି ଅଧିକ ଆକୃଷ୍ଟ କରିବ ବୋଲି କେନ୍ଦ୍ରମନ୍ତ୍ରୀ ଟ୍ୱିଟ୍ କରି କହିଛନ୍ତି ।

## ଏଣିକି ସବୁ ବିଶ...

ସେପ୍ଟେମ୍ବର ୩୦ ତାରିଖ ମଧରେ ସମସ୍ତ ପରୀକ୍ଷା ଶେଷ କରିବାକୁ ହେଲେ ଗୋଟିଏ ଦିନରେ ଏକାଧିକ ପରୀକ୍ଷା କରିବାକୁ ପଡ଼ିବ । ଗୋଟିଏ ଦିନରେ ଏକାଧିକ ପରୀକ୍ଷା ହେଲେ ଏକ ସାଙ୍ଗରେ ଅନେକ ଛାତ୍ରଛାତ୍ରୀଙ୍କ ସମାଗମ ହେବ ଏବଂ ଏପରି ସ୍ଥିତିରେ କୋଭିଡ୍-୧୯ ମାର୍ଗଦର୍ଶିକା ଅନୁପାଳନରେ ସମସ୍ୟା ଦେଖାଦେବ । ଏପରି ସ୍ଥିତିରେ ସେପ୍ଟେମ୍ବର ୩୦ ତାରିଖ ଧାର୍ଯ୍ୟ ସମୟସୀମାକୁ ୧୦ ଦିନ ବୃଦ୍ଧି କରିବା ପାଇଁ ବୈଠକରେ କୁଳପତିମାନେ ଅନୁରୋଧ କରିଥିଲେ । ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ଥିତିର ସମୀକ୍ଷା କରାଯାଇଥିଲା । କୋଭିଡ୍-୧୯ ସ୍ଥିତି ଯେପରି ଗୁରୁତର ନହୁଏ, ସେଥି ନିମନ୍ତେ ରାଜ୍ୟ ସରକାର ୟୁଜି ଓ ପିଜି ଶେଷବର୍ଷ ଫାଇନାଲ୍ ସେମିଷ୍ଟାର ପରୀକ୍ଷାକୁ ସୁବ୍ୟବସ୍ଥିତ ଭାବରେ କରାଯିବା ଉପରେ ଗୁରୁତ୍ୱ ଦେଇଛନ୍ତି । ଯେପରି ଗୋଟିଏ ଦିନରେ ଅଧିକ ସଂଖ୍ୟାରେ ଛାତ୍ରଛାତ୍ରୀଙ୍କୁ ଏକ ସଂଗରେ ପରୀକ୍ଷା କେନ୍ଦ୍ରକୁ ଆସିବାକୁ ପଡ଼ିବ ନାହିଁ ଏବଂ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ପକ୍ଷରୁ ପରୀକ୍ଷା କେନ୍ଦ୍ରଗୁଡ଼ିକର ଠିକ୍ ଭାବରେ ସାନିଟାଇଜ୍ କରିବା ନିମନ୍ତେ ଅନ୍ତତଃ ପକ୍ଷେ ଗୋଟିଏ ଦିନ ଲେଖାଏଁ ବ୍ୟବଧାନ ପାଇବେ ସେଥି ନିମନ୍ତେ ସମୟସୀମା ବୃଦ୍ଧିର ଆବଶ୍ୟକତା ରହିଛି । ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଆଇନ ଅନୁସାରେ ୟୁଜି ଓ ପିଜି ଶେଷବର୍ଷ/ଫାଇନାଲ୍ ସେମିଷ୍ଟାର ପରୀକ୍ଷାର ସମୟସୀମା ସେପ୍ଟେମ୍ବର ୩୦ରୁ ଅକ୍ଟୋବର ୧୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି ନିମନ୍ତେ ୟୁଜିସି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିବା ପାଇଁ ନିଷ୍ପତି ନିଆଯାଇଥିଲା ।

## ରାଜ୍ୟରେ ଆଉ ୧୧ ଜଣଙ୍କର...

ଉଚ୍ଚ ରକ୍ତଚାପ ରୋଗରେ ପୀଡିତ ଥିଲେ। ଭୁବନେଶ୍ୱର ଜଣେ ୬୨ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି । । ସେ ମଧୁମେହ ଓ ଉଚ୍ଚ ରକ୍ତଚାପ ରୋଗରେ ପୀଡିତ ଥିଲେ। ଭୁବନେଶ୍ୱରର ଜଣେ ୫୭ ବର୍ଷୀୟା ମହିଳା କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । । ସେ ମଧୁମେହ ଓ ଉଚ୍ଚ ରକ୍ତଚାପ ଓ ଅନ୍ୟ ରୋଗରେ ପୀଡିତ ଥିଲେ। ଗଂଜାମ ଜିଲ୍ଲାର ଜଣେ ୫୬ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କର ମଧ୍ୟ ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସେ ମ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ । ଗଂଜାମ ଜିଲ୍ଲାର ଜଣେ ୬୩ ବର୍ଷୀୟା ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଗଂଜାମ ଜିଲ୍ଲାର ଜଣେ ୩୫ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ଜଗତସିଂହପୁର ଜିଲ୍ଲାର ଜଣେ ୯୦ ବର୍ଷୀୟା ପୁରୁଷ କରୋନା ଆକ୍ରାନ୍ତ ଙ୍କର ମୃତ୍ୟୁ ଘଟିଛି । ସେ ଉଚ୍ଚ ରକ୍ତଚାପ ରୋଗରେ ପୀଡିତ ଥିଲେ । ପୁରୀ ଜିଲ୍ଲାର ଜଣେ ୫୨ ବର୍ଷୀୟ ପୁରଷଙ୍କର ମୃତ୍ୟୁ ଘଟିଛି । ସେ ମଧ୍ୟ ଉଚ୍ଚ ରକ୍ତଚାପ ରୋଗରେ ପୀଡିତ ଥିଲେ । । ରାୟଗଡା ଜିଲ୍ଲାର ଜଣେ ୬୪ ବର୍ଷୀୟ ପୁରୁଷ ମୃତ୍ୟୁ ବରଣ କରିଛନ୍ତି । ସେ ଉଚ୍ଚ ରକ୍ତଚାପ ଓ ଆମେନିଆ ରୋଗରେ ପୀଡିତ ଥିଲେ । ସମ୍ବଲପୁର ଜିଲ୍ଲାର ଜଣେ ୫୮ ବର୍ଷୀୟା ମହିଳା ମୃତ୍ୟୁବରଣ କରିଛନ୍ତି ।

## ଚାଷୀଙ୍କୁ ଯୋଗାଇ...

୯ ହଜାର ୯୬୫ କୋଟି ଟଙ୍କା କୃଷି ଋଣ ଯୋଗାଇ ଦିଆଯାଇଛି । କୋପରେଟିଭ ସୋସାଇଟି ମାଧମରେ ଏହା ଅଧିକାଂଶ ଦିଆଯାଇଛି । ବ୍ୟବସାୟିକ ବ୍ୟାଙ୍କ ମାଧମରେ ମଧ ଚାଷୀ ଋଣ ନେଉଛନ୍ତି । ସେପଟେମ୍ବର ୩୦ ଯାଏଁ ଚାଷୀଙ୍କୁ ଋଣ ଯୋଗାଇ ଦିଆଯିବ । ଚାଷୀମାନେ ଧାନ ସହିତ ଅନ୍ୟ ଫସଲ ଯଥା କପା, ରାଶି, ଝୋଟ, ତୈଳମଂଜି, ଡାଲି ଜାତୀୟ ଫସଲ ପାଇଁ ପ୍ରୋତ୍ସାହନ ପାଇପାରିବେ । 'ଆମ କୃଷି'ରେ ଏପର୍ଯ୍ୟନ୍ତ ୯ ଲକ୍ଷ ଚାଷୀ ସେମାନଙ୍କର ନାମ ପଂଜିକୃତ କରିଛନ୍ତି । ଚାଷୀମାନଙ୍କ ପାଇଁ ସହଜ ହେଲ୍ ପଲାଇନ ନମ୍ବର (୧୫୫୩୩୩) ଜାରି କରାଯାଇଛି । ଏହି ନମ୍ବରରେ ଚାଷୀ କଲ କରି ଚାଷ ସଂପର୍କିତ ବିଭିନ୍ନ ତଥ୍ୟ ହାସଲ କରିପାରିବେ । ୨୪ ଘଂଟା ମଧରେ ସେମାନଙ୍କୁ ସୂଚନା ଦିଆଯିବ । ପ୍ରତି ମାସରେ ୩୦ ହଜାର କଲ ଆସୁଛି । ଏଗ୍ରି ଆକଷ୍ଟେସନ ଆପ୍‌ରେ ଚାଷୀ ସଂପର୍କିତ ତଥ୍ୟ ମିଳିପାରୁଛି । ଏହି ଆଧାରରେ ଆମେ ମାସିକ ରିପୋର୍ଟ ପ୍ରସ୍ତୁତ କରୁଛୁ । ଚାଷୀମାନେ କ'ଣ ପାଉଛନ୍ତି, ତାହା ଆମକୁ ଖୁବ ଶୀଘ୍ର ଜଣାପଡୁଛି । ତୃଣମୂଳ ସ୍ତରରେ ପ୍ରଥମ ଓ ତୃତୀୟ ଶନିବାର ଅଧିକାରୀମାନେ ବସି କୃଷି ସଂପର୍କିତ ବୈଠକ କରୁଛନ୍ତି । ରାଜ୍ୟର ପ୍ରାୟ ୭୦୦୦ ପଂଚାୟରେ ୧୦୦ ଜଣ ଲେଖାଏଁ ଚାଷୀଙ୍କୁ ନେଇ ହ୍ୱାଟସ୍‌ଆପ ଗ୍ରୁପ କରାଯାଇଛି । ସେମାନଙ୍କୁ ଚାଷ ସଂପର୍କିତ ତଥ୍ୟ ଦିଆଯାଉଛି । ସେହିପରି କାଳିଆ ଯୋଜନାରେ ଲାଭ ପାଇବା ପାଇଁ ପୋର୍ଟାଲ ବ୍ୟବସ୍ଥା କରାଯାଇଛି । ପୋର୍ଟାଲରେ ଚାଷୀ ସେମାନଙ୍କ ଆବେଦନ ସ୍ଥିତି ଜାଣିପାରିବେ । ରାଜ୍ୟର ୫୫ ଲକ୍ଷ ଚାଷୀ ଯୋଗ୍ୟ ବିବେଚିତ ହୋଇଛନ୍ତି । ସେମାନେ ପ୍ରୋତ୍ସାହନ ପାଇପାରିବେ । ବଳରାମ ଯୋଜନାରେ ଭାଗଚାଷୀ ଓ ଭୂମିହୀନ ଚାଷୀ ଉପକୃତ ହେବେ ବୋଲି ଶ୍ରୀ ଗର୍ଗ କହିଛନ୍ତି ।

## ୨୪ ଘଂଟାରେ...

୪୯୩ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଯାଜପୁରରୁ ୨୧୩ ଜଣ, ଗଂଜାମରୁ ୨୦୯ ଜଣ, ରାୟଗଡ଼ାରୁ ୧୮୫ ଜଣ, ସମ୍ବଲପୁରରୁ ୧୭୨ ଜଣ, କେରାପୁଟରୁ ୧୪୯ ଜଣ, ପୁରୀରୁ ୧୨୮ ଜଣ, ନୟାଗଡ଼ରୁ ୧୨୫ ଜଣ ଓ ମୟୂରଭଂଜରୁ ୧୦୪ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । କେନ୍ଦୁଝର ଜିଲ୍ଲାରୁ ୯୦ ଜଣ, ସୁନ୍ଦରଗଡ଼ରୁ ୮୭ ଜଣ, ଅନୁଗୁଳରୁ ୮୦ ଜଣ, ବାଲେଶ୍ୱରରୁ ୭୯ ଜଣ, ମାଲକାନଗିରିରୁ ୭୬ ଜଣ, କନ୍ଧମାଳରୁ ୫୫ ଜଣ, ଭଦ୍ରକ, ଜଗତସିଂହପୁରରୁ ୪୯-୪୯ ଜଣ, ବଲାଙ୍ଗୀରରୁ ୪୭ ଜଣ, ଗଜପତିରୁ ୩୭ ଜଣ, ବରଗଡ଼, ନୂଆପଡ଼ାରୁ ୩୫-୩୫ ଜଣ, ନବରଂଗପୁରରୁ ୩୪ ଜଣ, ଢେଙ୍କାନାଳରୁ ୩୨ ଜଣ, କେନ୍ଦ୍ରାପଡ଼ାରୁ ୩୦ ଜଣ, ସୁବର୍ଣ୍ଣପୁରରୁ ୨୫ ଜଣ, କଳାହାଣ୍ଡିରୁ ୧୪ ଜଣ, ଝାରସୁଗୁଡ଼ାରୁ ୧୩ ଜଣ ଓ ଦେବଗଡ଼ରୁ ୮ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ।

# ଜେଇ ଏଂଟ୍ରାନ୍ସ ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କୁ ଓଡିଶା ମୋ ପରିବାର ପକ୍ଷରୁ ସାହାଯ୍ୟ

ନୀଳଗିରି,୨।୯ (ନି.ପ୍ର): ନୀଳଗିରି ରେ ଜେଇଏଂଟ୍ରାନ୍ସ ଦେବା ପାଇଁ ଆସୁଥିବା ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କ ପାଇଁ ଓଡିଶା ମୋ ପରିବାର ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ଓଡିଶା ମୋ ପରିବାର ପକ୍ଷରୁ ମାଗଣା ପରିବହନ ବ୍ୟବସ୍ଥା ସହ ସ୍ୱେଚ୍ଛାସେବୀମାନେ ଛାତ୍ରଛାତ୍ରୀ ଏବଂ ସେମାନଙ୍କ ର ଅଭିଭାବକଙ୍କ ର ଯେଭଳି କୌଣସି ଅସୁବିଧା ନହୁଏ ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇଛନ୍ତି । ପରୀକ୍ଷା କେନ୍ଦ୍ର ଆଗରେ ହେଲ୍ପଡେସ୍କ ର ବ୍ୟବସ୍ଥା ମଧ୍ୟ କରାଯାଇଛି । ସ୍ୱେଚ୍ଛାସେବୀମାନେ ଛାତ୍ରଛାତ୍ରୀମାନଙ୍କୁ ପ୍ରଥମେ ସାନିଟାଇଜର, ବିସ୍କୁଟ, ପାଣି ବୋତଲର ବ୍ୟବସ୍ଥା କରିଥିଲେ । ମୋ ପରିବାର ର ସଦସ୍ୟମାନେ ସକାଳ ୭ ରୁସନ୍ଧ୍ୟା ୬ ଟା ୩୦ ଘଟିକା ପର୍ଯ୍ୟନ୍ତ ସେଠାରେ ଉପସ୍ଥିତ ରହି ସହଯୋଗ କରୁଛନ୍ତି । ଉକ୍ତ କାର୍ଯ୍ୟକ୍ରମ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବାଲେଶ୍ୱର ବିଜେଡି ଜିଲ୍ଲା ସଭାପତି ରବିନ୍ଦ୍ର କୁମାର ଜେନା ଓ ବାଲେଶ୍ୱର ଓଡିଶା ମୋ ପରିବାର ସଂଯୋଜକ ଏମଡି ସାଇରୁଲ ହକ୍ ଓ ନୀଳଗିରି ବିଜୁଜନତା ଦଳର ବିଧାୟକ ପ୍ରାର୍ଥୀ ସନ୍ତୋଷ ଖଟୁଆଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଜିଲ୍ଲା ଉପସଭାପତି ଗତିକୃଷ୍ଣ ନନ୍ଦ,ନଗରସଭାପତି ରବୀନ୍ଦ୍ର ପରିଡା, ନୀଳଗିରି ନିର୍ବାଚନମଣ୍ଡଳୀର ଯୁବ ସଭାପତି ସବ୍ୟସାଚୀ ମହାପାତ୍ର,ଔପଦା ବ୍ଲକ ଯୁବ ବିଜେଡି ସଭାପତି ବିଜୟ କୁମାର ପ୍ରଧାନ, ନଗର ଯୁବ ସଭାପତି ଅଭିଷେକ ବେହେରା,ସିପ୍ତିକାନ୍ତ ମହାନ୍ତି, ଅଜୟ କୁମାର ରାଉତ, ଡଃ. ସୌଭାଗ୍ୟ ମିଶ୍ର, ସୁରେଶବାବୁ, ହିମାଂଶୁ ରାୟବାବୁ, ପ୍ରୀତିଶଙ୍କର ପ୍ରଧାନ, ଗୟାଧର ଦାସ, ଦେବାଶିଷ ଦାସ, ସିଦ୍ଧେଶ୍ୱର ଦାସବାବୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଛନ୍ତି ।

# ରାଜପୁର ପଂଚାୟତ ସ୍ତରୀୟ କୋଭିଦ୍ ସମୀକ୍ଷା : ଯୋଦ୍ଧାଙ୍କୁ ପ୍ରୋତ୍ସାହନ ଜରୁରୀ

ଜଳେଶ୍ୱର, ୨/୯ (ନି.ପ୍ର) : ଦେଶରେ କୋଭିଦ୍ ସଂକ୍ରମଣ ଯୋଗୁଁ ପ୍ରବାସୀମାନେ ଜଳେଶ୍ୱରକୁ ଫେରିଥିବା ବେଳେ ପଂଚାୟତର ଟିଏମ୍‌ସି କେନ୍ଦ୍ର ମାନଙ୍କରେ ଥଇଥାନର ବ୍ୟବସ୍ଥା ହୋଇଥିଲା । ଜଳେଶ୍ୱର ବ୍ଲକରେ ରାଜପୁର ପଂଚାୟତ ଟିଏମ୍‌ସି ବନ୍ଦ ହେବାପରେ ପଂଚାୟତରେ କାର୍ଯ୍ୟଦକ୍ଷତା ଦେଖାଇଥିବା ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ଓ ଜଳେଶ୍ୱରର ସାମ୍ବାଦିକ ମାନଙ୍କୁ ନେଇ ଏକ ଆଲୋଚନା ଚକ୍ର ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ସରପଂଚ ଦିଲ୍ଲିପ କୁମାର ପରିଡା ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ କୋଭିଦ୍ କାର୍ଯ୍ୟକ୍ରମ ପାଇଁ ଦଳମତ ନିର୍ବିଶେଷରେ ଏକ କମିଟି ଗଠନ କରାଯାଇଥିଲା । ସେହି କମିଟି ତଥା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଲାଇଫ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ଦିପ୍ତିରଂଜନ ସେଠୀ କରୋନା ମହାମାରୀ, ପ୍ରଶାସନୀକ ବ୍ୟବସ୍ଥା ଓ ଗାଁ ଟିଏମ୍‌ସି କେନ୍ଦ୍ରରେ ରହି ପ୍ରବାସୀମାନେ ଶୃଙ୍ଖଳିତ ଭାବେ ଯୋଗ ଓ ମନୋରଂଜନ କାର୍ଯ୍ୟକ୍ରମରେ କିପରି ମାତି ରହିଥିଲେ ସେ ସଂପର୍କରେ କହିଥିଲେ । ଲାଇଫର ସଂପାଦକ ତ୍ରିଲୋଚନ ଗିରି ପ୍ରତ୍ୟେକ କାର୍ଯ୍ୟରେ ଶ୍ରେଷ୍ଠତ୍ୱ ପ୍ରତିପାଦନ କରୁଥିବା ବ୍ୟକ୍ତିଙ୍କୁ ପ୍ରତ୍ସୋହନ ଦିଆଗଲେ ସେମାନେ ଅଧିକ କାର୍ଯ୍ୟକରିବାର ମାନସିକତା ସୃଷ୍ଟି ହୁଏ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦୁର୍ଗାଶଙ୍କର ଭୂୟାଁ, ହରିଶ୍ଚନ୍ଦ୍ର ଭୂୟାଁ, ବିନୋଦ କୁମାର ଭୂୟାଁ, ମଧୁସୂଦନ ଦାସ, ପ୍ରଶାନ୍ତ ପ୍ରଧାନ, ତପୁ ବିଶ୍ୱାଳ, ଶାନ୍ତିଲତା ଖଟୁଆ, ଗଣେଶ ପାତ୍ର, ରବିନାରାୟଣ ମିଶ୍ର, ରାଧାଶ୍ୟାମ ସାହୁ, ଉତ୍ତମ ପାତ୍ର ପ୍ରମୁଖ ଉପସ୍ଥିତ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଜୀବନ ବଂଚାଇବା ପାଇଁ ସଂଘର୍ଷ



ନୀଳଗିରି,୨।୯ (ନି.ପ୍ର): ଜୀବନ ଓ ଜୀବିକା ଗୋଟାଏ ମୁଦ୍ରାର ଦୁଇଟି ପାର୍ଶ୍ୱଭଳି । ଯେତେବେଳେ ମଣିଷ ଅକ୍ଷମ ହୋଇଯାଏ । ସେତେବେଳେ ତାର, ଜୀବିକା ଠପ୍ ହୋଇଯାଏ । ଜୀବନ ବଂଚାଇବା ପାଇଁ ଆରମ୍ଭ ହୁଏ ସଂଘର୍ଷ । ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡର ଦକ୍ଷିନରସିଂହପୁର ଗ୍ରାମ ପଂଚାୟତର, ବଡପାଟପୁର ଗ୍ରାମରେ ଦୀର୍ଘ ୫ ବର୍ଷଧରି ପ୍ରଭାକରମଳିକ (୪୫), ପରାଲିସସ ରୋଗରେ ପୀଡିତ ହୋଇ ଶୋଇ ରହିଛନ୍ତି । ପ୍ରଥମେ ତାଙ୍କୁ ନୀଳଗିରି ହସ୍ପିଟାଲ, ପରେ ବାଲେଶ୍ୱର । ଅବସ୍ଥା ଗୁରୁତର ହେବାରୁ କଟକ ବଡଡାକ୍ତରଖାନାକୁ ନିଆଯାଇଥିଲ । କିନ୍ତୁ ଅର୍ଥାଭାବରୁ ଚିକିତ୍ସା ହୋଇପାରିଲା ନାହିଁ । ଗ୍ରାମଲୋକେ କିଛି ଆର୍ଥୀକ ସାହାଯ୍ୟ କରି ପୁଣି କଟକ ବଡଡାକ୍ତରଖାନାକୁ ନେଇଥିଲେ ସୁଦ୍ଧା ଭଲ ହୋଇ ପାରିନଥିଲେ । ଏବେ କିନ୍ତୁ ବଂଚିବା ପାଇଁ ଜୀବନ ସହ ସଂଘର୍ଷକରୁଛନ୍ତି ପ୍ରଭାକର । ତାଙ୍କ ପାଇଁ ସରକାରୀ ସହାୟତା ସାତ ସପନ ପାଲଟିଛି । ଘରେ ଓଳିଏ ଖାଇଲେ ଓଳିଏ ଉପବାସ ରହିବାକୁ ପଡୁଛି । ପ୍ରଭାକରଙ୍କ ସ୍ତ୍ରୀ ପରଘରେ କାମ କଲେ ଘରେ ଚୁଲିଜଳେ । ଏଭଳି କ୍ଷେତ୍ରରେ ଯଦି ସେ ପରିବାରକୁ ସରକାରୀ ସହାୟତା କିଛି ମିଳିପାରନ୍ତା ତାହାଲେ ପ୍ରଭାକରଙ୍କ ପରିବାର ଶାନ୍ତିରେ ଚଳି ପାରନ୍ତା ବୋଲି ତାଙ୍କ ସ୍ତ୍ରୀ କୋହ ଭରାକଣ୍ଠରେ ଆମ ପ୍ରତିନିଧିଙ୍କ ଆଗରେ ପ୍ରକାଶ କରିବା ସହିତ ଉକ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀମାନେ ଦାବୀକରିଛନ୍ତି ।

# ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୧ ଲକ୍ଷ ଟଙ୍କା ପ୍ରଦାନ

ଭୁବନେଶ୍ୱର , ୦୨ ସେପ୍ଟେମ୍ବର – ଫରେଷ୍ଟ ପାର୍କ ପ୍ରାତଃଭ୍ରମଣ ଆସୋସିଏସନ (ବିଜୁ ପଟ୍ଟନାୟକ ପାର୍କ)ର ସଭାପତି ଶ୍ରୀ ଦୁର୍ଗାଚରଣ ଦାଶଙ୍କ ନେତୃତ୍ୱରେ ପାର୍କର ସଭ୍ୟମାନେ ଏକଲକ୍ଷ ଟଙ୍କା ଆଦାୟ କରି ଏହି ଟଙ୍କାକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ କୋଭିଡ଼-୧୯ ପ୍ରପୀଡ଼ିତ ଗରିବ ଏବଂ ନିଷ୍ପେସିତ ବ୍ୟକ୍ତିମାନଙ୍କ ଚକିତ୍ସା ପାଇଁ ପ୍ରଦାନ କରିଛନ୍ତି । ଏକଲକ୍ଷ ଟଙ୍କାର ଚେକ୍ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ତାଙ୍କ ବାସଭବନରେ ପ୍ରଦାନ କରିଥିଲେ । ଏଥିରେ ପାର୍କର କର୍ମକର୍ତା ଶ୍ରୀ ଦୁର୍ଗାଚରଣ ଦାଶ, ଶ୍ରୀ ପ୍ରଶାନ୍ତ ପରିଡ଼ା, ଶ୍ରୀ କୁଳମଣି ନାୟକ, ଶ୍ରୀମତୀ ଲିଳାବତୀ ସାହୁ ଓ ଶ୍ରୀ ରଣଜିତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# ରାଜ୍ୟରେ ବିଭିନ୍ନ ଜିଲ୍ଲାରେ କରୋନା ସ୍ଥିତି

ଭୁବନେଶ୍ୱର,୨।୯ (ନି.ପ୍ର): ଆଜି ଖୋର୍ଦ୍ଧା ଜିଲ୍ଲାରେ ୭୩୧ଟି ନୂଆ କରୋନା ମାମଲା ସାମନାକୁ ଆସିବା ପରେ ଜିଲ୍ଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ି ୧୮୧୫୯ ହୋଇଛି । ସେହିପରି ଗଂଜାମ ଜିଲ୍ଲାରେ ୧୬୯ କରୋନା ମାମଲା ସାମନାକୁ ଆସିବା ପରେ ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ୧୮୨୩୮ ରେ ପହଂଚିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଏହି ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଆଜି ସୁଦ୍ଧା ଅନୁଗୁଳ ଜିଲ୍ଲାରେ ୯୭୫, ବାଲେଶ୍ୱର ଜିଲ୍ଲାରେ ୩୯୩୪, ବରଗଡ ଜିଲ୍ଲାରେ ୨୩୯୫, ଭଦ୍ରକ ଜିଲ୍ଲାରେ ୨୮୧୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ବଲାଙ୍ଗିର ଜିଲ୍ଲାରେ ୧୮୬୨ . ବୌଦ୍ଧ ଜିଲ୍ଲାରେ ୬୫୪, କଟକ ଜିଲ୍ଲାରେ ୮୯୯୪, ଦେବଗଡ ଜିଲ୍ଲାରେ ୨୦୮, ଢେଙ୍କାନାଳ ଜିଲ୍ଲାରେ ୧୭୯୬. ଗଜପତି ଜିଲ୍ଲାରେ ୨୯୦୪, ଜଗତସିଂହପୁର ଜିଲ୍ଲାରେ ୧୯୮୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଯାଜପୁର ଜିଲ୍ଲାରେ ୩୯୯୫ , ଝାରସୁଗୁଡା ଜିଲ୍ଲାରେ ୧୩୮୦, କଳାହାଣ୍ଡି ଜିଲ୍ଲାରେ ୧୪୫୨, କନ୍ଧମାଳ ୨୨୫୭, କେନ୍ଦ୍ରାପଡା ଜିଲ୍ଲାରେ ୧୯୩୯, କେନ୍ଦୁଝର ଜିଲ୍ଲାରେ ୨୦୭୧ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରେ ୩୭୧୫ , ମାଲକାନଗିରି ଜିଲ୍ଲାରେ ୨୪୧୮, ମୟୂରଭଂଜ ଜିଲ୍ଲାରେ ୩୭୯୪. ନବରଙ୍ଗପୁର ଜିଲ୍ଲାରେ ୧୧୮୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇ ସାରିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ନୟାଗଡ ଜିଲ୍ଲାରେ ୩୧୧୫, ନୂଆପଡା ଜିଲ୍ଲାରେ ୫୫୮ , ପୁରୀ ଜିଲ୍ଲାରେ ୩୮୫୩, ରାୟଗଡା ଜିଲ୍ଲାରେ ୪୮୬୧. ସମ୍ବଲପୁର ଜିଲ୍ଲାରେ ୨୯୮୪ . ସୁବର୍ଣ୍ଣପୁର ଜିଲ୍ଲାରେ ୭୪୬ ଓ ସୁନ୍ଦରଗଡ ଜିଲ୍ଲାରେ ୪୫୩୫ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

# ଦିନକରେ ରେକର୍ଡ଼ ସଂଖ୍ୟକ ୧୯୪ ପଜିଟିଭ୍

## ୩୯୩୪କୁ ବୃଦ୍ଧି ଜିଲ୍ଲାର ସଂକ୍ରମିତଙ୍କ ସଂଖ୍ୟା

ବାଲେଶ୍ୱର,୨।୯ (ନି.ପ୍ର): ସାମ୍ପ୍ରତିକ ସ୍ଥିତିରେ ବଢ଼ି ଚାଲିଥିବା କରୋନା ସଂକ୍ରମଣ ସମସ୍ତଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ରାଜ୍ୟର ଅନ୍ୟ ଜିଲ୍ଲା ତୁଳନାରେ ଦିନକୁ ଦିନ ବାଲେଶ୍ୱରର ସ୍ଥିତି କ୍ରମଶଃ ବିଗିଡ଼ିବାରେ ଲାଗିଛି । ଗତ ୨ ସପ୍ତାହ ଧରି ଦୈନିକ ସଂକ୍ରମଣ ହାର ୧୦୦ ଉପରେ ରହୁଥିବା ବାଲେଶ୍ୱର ଜିଲ୍ଲାରେ ଆଜି ଗୋଟିଏ ଦିନରେ ରେକର୍ଡ଼ ସଂଖ୍ୟକ ୧୯୪ ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ଜିଲ୍ଲାବାସୀଙ୍କ ପାଇଁ ଉଦ୍‌ବେଗର ବିଷୟ ହୋଇଛି । ଅଦ୍ୟାବଧି ଜିଲ୍ଲାରେ ସଂକ୍ରମିତଙ୍କ ସଂଖ୍ୟା ୩ ହଜାର ୯୩୪ରେ ପହଞ୍ଚିଥିବା ବେଳେ ଆଜି ୫୭ ବର୍ଷର ଜଣେ ପୁରୁଷ ବ୍ୟକ୍ତିଙ୍କର କରୋନା ରୋଗୀର ମୃତ୍ୟୁ ହେବା ସହ ଜିଲ୍ଲାର କରୋନା ଜନିତ ମୃତ୍ୟୁ ସଂଖ୍ୟା ୧୨ରେ ପହଞ୍ଚିଛି । ଅନ୍ୟପକ୍ଷରେ ଆଜିସୁଦ୍ଧା ଜିଲ୍ଲାରେ ୨,୯୨୫ ଜଣ କରୋନା ରୋଗୀ ସୁସ୍ଥ ହୋଇଥିବା ବେଳେ ଏକ୍ଟିଭ୍ ଥିବା ୯୯୨ ଜଣ କରୋନା ଆକ୍ରାନ୍ତ ଏବେ କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ତେବେ ବ୍ଲକ ତୁଳନାରେ ବାଲେଶ୍ୱର ପୌରାଞ୍ଚଳ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବଢୁଥିବା ସଂକ୍ରମଣ ସମସ୍ତଙ୍କ ଚିନ୍ତା ବଢ଼ାଇଛି । ଆଜି ଜିଲ୍ଲାରେ ଚିହ୍ନଟ ହୋଇଥିବା ୧୯୪ ଜଣ ପଜିଟିଭ୍‌ଙ୍କ ମଧ୍ୟରୁ ବାଲେଶ୍ୱର ପୌରାଞ୍ଚଳରେ ୧୧ ଜଣ ଥିବା ବେଳେ ମୁଖ୍ୟଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ୨୦ ଜଣ ମହିଳା କରୋନା ପିଜିଟିଭ୍ ହୋଇଛନ୍ତି । ସେହିଭଳି ବାହାନଗା ବ୍ଲକ ପୋଡ଼ାଡିହାରେ ୮ ଜଣ, ବାଲିଆପାଳ ବ୍ଲକ ଜାମ୍ବିରାଇରେ ୫ ଜଣ, ଖଇରା ବ୍ଲକ ବାହାରପୁରରେ ୪ ଜଣ, ନୀଳଗିରି ବ୍ଲକର ଖରାଡିହାରେ ୧୬ ଜଣ, ରେମୁଣା ବ୍ଲକ ଭୀମପୁରାରେ ୧୨ ଜଣ ଓ ଜାନୁଗଞ୍ଜରେ ୪ ଜଣ, ସଦର ବ୍ଲକର ନୂଆପୁରରେ ୮ ଜଣ ଓ ଶାସଙ୍ଗରେ ୯ ଜଣ, ସୋର ବ୍ଲକ କେଦାରାପୁରରେ ୨୭ ଜଣ ଏକକାଳୀନ ପଜିଟିଭ ଭାବେ ଚିହ୍ନଟ ହେବା ସ୍ଥାନୀୟ ସଂକ୍ରମଣକୁ ସଙ୍ଗୀନ ସ୍ଥିତିରେ ପଞ୍ଚାଇବାର ଆଶଙ୍କା ଦେଖାଦେଇଛି ।

# ଆଜି ଚିହ୍ନଟ ହେଲେ ଆଉ ୮୭ ଆକ୍ରାନ୍ତ : ଜଣେ ମୃତ

ଭଦ୍ରକ,୨।୯ (ନି.ପ୍ର): ଆଜି ଆଉ ନୂଆ ୮୭ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଜଣେ ଆକ୍ରାନ୍ତଙ୍କ ମୃତ୍ୟୁ ମଧ ହୋଇଛି । ଫଳରେ ଜିଲ୍ଲାର ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨୮୧୪ରେ ପହଞ୍ଚିଥିବା ବେଳେ ମୃତ୍ୟୁ ସଂଖ୍ୟା ୮ରୁ ବୃଦ୍ଧି ହୋଇ ୯ ହୋଇଛି । ସେହିଭଳି ସୁସ୍ଥଙ୍କ ସଂଖ୍ୟାରେ ମଧ ବୃଦ୍ଧି ଘଟି ୨୧୩୯ ହୋଇଥିବା ବେଳେ ଏବେ ଆଉ ୬୬୬ଜଣ ଆକ୍ରାନ୍ତ ଚିକିତ୍ସାଧୀନ ରହିଛନ୍ତି । ତେବେ ଆଜି ଯେଉଁସବୁ ଅଞ୍ଚଳରୁ ଆକ୍ରାନ୍ତମାନେ ଚିହ୍ନଟ ହୋଇଛନ୍ତି ସେହିସବୁ ଅଞ୍ଚଳ ହେଲା ଭୁବନେଶ୍ୱରର କିମ୍ସ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଚାନ୍ଦବାଲି ବ୍ଲକ ଆରଡି ପଞ୍ଚାୟତର ଜଣେ, ଏମ୍ସ୍‌ରେ ଚିକିତ୍ସିତ ହେଉଥିବା ଭଦ୍ରକ ପୌରପାଳିକାର ୨୧ ନଂ ୱାର୍ଡର ଜଣେ, ଅଶ୍ୱିନୀ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ୧୩ ନଂ ୱାର୍ଡର ଜଣେ ଚିହ୍ନଟ ହୋଇଛନ୍ତି । ସେହିଭଳି ଭଦ୍ରକ ବ୍ଲକର କୋରକୋରା ପଞ୍ଚାୟତରୁ ଜଣେ, ବହୁଦରଡା ପଞ୍ଚାୟତରୁ ୧୦, ଚଣ୍ଡିଗାଁ ପଞ୍ଚାୟତରୁ ୨ଜଣ, ବନ୍ଧଗାଁ ପଞ୍ଚାୟତରୁ ଜଣେ, ଚରମ୍ପାରୁ ୩, ଗେଲପୁରରୁ ଜଣେ, ଖଣ୍ଡତଡାରୁ ଜଣେ, ରାନ୍ଦିଆରୁ ୪, ରାହାଞ୍ଜରୁ ଜଣେ, ଆର.ଏନ.ବେତଡାରୁ ୨, ସାବରଙ୍ଗରୁ ଜଣେ, ଭଣ୍ଡାରିପୋଖରୀ ବ୍ଲକର ଦକ୍ଷିଣବାଡ ପଞ୍ଚାୟତରୁ ୨, ନୂଆଗାଁ ପଞ୍ଚାୟତରୁ ୩, କୁରିଗାଁରୁ ଜଣେ, ରହଣିଆରୁ ଜଣେ, ରାମଚନ୍ଦ୍ରପୁରରୁ ୨, ସରସଦାରୁ ଜଣେ, ତେସିଙ୍ଗାରୁ ୨, ନପଙ୍ଗରୁ ଜଣେ, ତିହିଡି ବ୍ଲକର କାଁପଡା ପଞ୍ଚାୟତରୁ ୨ଜଣ, ଭାଟପଡା ପଞ୍ଚାୟତରୁ ଜଣେ, ବିଳଣାରୁ ଜଣେ, ବୋଡକରୁ ଜଣେ, ଦୋଳସାହିରୁ ୬, ଚାନ୍ଦବାଲି ବ୍ଲକର ଦୋସିଙ୍ଗା ପଞ୍ଚାୟତରୁ ୨ଜଣ, ଗୋଲାଡିହା ପଞ୍ଚାୟତରୁ ଜଣେ, ଧାମନଗର ବ୍ଲକ ଧୁଷୁରୀ ପଞ୍ଚାୟତରୁ ୨ଜଣ, ବାସୁଦେବପୁର ବ୍ଲକ ଲକ୍ଷ୍ମୀଦାସପୁର ପଞ୍ଚାୟତରୁ ଜଣେ, ଅରଣ୍ଡୁଆ ପଞ୍ଚାୟତରୁ ଜଣେ, ବାସୁଦେବପୁର ପୌରପାଳିକାର ବାଲିନଗର ଅଞ୍ଚଳରୁ ଜଣେ, ୧୮ ନଂ ୱାର୍ଡରୁ ଜଣେ,୨୩ ନଂ ୱାର୍ଡରୁ ଜଣେ, ଭଦ୍ରକ ପୌରପାଳିକାର ୧୦ ନଂ ୱାର୍ଡରୁ ଜଣେ, ୧୨ ନଂ ୱାର୍ଡରୁ ୨, ୧୩ ନଂ ୱାର୍ଡରୁ ଜଣେ, ୨୯ ନଂ ୱାର୍ଡରୁ ୨ଜଣ, ୫ ନଂ ୱାର୍ଡରୁ ୨ଜଣ, ୬ ନଂ ୱାର୍ଡରୁ ୨, ୭ ନଂ ୱାର୍ଡରୁ ଜଣେ, ବନ୍ତ ବ୍ଲକଆଡିଆ ପଞ୍ଚାୟତରୁ ୨ଜଣ, ବଡବର୍ଚ୍ଚିକୟାଁରୁ ୨, ବନ୍ତ ପଞ୍ଚାୟତରୁ ୨, ଗଣିଜାଙ୍ଗରୁ ଜଣେ, ଓଡଙ୍ଗରୁ ଜଣେ ଚିହ୍ନଟ ହୋଇଥିବା ବେଳେ ଅନ୍ୟ ଜିଲ୍ଲା ଭାବେ ବାଲେଶ୍ୱର ଜିଲ୍ଲାର ସମୁଳିଆ ଅଞ୍ଚଳରୁ ଜଣେ ଏବଂ ବାଉଁମଣି ଅଞ୍ଚଳରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

# ଗୁଣପୁରରେ ଜନସେନା ଦଳର ଅଧ୍ୟକ୍ଷଙ୍କ ଜନ୍ମଦିବସ ପାଳିତ



ଗୁଣପୁର,୨।୯ (ନି.ପ୍ର): ରାୟଗଡା ଜିଲ୍ଲା ଗୁଣପୁର କରାବାଙ୍କ ସ୍ଥିତ ବେଦାନ୍ତ ଆଶ୍ରମ ପରିସରରେ ଜନସେନା ଦଳର ଅଧ୍ୟକ୍ଷ ତଥା ତେଲୁଗୁ ଚଳଚ୍ଚିତ୍ରର ଅଭିନେତା ସୁପର ଷ୍ଟାର ପବନ କଲ୍ୟାଣଙ୍କ ଜନ୍ମଦିବସ ପାଳିତ ହୋଇଯାଇଛି । ଗୁଣପୁର ଅଞ୍ଚଳର ପବନ କଲ୍ୟାଣଙ୍କ ଦୃଢ଼ ପ୍ରଶଂସକ ଓ ସମର୍ଥକ ଭି,ଶ୍ରୀରାମ ମୂର୍ତ୍ତୀଙ୍କ ତତ୍ତ୍ୱାବଧନରେ ଏହି ମହାନ ଅଭିନେତାଙ୍କ ଜନ୍ମଦିବସ ଅନ୍ତେବାସୀଙ୍କ ଗ୍ରହଣରେ ପାଳିତ ହୋଇଥିଲା । ଏହି ଅବସରରେ ଅନ୍ତେବାସୀଙ୍କୁ ପୋଷାକ ବଣ୍ଟନ କରାଯାଇଥିଲା । ପବନ କଲ୍ୟାଣଙ୍କ ଜନ କଲ୍ୟାଣ କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ । କୋଭିଡ ମହାମାରୀ ପରିସ୍ଥିତିରେ ଆନ୍ଧ୍ରପ୍ରଦେଶ ସମେତ ଓଡିଶା ଆନ୍ଧ୍ର ସୀମାନ୍ତ ଅଂଚଳରେ ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟ, ପ୍ରବାସୀଙ୍କୁ ସହାୟତା ଯୋଗାଇ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିବା ଜଣାପଡିଛି । ଆନ୍ଧ୍ର ପ୍ରଦେଶ ଶ୍ରୀକାକୁଲମ ଜିଲ୍ଲାର ପି. ରାମ ମୋହନ, ଇନ୍ଦ୍ରାକ୍ଷୀ ଦାସ, ସାଇ, କିରଣ , ମୀନା ମହାପାତ୍ର ଓ ସମର୍ଥକମାନେ ପବନ କଲ୍ୟାଣଙ୍କୁ ଜନ୍ମ ଦିନର ଶୁଭେଚ୍ଛା ଜଣାଇଥିଲେ ।

# ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତରଙ୍କ ବଦଳିକୁ ବିରୋଧ

## ଜିଲ୍ଲାପାଳଙ୍କଠାରେ ଯୁବ କଂଗ୍ରେସର ଫେରାଦ



ବାଲେଶ୍ୱର,୨।୯ (ନି.ପ୍ର): କୋଭିଡ ଭଳି ସଙ୍ଗୀନ ସ୍ଥିତିରେ ଜନସାଧାରଣଙ୍କୁ ଉଚିତ ସେବା ଯୋଗାଇ ଆସୁଥିବା ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର କାର୍ଯ୍ୟରତ ଡାକ୍ତରଙ୍କ ବଦଳିକୁ ନେଇ ବିଭିନ୍ନ ମହଲରେ ବିରୋଧର ସ୍ୱର ଉଠିଛି । ବଦଳି ବାତିଲ ଦାବିରେ ବସ୍ତା ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ କମିଟିର ଏକ ପ୍ରତିନିଧି ଦଳ ଆଜି ଜିଲ୍ଲାପାଳଙ୍କଠାରେ ଫେରାଦ ହୋଇଛନ୍ତି । ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ମାଣିକ ରତନ ପ୍ରଧାନ ବସ୍ତା ହସପିଟାଲରେ ରହିବା ଦିନଠାରୁ ସେ ଅଞ୍ଚଳରେ ଲୋକଙ୍କୁ ଉଚିତ ସ୍ୱାସ୍ଥ୍ୟ ସେବା ମିଳିଆସୁଛି ବୋଲି ସେମାନେ କହିଛନ୍ତି । ବିଶେଷ କରି ତାଙ୍କର ନିଷ୍ଠାପର ସେବା ଓ ଉତ୍ତମ ବ୍ୟବହାରରେ ଜନସାଧାରଣ ସନ୍ତୁଷ୍ଟ ଥିବାବେଳେ ସେ ଅଞ୍ଚଳରେ ଶିଶୁ ଓ ମାତୃ ମୃତ୍ୟୁହାର ମଧ୍ୟ ଅନେକାଂଶରେ ହ୍ରାସ ପାଇଥିବା ଯୁବକଂଗ୍ରେସ କର୍ମୀମାନେ କହିଛନ୍ତି । ଏଭଳି ସ୍ଥିତିରେ ଡାକ୍ତର ପ୍ରଧାନଙ୍କୁ ଡେପୁଟେସନରେ ଅନ୍ୟତ୍ର ବଦଳି କରାଯିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ସେମାନେ କ୍ଷୋଭର ସହ ପ୍ରକାଶ କରିଛନ୍ତି । ଫଳରେ ପ୍ରତିଦିନ ମେଡିକାଲକୁ ଆସୁଥିବା ଲୋକେ ସେବା ନପାଇ ନିରାଶ ହୋଇ ଫେରୁଛନ୍ତି । ତୁରନ୍ତ ତାଙ୍କୁ ବସ୍ତା ମେଡିକାଲରେ ପୁନଃ ଅବସ୍ଥାପନ ପାଇଁ ସେମାନେ ଦାବି କରିଛନ୍ତି । ଏନେଇ ସେମାନେ ଏକ ଦାବିପତ୍ର ବାଲେଶ୍ୱର ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି । ଦାବିପତ୍ର ପ୍ରଦାନ ବେଳେ ବସ୍ତା ମଣ୍ଡଳୀ ଯୁବକଂଗ୍ରେସ ସଭାପତି ସୁଧାଂଶୁ ଶେଖର ଜେନା, ସମିତି ସଭ୍ୟ ଶମ୍ଭୁନାଥ ସିଂ ପ୍ରମୁଖଙ୍କ ସମେତ ବହୁସଦସ୍ୟ ଉପସ୍ଥିତ ଥିଲେ ।

# ଖରଡିହା ଗାଁରେ ୧୬ କରୋନା ଚିହ୍ନଟ : ଲୋକେ ଆତଙ୍କିତ

ନୀଳଗିରି,୨।୯ (ନି.ପ୍ର): କରୋନା ମହାମାରୀ ଦିନକୁ ଦିନ କାୟା ବିସ୍ତାର କରୁଥିବାବେଳେ ଏଠାରୁ ବାଦ ପଡିନାହିଁ ନୀଳଗିରି ଉପଖଣ୍ଡର ଜାମୁଡିହା ପଂଚାୟତ ଓ ଜଡିଦା ପଂଚାୟତର ଖରଡିହା ଗ୍ରାମରେ ୧୬ ଜଣଙ୍କୁ କରୋନା ପୋଜେଟିଭ ବାହାରିବା ପରେ ଲୋକେ ଆତଙ୍କିତ ହୋଇପଡିଛନ୍ତି । ଅପରପକ୍ଷରେ ଏଥିରେ କିଛି ଭୟଭୀତ ନହୋଇ ମୁକାବିଲା କରିବାକୁ ଉପଜିଲ୍ଲାପାଳ ଆହ୍ୱାନ ଦେବା ସହିତ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରତିକାର ବ୍ୟବସ୍ଥା କରାଯାଉଛି ବୋଲି କହିଛନ୍ତି ।

# ଅବହେଳିତ ଅବସ୍ଥାରେ ମିତ୍ରପୁର ସ୍ୱାସ୍ଥ୍ୟକେନ୍ଦ୍ର

## ପ୍ରଶାସନ ଶୁଭଦୃଷ୍ଟି ନଦେଲେ ସ୍ଥାନିୟ ବାସିନ୍ଦାଙ୍କ ଆନ୍ଦୋଳନର ଧମକ୍




ନୀଳଗିରି,୨।୯ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଅଧିନସ୍ଥ ମିତ୍ରପୁର ବଜାରରେ ଅବସ୍ଥିତ ମିତ୍ରପୁର ଡାକ୍ତରଖାନା । ସ୍ୱାସ୍ଥ୍ୟକେନ୍ଦ୍ରଟି ପ୍ରଶାସନର ଶୁଭଦୃଷ୍ଟି ନପଡିବାରୁ ସଂପ୍ରତି ଅବହେଳିତ ଅବସ୍ଥାରେ ପଡିରହିଛି । ଫଳରେ ଜନସାଧାରଣ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏନେଇ ସ୍ଥାନୀୟ ବାସିନ୍ଦା ମାନେ ରାଜନେତା ଓ ପ୍ରଶାସନ ଅଧିକାରୀଙ୍କୁ ବାରମ୍ବାର ଦୃଷ୍ଟି ଆକର୍ଷଣ କରୁଥିଲେ ବି ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନଥିବା ଯୋଗୁଁ ସ୍ଥାନୀୟ ବାସିନ୍ଦା ମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି ।ନେତାଙ୍କ ଓ ପ୍ରଶାସନ ଅଧିକାରୀଙ୍କ ପ୍ରତିଶୃତି ହିଁ ପ୍ରତିଶୃତିରେ ରହିଥିବା ନେଇ ଅଭିଯୋଗ ହୋଇଛି । ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ କେଫି ଲାଖରାଜ, ବେଗୁନିଆ, ମଛୁଆ, ପୁନ୍ଦାଳ ରାଧାକିଶୋରପୁର, ସମତେ ପ୍ରାୟ ୧୦ଟି ପଂଚାୟତର ହଜାର ହଜାର ଲୋକେ ନିର୍ଭର କରନ୍ତି । ଗୋଟିଏ ପଟେ ସ୍ୱାସ୍ଥ୍ୟକର୍ମୀ ଓ ହସ୍ପିଟାଲର ଭବିଷ୍ୟତ ଅନ୍ୟପଟେ ସ୍ୱାସ୍ଥ୍ୟସେବାକୁ ନେଇ ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ? ଏହି ଅଂଚଳଟି ଖଣି ଖାଦାନ ହୋଇଥିବାରୁ ସେଠାକାର ଲୋକେ ମ୍ୟାଲେରିଆ, ଯକ୍ଷ୍ମା ଓ ଝାଡାବାନ୍ତିରେ ଆକ୍ରାନ୍ତ ହେବା ସହିତ ପ୍ରତ୍ୟେକ ଦିନ ଛୋଟବଡ ଦୁର୍ଘଟଣାରେ ସମ୍ମୁଖୀନ ହୋଇଥାନ୍ତି । ୯୦ ଦଶକରେ ଏହାକୁ ଆଖି ଆଗରେ ରଖି ସ୍ଥାନୀୟ ବାସିନ୍ଦାଙ୍କ ପ୍ରଚେଷ୍ଟାରେ ଉକ୍ତ ଡାକ୍ତରଖାନାଟି ନିର୍ମାଣ କରିଥିଲେ । ସରକାରୀ ନିୟମ ଅନୁଯାୟୀ ଜାଗା ଓ ଆବଶ୍ୟକୀୟ କାଗଜପତ୍ର ଥିଲେ ସୁଦ୍ଧା ବି ଆଜି ପର୍ଯ୍ୟନ୍ତ ଉକ୍ତ ଡାକ୍ତରଖାନାକୁ ସରକାରୀ କରଣ ହୋଇପାରି ନାହିଁ । ଏନେଇ ଜନସାଧାରଣ ବହୁ ଅସୁବିଧାରେ ପଡୁଛନ୍ତି । ଏଥିପ୍ରତି ସରକାର ଦୃଷ୍ଟି ଦେବା ତ ଦୂରର କଥା ପ୍ରତିଶୃତି ମୁତାବକ କାଂଶ ଡାକ୍ତରଖାନା ରୁ ଆସୁଥିବା ଡାକ୍ତର ୨ ବର୍ଷ ହେବ ଏଠାକୁ ରୋଗୀ ଦେଖିବାକୁ ଆସୁନଥିବାବେଳେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଔଷଧ ମିଳୁନାହିଁ । ଯାହା ଫଳରେ ଅଂଚଳରେ ଘୋର ଅସନ୍ତୋଷ ଦେଖାଦେଇଛି । ଯଦି ଆଗାମୀ ୭ ଦିନ ମଧରେ ସ୍ଥାୟୀ ପ୍ରତିକାର କରାନଯାଏ ତାହାଲେ ସ୍ଥାନୀୟ ଜନସାଧାରଣ ରାଜରାସ୍ତାକୁ ଓହ୍ଲାଇବେ ବୋଲି ହସ୍ପିଟାଲ ପରିଚାଳନା କମିଟିର ସଦସ୍ୟ ନିରଂଜନ ଲେଙ୍କା, କାର୍ତ୍ତିକ ଦାସ, ଅଗଣି ସାହୁ, ସରପଂଚ ଦିବ୍ୟା ସିଂ, ପ୍ରମୁଖ ଚେତାବନୀ ଦେବା ସହ ଲିଖିତ ଭାବେ ଉପଜିଲ୍ଲାପାଳ ହରିଶଚନ୍ଦ୍ର ଜେନାଙ୍କୁ ଜଣାଇଛନ୍ତି ।

# ମ୍ୟୁନିସିପାଲଟିର ଦୁର୍ନିତୀ ନେଇ ସମୀକ୍ଷା କରୁଛି କଂଗ୍ରେସ : ମାଗିବ ହିସାବ

ଜଳେଶ୍ୱର, ୨/୯ (ନି.ପ୍ର) : ଜଳେଶ୍ୱର ମ୍ୟୁନିସିପାଲଟିର ବିଭିନ୍ନ କାର୍ଯ୍ୟାବଳୀର ହିସାବ ମାଗୁଛି କଂଗ୍ରେସ ଶୀର୍ଷକ ଘଟଣାରେ ଆଜି ଏକ ବୈଠକ ଜଳେଶ୍ୱର ଇନ୍ ହୋଟେଲ ଠାରେ ଅନୁଷ୍ଠିତ ହୋଇ ଯାଇଛି । ଜଳେଶ୍ୱର ପୌର ପରିଷଦରେ ବିକାଶ ନାମରେ ବ୍ୟାପକ ଦୁର୍ନିତୀ ନେଇ ଏକ ସମୀକ୍ଷା ବୈଠକ ବସିଥିବା ବେଳେ ଏଥିରେ ଟାଉନ୍ ସଭାପତି ରିଆଜ ଖାଁ ପୌରହିତ୍ୱ କରିଥିଲେ । 'ମୁଁ ମାଗୁଛି ହିସାବ, ଆପଣବି ମାଗନ୍ତୁ ହିସାବ ଶିର୍ଷକ ଏକ କ୍ୟାମ୍ପେନକୁ ସୁଶିଆଲ ମିଡିଆ ମାଧ୍ୟମରେ ମ୍ୟୁନିସିପାଲଟିର ପ୍ରତ୍ୟେକ ପରିବାରକୁ ଯୋଡିବାର ନିଷ୍ପତ୍ତି ନିଆଯାଇଛି । ପୌରାଞ୍ଚଳର ସଫେଇ କାର୍ଯ୍ୟରେ ଅତୀତରେ ୩ଲକ୍ଷ ୬୦ ହଜାର ଟଙ୍କା ମାସିକ ଖର୍ଚ୍ଚ ହେଉଥିବା ବେଳେ ଏବେ ୮ଲକ୍ଷ୭୭ହଜାର ଖର୍ଚ୍ଚ ହେଉଥିବାର ଦର୍ଶାଯାଇଥିଲେ ମଧ୍ୟ ସଫେଇରେ ସନ୍ତୁଷ୍ଟ ନୁହନ୍ତି ଜଳେଶ୍ୱର ସହରବାସୀ । କୋବିଦ-୧୯ ମୁକାବିଲା ଲାଗି କେନ୍ଦ୍ର ସରକାର କର୍ମନିଯୁକ୍ତି ପାଇଁ ମ୍ୟୁନିସିପାଲଟିକୁ ୯୭ଲକ୍ଷ ଟଙ୍କାର ଅନୁଦାନ ଦେଇଛନ୍ତି । ଏଥିରେ କେତେ ଶ୍ରମ ଦିବସ ବା ପ୍ରକଳ୍ପ ହାତକୁ ନିଆଯାଇଛି, ସେ ସଂପର୍କରେ ସମୀକ୍ଷା କରିଛି କଂଗ୍ରେସ । ନର୍ଦ୍ଦମା ଗୁଡିକ ସଫା ହେଉନଥିବା ବେଳେ ପରିଚ୍ଛନ୍ନତା ନ ଥିବା, ବିଶୁଦ୍ଧ ପାନୀୟ ଜଳ ଓ ବିଜୁଳି ଯୋଗାଣ ହେଉନଥିବା ବେଳେ ସବୁ ରାସ୍ତାକଡରେ ବିଜୁଳି ଆଲୁଅ ଜଳୁନାହିଁ । ବିଧବା ଭତ୍ତା, ବାର୍ଦ୍ଧକ୍ୟଭତ୍ତା, ଭିନ୍ନକ୍ଷମ ଭତ୍ତା, ରେସନ କାଡ, ପ୍ରଧାନମନ୍ତ୍ରୀ ଆବସ ଯୋଜନା, ରାସ୍ତାଘାଟ ନିର୍ମାଣ ଓ ପାଣି ନିଷ୍କାସନ ପ୍ରସଙ୍ଗ ସମ୍ପର୍କରେ ଆଲୋଚନା ହୋଇ ବ୍ୟାପକ ଦୁର୍ନିତୀ ସଂପର୍କରେ ସମୀକ୍ଷା କରାଯାଇଥିଲା । ପ୍ରତି ୱାର୍ଡର ଲୋକଙ୍କଠାରୁ ମତାମତ ସଂଗ୍ରହ କରି ଲୋକଙ୍କୁ ସଚେତନତା କରାଯିବ ବୋଲି ସିଦ୍ଧାନ୍ତ ହେବା ସହିତ ଯଥାଯଥ ହିସାବ ନେଇ କଂଗ୍ରେସ ପୌରପାଳିକା କର୍ତ୍ତୃପକ୍ଷଙ୍କୁ ହିସାବ ମାଗିବ ବୋଲି ସିଦ୍ଧାନ୍ତ ନେଇଛି । ଏଥିରେ ଦଳର ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସ ମୁଖ୍ୟ ଅତିଥିଭାବେଯୋଗ ଦେଇଥିବା ବେଳେ ଆଇନ୍‌ଜିବୀ ଗିରିଜା ଶଂକର ଦାସ, ଦେବିଦାସ ଗିରି, ପୂର୍ବତନ କାଉନ୍‌ସିଲର ଜଗଦୀଶ ନନ୍ଦି ପ୍ରମୁଖ ଅତିଥିଭାବେ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ହେମନ୍ତ ଗିରି, ଚିତ୍ତରଂଜନ ସାହୁ, ରାଜୀବ ପରିଡା, ଗୋପାଳ ଚନ୍ଦ, ପ୍ରଦୀପ ଭଂଜ, ହରିଶଂକର ପଣ୍ଡା, ବିରଜା ପାଠୀ, ବିନୋଦ ଦାସ, ବିରଞ୍ଚି ଭୂୟାଁ ଓ ଲକ୍ଷ୍ମୀଧର ସାମଲ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ରାଜ୍ୟବାସୀଙ୍କ ଦୁଃଖ ସମୟରେ ସମ୍ବେଦନଶୀଳ ହୁଅନ୍ତୁ ରାଜ୍ୟ ସରକାର

ଭୁବନେଶ୍ୱର ,୨।୯ (ନି.ପ୍ର): କରୋନା ବିପତି ଓ ବନ୍ୟା ବିଭୀଷିକା ସମୟରେ ରାଜ୍ୟବାସୀଙ୍କର ଦୁଃଖ ଦୁର୍ଦ୍ଦଶାକୁ ହୃଦୟଙ୍ଗମ କରି ରାଜ୍ୟ ସରକାର ସମ୍ବେଦନଶୀଳତାର ସହିତ ପ୍ରଭାବିତ ଲୋକଙ୍କୁ ସାହାଯ୍ୟ କରିବା ଉଚିତ୍ ବୋଲି ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ ଏକ ପ୍ରେସ୍ ବାର୍ତ୍ତା ମାଧ୍ୟମରେ ପ୍ରକାଶ କରିଛନ୍ତି ।୨୦ ଜିଲ୍ଲା ବନ୍ୟାରେ କ୍ଷତିଗ୍ରସ୍ତ ହୋଇଛନ୍ତି । ଉଭୟ କରୋନା ଓ ବନ୍ୟା ଦାଉରେ ସାଧାରଣ ଲୋକ ହନ୍ତସନ୍ତ ହେଉଥିବା ବେଳେ ରାଜ୍ୟ ସରକାରଙ୍କର ସାହାଯ୍ୟ ରାଶି - ପ୍ରତି ପରିବାର ପିଛା ୫୦ କେଜି ଚାଉଳ ଓ ୫୦୦ ଟଙ୍କା ଅତ୍ୟନ୍ତ ନଗନ୍ୟ ଓ ସମୁଦ୍ରକୁ ଶଙ୍ଖେ ଭଳି । ଓଡିଶା ସରକାର ବାସ୍ତବ ସ୍ଥିତିକୁ ସଠିକ୍ ଭାବେ ଅନୁଧ୍ୟାନ କରି ପ୍ରଭାବିତ ଅଂଚଳର ଲୋକମାନଙ୍କ ପାଖରେ ତୁରନ୍ତ ଉପଯୁକ୍ତ ପରିମାଣର ସାହାଯ୍ୟ ରାଶି ପହଂଚାଇବା ପାଇଁ ଶ୍ରୀ ପଟ୍ଟନାୟକ ଅନୁରୋଧ କରିଛନ୍ତି । ଏତଦ୍‌ବ୍ୟତୀତ ବର୍ତ୍ତମାନର ବିପତି ସମୟରେ ସ୍କୁଲ ଫିସ୍ ଛାଡ କରାଯାଉ ଏବଂ ଏ ସଂପର୍କରେ ରାଜ୍ୟ ସରକାର ନିଜର ସ୍ପଷ୍ଟ ମତ ଓଡିଶାବାସୀଙ୍କ ଆଗରେ ରଖିବାକୁ ଶ୍ରୀ ପଟ୍ଟନାୟକ ପ୍ରକାଶ କରିଛନ୍ତି ।

# ମୟୂରଭଂଜ କଲେଜ ଅଫ୍ ଏକାଉଣ୍ଟେନସି ଏଣ୍ଡ ମେନେଜମେଂଟ ତରଫରୁ ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ବିୟୋଗରେ ଶୋକ ସଭା



ବାରିପଦା ,୨।୯ (ନି.ପ୍ର): ଭାରତର ପୂର୍ବତନ ରାଷ୍ଟ୍ରପତି ଭାରତରତ୍ନ ପ୍ରଣବ ମୁଖାର୍ଜୀଙ୍କ ବିୟୋଗରେ ଏକ ଶୋକ ସଭା ମହାରାଜପୁରସ୍ଥିତ ମୟୁରଭ କଲେଜ ଅଫ୍ ଆକାଉନଟେନ୍‌ସି ଏଣ୍ଡ ମ୍ୟାନେଜମେଂଟର କନଫାରେନ୍ସ ହଲରେ ଆୟୋଜିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ପ୍ରଦୀପ କୁମାର ନାୟକ, ମୟୂରଭଂଜ ବିଜ୍ଞାନ ଉଚ୍ଚ ମାଧମିକ ବିଦ୍ୟାଳୟର ଅଧକ୍ଷା ସଂଘମିତ୍ରା ରାଉତ, ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ମୀରା ସେନାପତି, ବିଜୟା ନାୟକ, ଅଧାପିକା ସାଗରୀକା ପଣ୍ଡା, ସବିତା ରାଣୀ ଦାଶ, ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ଫୋଟଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ସମସ୍ତ ସେବା ଯୋଜନାର ସ୍ୱେଚ୍ଛାସେବୀମାନେ ଗୋଟିଏ ମିନିଟ ନୀରବ ପ୍ରାର୍ଥନା କରିଥିଲେ । ଏହି ଶୋକ ସଭା ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ଆୟୋଜନ କରାଯାଇଥିଲା । ମହାବିଦ୍ୟାଳୟର ଅଧକ୍ଷ ପ୍ରଦୀପ କୁମାର ନାୟକ ପୂର୍ବତନ ରାଷ୍ଟ୍ରପତି ତଥା ଭାରତ ରତ୍ନ ପ୍ରଣବ ମୁଖାର୍ଜୀଙ୍କ ସ୍ମୃତି ଚାରଣ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo